

◀ ଆଜିର 'ସକାଳ'
ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-339 ◆SUNDAY ◆7 JUNE 2026 ◆PAGE-12+4 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୩୯ ◆ରବିବାର ◆୭ ଜୁନ୍ ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦





# ଲୁଧିଆନାରେ ଚଳନ୍ତା ଟ୍ରେନ୍‌ରୁ ଅଲଗା ହେଲା ବଗି

ଲୁଧିଆନା, ୬।୬(ଏଜେନ୍ସି): ନୂଆଦିଲ୍ଲୀରୁ ମାତା ବୈଷ୍ଣୋଦେବୀ କାଟ୍ରା ଯାଉଥିବା ଏକ ସ୍ପେଶାଲ୍ ଟ୍ରେନ୍ ଶନିବାର ସକାଳେ ଲୁଧିଆନା ରେଳ ଷ୍ଟେସନରୁ ଛାଡ଼ିବା ସମୟରେ ଏକ ବଡ଼ ଦୁର୍ଘଟଣାରୁ ରକ୍ଷା ପାଇଯାଇଛି। ଟ୍ରେନଟି ଗତିଶୀଳ ହେବା ମାତ୍ରେ ଦୁଇଟି ବଗିକୁ ଯୋଡୁଥିବା କପ୍ଲରଟି ହଠାତ୍ ଭାଙ୍ଗିଯାଇଥିଲା, ଯାହାଫଳରେ ଗୋଟିଏ ଶୋଇବା ବଗିର ଶୌଚାଳୟ ଅଂଶଟି ଭାଙ୍ଗି ସମ୍ପୂର୍ଣ୍ଣ ଅଲଗା ହୋଇଯାଇଥିଲା। ଏହି ସମୟରେ ଏକ ବିସ୍ଫୋରଣ ଭଳି ପ୍ରଚଣ୍ଡ ଶବ୍ଦ ହେବାରୁ ଯାତ୍ରୀମାନଙ୍କ ମଧ୍ୟରେ ତୀବ୍ର ଆତଙ୍କ ପ୍ରକାଶ ପାଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇ ରେଳ ସୁରକ୍ଷା ବଳ ଏବଂ ସ୍ଥାନୀୟ ପୋଲିସ ତୁରନ୍ତ ଷ୍ଟେସନରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଏହା କୌଣସି ବୋମା ବିସ୍ଫୋରଣ ନୁହେଁ, ବରଂ ଏକ ଯାନ୍ତ୍ରିକ ତ୍ରୁଟି। ରେଳବାଇର ଯାନ୍ତ୍ରିକ କର୍ମଚାରୀ ଓ ଯନ୍ତ୍ରୀମାନଙ୍କ ଅନୁସାରେ, ବଗିଟି ପୁରୁଣା ଥିବାରୁ ଏହାର ୱେଲ୍ଡିଂ ଦୁର୍ବଳ ହୋଇଯାଇଥିଲା ଏବଂ ସେହି ସ୍ଥାନରୁ ହିଁ ଏହା ଭାଙ୍ଗିଯାଇଛି। ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ କୌଣସି ଯାତ୍ରୀ ଆହତ ହୋଇନାହାନ୍ତି।

# ସ୍ତ୍ରୀ, ପୁଅର କବରକୁ ଜାବୁଡ଼ି ଧରି ଚାଲିଗଲା ସ୍ୱାମୀର ଜୀବନ

ମହୋବା, ୬।୬(ଏଜେନ୍ସି): ଉତ୍ତର ପ୍ରଦେଶର ମହୋବା ଜିଲ୍ଲା ଚରଖାରୀ ସହରରୁ ଏକ ଅତ୍ୟନ୍ତ ଦୁଃଖଦ ତଥା ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ସ୍ତ୍ରୀ ଏବଂ ପୁଅର ମୃତ୍ୟୁର ମାତ୍ର ୧୧ ଦିନ ପରେ ଜଣେ ବ୍ୟକ୍ତି ସେମାନଙ୍କ କବରକୁ ଜାବୁଡ଼ି ଧରିଥିବା ଅବସ୍ଥାରେ ପ୍ରାଣ ହରାଇଛନ୍ତି। ମୃତ ବ୍ୟକ୍ତିଜଣକ ହେଲେ ୪୦ ବର୍ଷୀୟ ସୁଭାନ ଅହମ୍ମଦ। ପରିବାରର ତିନି ଜଣଙ୍କ ମୃତ୍ୟୁ ପରେ ଏବେ ୩ ପିଲା ସମ୍ପୂର୍ଣ୍ଣ ଅନାଥ ହୋଇଯାଇଛନ୍ତି। ଗତ ମେ ୨୫ ତାରିଖରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସୁଭାନଙ୍କ ୬ ବର୍ଷର ପୁଅ ହସନୈନ ଅସୁସ୍ଥ ହୋଇ ଚିକିତ୍ସା ପାଇଁ ଯିବା ବାଟରେ ଆଖି ବୁଜିଥିଲା। ପୁଅର ମୃତ୍ୟୁ ଖବର ସହିନପାରି ସେହି ଦିନ ହିଁ ମା' ରାଜିଆ ଖାତୁନ ମଧ୍ୟ ପ୍ରାଣ ହରାଇଥିଲେ। ଗୋଟିଏ ଦିନରେ ମା' ଏବଂ ପୁଅଙ୍କୁ କବର ଦିଆଯାଇଥିଲା। ମାତ୍ର କେଇଟା ଘଣ୍ଟା ମଧ୍ୟରେ ସ୍ତ୍ରୀ ଓ ସବୁଠାରୁ ସାନ ପୁଅକୁ ହରାଇ ସୁଭାନ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ ଏବଂ ଗଭୀର ମାନସିକ ଆଘାତରେ ଥିଲେ। ଶୁକ୍ରବାର ସକାଳ ପ୍ରାୟ ୪ଟା ସମୟରେ ସୁଭାନ ପ୍ରାର୍ଥନା କରିବା ପାଇଁ ଶ୍ମଶାନକୁ ଯାଇଥିଲେ। ଦୁଇ ଘଣ୍ଟା ପରେ ମଧ୍ୟ ସେ ଘରକୁ ନଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ସେଠାରେ ସୁଭାନ ଗୋଟିଏ ହାତ ପୁଅର କବର ଉପରେ ଏବଂ ଅନ୍ୟ ହାତଟି ସ୍ତ୍ରୀର କବର ଉପରେ ରଖି ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ମେଡିକାଲ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଗୋଡ଼ରେ ଏକ ଚିହ୍ନ ଥିବାରୁ କୌଣସି ବିଷାକ୍ତ କୀଟ କାମୁଡ଼ିବା ଯୋଗୁଁ କିମ୍ବା ଅତ୍ୟଧିକ ମାନସିକ ଆଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି।

# ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ମାର୍କ ପୁନଃଗଣତି ଅବଧି ବଢ଼ିଲା

ନୂଆଦିଲ୍ଲୀ, ୬।୬(ଏଜେନ୍ସି): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଖାତା ଯାଞ୍ଚ ଏବଂ ପୁନଃମୂଲ୍ୟାୟନ ପାଇଁ ଆବେଦନ ସମୟସୀମାକୁ ଜୁନ୍ ୬ରୁ ଜୁନ୍ ୭ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦେଇଛି। ବୋର୍ଡର ଅନ୍‌ଲାଇନ୍ ପୋର୍ଟାଲରେ ବୈଷୟିକ ସମସ୍ୟା ଦେଖାଯିବା କାରଣରୁ ଛାତ୍ରଛାତ୍ରୀଙ୍କୁ ଅଧିକ ସମୟ ଦେବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଜୁନ୍ ୨ ତାରିଖରୁ ଏହି ପୋର୍ଟାଲ୍ ଆରମ୍ଭ ହେବା ପରଠାରୁ ଏହା ଉପରେ କ୍ରମାଗତ ଭାବେ ସାଇବର ଆକ୍ରମଣ ହୋଇଥିଲା। ମାତ୍ର ଦୁଇ ମିନିଟ୍‌ରେ ପୋର୍ଟାଲ୍ ଉପରେ ୧୫ ଲକ୍ଷରୁ ଅଧିକ ଥର ଆକ୍ରମଣ କରି ୱେବସାଇଟ୍‌କୁ ଅଚଳ କରିବାକୁ ଚେଷ୍ଟା କରାଯାଇଥିଲା। ଏହା ସହିତ ପ୍ରାୟ ଏକ ଲକ୍ଷରୁ ଅଧିକ ଥର ବେଆଇନ ଭାବେ ତଥ୍ୟ ଚୋରି ପାଇଁ ଉଦ୍ୟମ ହୋଇଥିଲା। ତେବେ କୌଣସି ତଥ୍ୟ ଲିକ୍ ହୋଇ ନ ଥିବା ବୋର୍ଡ ସ୍ପଷ୍ଟ କରିଛି। ଏହି ଘଟଣାରେ ଦିଲ୍ଲୀ ପୋଲିସ ନିକଟରେ ଏକ ମାମଲା ଦାୟର କରାଯାଇ ତଦନ୍ତ ଆରମ୍ଭ ହୋଇଛି। କେନ୍ଦ୍ରୀୟ ଏଜେନ୍ସି ଏବଂ ପ୍ରଯୁକ୍ତିବିଦ୍ୟା ଅନୁଷ୍ଠାନର ବିଶେଷଜ୍ଞ ଦଳ ଏହାର ମୁକାବିଲା କରୁଛନ୍ତି। ଜୁନ୍ ୪ ସୁଦ୍ଧା ମୋଟ୍ ୭୦, ୪୩୩ଟି ପୁନଃମୂଲ୍ୟାୟନ ଆବେଦନ ମିଳିସାରିଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ଡିଜିଟାଲ୍ ମାଧ୍ୟମରେ ଖାତା ଦେଖା ହେବା ପରଠାରୁ ବୋର୍ଡ ବିବାଦରେ ରହିଛି। ଚଳିତ ମେ' ୧୩ରେ ପ୍ରକାଶିତ ଫଳାଫଳରେ ପାସ୍ ହାର ଗତବର୍ଷ ତୁଳନାରେ କମିଥିବା ବେଳେ ଖାତା ଦେଖାରେ ବହୁତ ତ୍ରୁଟି ଥିବା ନେଇ ଛାତ୍ରଛାତ୍ରୀମାନେ ଅଭିଯୋଗ କରିଥିଲେ। ଜଣେ ଛାତ୍ରଙ୍କୁ ଅନ୍ୟ ଜଣଙ୍କର ପଦାର୍ଥ ବିଜ୍ଞାନ ଖାତା ମିଳିବା ଘଟଣା ସାମ୍ନାକୁ ଆସିବା ପରେ ଏହି ବିବାଦ ତୀବ୍ର ହୋଇଥିଲା।

# ଆଗୁଆ ଜାମିନ ପାଇଁ କୋର୍ଟର ଦ୍ୱାରସ୍ଥ ହେଲେ ଖାନ୍ ସାର୍

ପାଟନା, ୬।୬(ଏଜେନ୍ସି): ପାଟନାର ପ୍ରସିଦ୍ଧ ଶିକ୍ଷାବିତ୍ ଫୈସଲ ଖାନ୍ (ଖାନ୍ ସାର୍) ନିଜ କୋଚିଂ ସେଣ୍ଟରରେ ହୋଇଥିବା ପଥରମାଡ଼ ଓ ଗୁଳିକାଣ୍ଡ ମାମଲାରେ ଶନିବାର ପାଟନା କୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଏହି ଘଟଣାରେ ରୁଜୁ ହୋଇଥିବା ମାମଲାରେ ତାଙ୍କ ନାମ ସାମ୍ନାକୁ ଆସିବା ପରେ ସେ ଗିରଫଦାରୀରୁ ବର୍ତ୍ତିବା ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ମଙ୍ଗଳବାର ରାତିରେ ପ୍ରାୟ ୧୫ ରୁ ୨୦ ଜଣ ଦୁର୍ବୃତ୍ତ 'ଖାନ୍ ଗ୍ଲୋବାଲ୍ ଷ୍ଟଡିଜ୍ ଇନଷ୍ଟିଚ୍ୟୁଟ୍'ରେ ଭଙ୍ଗାରୁଜା ଓ ପଥରମାଡ଼ କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବାରୁ ସେଣ୍ଟରର ଦୁଇ ଜଣ ସୁରକ୍ଷାକର୍ମୀ ଆତ୍ମରକ୍ଷା ପାଇଁ ଫାୟାରିଂ କରିଥିଲେ। ପୋଲିସ ଗୁରୁବାର ସେହି ଦୁଇ ଜଣ ସୁରକ୍ଷାକର୍ମୀଙ୍କୁ ଅଟକ ରଖି ପଚରାଉଚରା କରିବା ସମୟରେ, ସେମାନେ ଖାନ୍ ସାର୍‌ଙ୍କ ନିର୍ଦ୍ଦେଶରେ ଗୁଳି ଚଳାଇଥିବା ପ୍ରକାଶ କରିଥିଲେ। ତେବେ ଖାନ୍ ସାର୍‌ଙ୍କ ଓକିଲ ଅରବିନ୍ଦ କୁମାର ମାଉ୍ଭର ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିବା ସହ ଏହା ଏକ ପ୍ରତିଦ୍ୱନ୍ଦ୍ୱୀ କୋଚିଂ ସେଣ୍ଟରର ନିର୍ଦ୍ଦେଶକଙ୍କ ଦ୍ୱାରା କରାଯାଇଥିବା ଏକ ବଡ଼ ଷଡ଼ଯନ୍ତ୍ର ବୋଲି କହିଛନ୍ତି। ସେ କହିଛନ୍ତି ଯେ ଖାନ୍ ସାର୍‌ଙ୍କୁ ବଦନାମ ଓ ମିଛ ମାମଲାରେ ଫସାଇବା ପାଇଁ ଏଫ୍‌ଆଇଆର୍‌ରେ ତାଙ୍କ ନାମ ଜବରଦସ୍ତି ଯୋଡ଼ାଯାଇଛି।

# ଟିଭିକେ ଓ ଡିଏମ୍‌କେରେ ସାମିଲ ହେଲେ ଅନେକ ପୂର୍ବତନ ମନ୍ତ୍ରୀ

ଚେନ୍ନାଇ, ୬।୬(ଏଜେନ୍ସି): ତାମିଲନାଡୁ ରାଜନୀତିରେ ଏଆଇଏଡିଏମକେ ଦଳର ସଙ୍କଟ ଆହୁରି ଗଭୀର ହେବାରେ ଲାଗିଛି। ବିଧାନସଭା ନିର୍ବାଚନରେ ଖରାପ ପ୍ରଦର୍ଶନ ପରେ ଦଳରେ ଦେଖାଦେଇଥିବା ଆଭ୍ୟନ୍ତରୀଣ ବିବାଦ ମଧ୍ୟରେ ଶନିବାର ଅନେକ ପୂର୍ବତନ ବିଧାୟକ ଓ ମନ୍ତ୍ରୀ ଦଳ ଛାଡ଼ିଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣ ପୂର୍ବତନ ମନ୍ତ୍ରୀ ଉଦୁମଲାଇ କେ ରାଧାକ୍ରିଷ୍ଣନ, ଏମସି ସମ୍ପଥ, କଦମ୍ବୁର ସି ରାଜୁ ଏବଂ ଏନଆର ଶିବପାଥି ମୁଖ୍ୟମନ୍ତ୍ରୀ ବିଜୟଙ୍କ ଦଳ 'ଟିଭିକେ' ରେ ସାମିଲ ହୋଇଛନ୍ତି। ଅନ୍ୟପଟେ, ଆଉ କିଛି ପୂର୍ବତନ ବିଧାୟକ ବିରୋଧୀ ଦଳ 'ଡିଏମକେ' ସଭାପତି ଏମକେ ଷ୍ଟାଲିନଙ୍କ ଉପସ୍ଥିତିରେ ସେହି ଦଳରେ ଯୋଗ ଦେଇଛନ୍ତି। ନିକଟରେ ଅନୁଷ୍ଠିତ ନିର୍ବାଚନ ପରେ ଏଆଇଏଡିଏମକେର ୨୫ ଜଣ ବିଦ୍ରୋହୀ ବିଧାୟକ ଦଳୀୟ ନିର୍ଦ୍ଦେଶକୁ ଅମାନ୍ୟ କରି ମୁଖ୍ୟମନ୍ତ୍ରୀ ବିଜୟଙ୍କ ସପକ୍ଷରେ ଭୋଟ୍ ଦେଇଥିଲେ। ଏହାପରଠାରୁ ଦଳର ଅନେକ ନେତା ଓ କର୍ମୀ କ୍ରମାଗତ ଭାବେ ଦଳ ଛାଡୁଥିବାରୁ ସାଧାରଣ ସମ୍ପାଦକ ଏଡାପାଡି ପାଲାନିସ୍ୱାମୀଙ୍କ ପାଇଁ ଚିନ୍ତା ବଢ଼ିଯାଇଛି।



# ପୁଣି ଅଶାନ୍ତ ହେଲା ହର୍ମୁଜ୍

## ଇରାନର ଡ୍ରୋନ୍ ମାଡ଼ ପରେ ଆମେରିକାର ପାଲଟା ଆକ୍ରମଣ

ୱାଶିଂଟନ/ତେହରାନ, ୬।୬(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ସାମରିକ ଉତ୍ତ?ଜନା ଚରମ ସୀମାରେ ପହଞ୍ଚିଛି। ରଣକ୍ଷେତ୍ର ପାଲଟିଛି ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଳପଥ ହର୍ମୁଜ୍ ପ୍ରଣାଳୀ। ଆମେରିକା ସେନା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଇରାନ ଦ୍ୱାରା ପଠାଯାଇଥିବା ଚାରୋଟି ଆତ୍ମଘାତୀ ଆକ୍ରମଣକାରୀ ଡ୍ରୋନ୍‌କୁ ଆକାଶମାର୍ଗରେ ଧ୍ୱଂସ କରିବା ପରେ ଆମେରିକା ଏହାର ପାଲଟା ଜବାବ ଦେଇଛି। ଆମେରିକୀୟ ବାହିନୀ ସିଧାସଳଖ ଇରାନ ସୀମା ଭିତରକୁ ପଶି ସେଠାକାର ଗୋରୁକ ଏବଂ କେଶମ ଦ୍ୱୀପରେ ଥିବା ଉପକୂଳବର୍ତ୍ତୀ ସାମରିକ ରାଡାର କେନ୍ଦ୍ରଗୁଡ଼ିକ ଉପରେ ଶକ୍ତ ଆକ୍ରମଣ କରି ସେଗୁଡ଼ିକୁ ତବାହ କରିଦେଇଛି। ଆମେରିକା କେନ୍ଦ୍ରୀୟ କମାଣ୍ଡ (ସେଣ୍ଟକମ୍) ସାମାଜିକ ଗଣମାଧ୍ୟମରେ ଏକ ବିବୃତି ଜାରି କରି ଏହି ଆକ୍ରମଣ ସମ୍ପର୍କରେ ନିଶ୍ଚିତ କରିଛି। ସେଣ୍ଟକମ୍ ପକ୍ଷରୁ କୁହାଯାଇଛି ଯେ, ଇରାନର ଏହି ଚାରୋଟି ଡ୍ରୋନ୍ ଆନ୍ତର୍ଜାତୀୟ ଜଳପଥରେ ଚଳାଚଳ କରୁଥିବା ବାଣିଜ୍ୟିକ ଜାହାଜଗୁଡ଼ିକ ପାଇଁ ସିଧାସଳଖ ବିପଦ ସୃଷ୍ଟି କରୁଥିଲେ। ସେଥିପାଇଁ ଆତ୍ମରକ୍ଷା ଏବଂ ଜଳପଥର ସୁରକ୍ଷା ଖାତିରରେ ଆମେରିକା ସେନା ଏହି ପଦକ୍ଷେପ ନେଇଛି। ଆଗକୁ ମଧ୍ୟ ଇରାନର ଯେକୌଣସି ଅଯଥା ଆକ୍ରମଣର ଜବାବ ଦେବାକୁ ଆମେରିକା ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ସେଣ୍ଟକମ୍ ଚେତାବନୀ ଦେଇଛି। ଅପରପକ୍ଷରେ, ଇରାନର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଶନିବାର ସକାଳେ ହର୍ମୁଜ୍ ପ୍ରଣାଳୀ ନିକଟରେ ସେମାନଙ୍କ ସେନା ପକ୍ଷରୁ କେତେକ ଚେତାବନୀ ସୂଚକ ଗୁଳିଚାଳନା କରାଯାଇଥିଲା। ଆମେରିକାର ଯୁଦ୍ଧ ଜାହାଜଗୁଡ଼ିକ ନିଜର ସ୍ଥିତି ବଦଳାଇ ଇରାନ ସୀମା ଆଡ଼କୁ ଆସୁଥିବାରୁ ଏହାର ଜବାବରେ ଇରାନ ଏଭଳି ପଦକ୍ଷେପ ନେଇଥିବା ସେମାନଙ୍କ ସମ୍ବାଦ ସଂସ୍ଥା ପ୍ରକାଶ କରିଛି। କିନ୍ତୁ ଏହାପରେ ଆମେରିକାର ପାଲଟା ମିସାଇଲ୍ ମାଡ଼ ଇରାନର ସାମରିକ ପ୍ରସ୍ତୁତିକୁ ବଡ଼ ଝଟ୍‌କା ଦେଇଛି। ହର୍ମୁଜ ପ୍ରଣାଳୀ ହେଉଛି ସାରା ବିଶ୍ୱ ପାଇଁ ତେଲ ଏବଂ ଗ୍ୟାସ୍ ରପ୍ତାନିର ଏକ ପ୍ରମୁଖ ଚୋକପଏଣ୍ଟ ବା ସଙ୍କୁଚିତ ଜଳପଥ।

# ଜାତିସଂଘରେ ପାକିସ୍ତାନକୁ ଭାରତର ଚେତାବନୀ

## କାଶ୍ମୀର ପ୍ରସଙ୍ଗରେ ମିଥ୍ୟା ପ୍ରଚାର ବନ୍ଦ କରୁ ପାକିସ୍ତାନ

ନୂଆଦିଲ୍ଲୀ, ୬।୬(ଏଜେନ୍ସି): ମିଳିତ ଜାତିସଂଘ ମହାସଭାରେ ପୁଣି ଥରେ କାଶ୍ମୀର ପ୍ରସଙ୍ଗ ଉଠାଇ ଭାରତ ବିରୋଧରେ ବିଷୋଦ୍‌ଗାର କରିବା ପାକିସ୍ତାନ ପାଇଁ ମହଙ୍ଗା ପଡ଼ିଛି। ଶୁକ୍ରବାର ଦିନ ଜାତିସଂଘରେ ଭାରତ ପକ୍ଷରୁ ପାକିସ୍ତାନର ସମସ୍ତ ମିଥ୍ୟା ଓ ମନଗଢ଼ା ଅଭିଯୋଗକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରାଯିବା ସହ କଡ଼ା ଭାଷାରେ ଜବାବ ଦିଆଯାଇଛି। ଭାରତ ସ୍ପଷ୍ଟ କରିଛି ଯେ, ନିଜର ବ୍ୟକ୍ତିଗତ ତଥା ମନ୍ଦ ରାଜନୈତିକ ଉଦ୍ଦେଶ୍ୟ ଚରିତାର୍ଥ କରିବା ପାଇଁ ଜାତିସଂଘ ଭଳି ଏକ ସମ୍ମାନଜନକ ଆନ୍ତର୍ଜାତୀୟ ମଞ୍ଚକୁ ଅପବ୍ୟବହାର କରିବା ପାକିସ୍ତାନ ବନ୍ଦ କରୁ। ରାଷ୍ଟ୍ରସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ରାଷ୍ଟ୍ରଦୂତ ପାର୍ବଥାନେନି ହରିଶ୍ ପାକିସ୍ତାନର ଅଭିଯୋଗର ଜବାବ ଦେଇ କହିଛନ୍ତି, 'ପାକିସ୍ତାନ ପକ୍ଷରୁ ଭାରତର ସମ୍ପୂର୍ଣ୍ଣ ଆଭ୍ୟନ୍ତରୀଣ ପ୍ରସଙ୍ଗ ତଥା ଜମ୍ମୁ-କାଶ୍ମୀର ସମ୍ପର୍କରେ ଯେଉଁ ଅନାବଶ୍ୟକ ଟିପ୍ପଣୀ ଦିଆଯାଇଛି, ତାହାର ଉତ୍ତର ଦେବାକୁ ମୁଁ ବାଧ୍ୟ ହେଉଛି। ପାକିସ୍ତାନ



ନିଜର ସୀମିତ ରାଜନୈତିକ ସ୍ୱାର୍ଥ ପାଇଁ ଏହି ପବିତ୍ର ମଞ୍ଚକୁ ବ୍ୟବହାର କରିବାକୁ ପଛାଇ ନାହିଁ। ସୁରକ୍ଷା ପରିଷଦର ସଦସ୍ୟ ହେବା ଏକ ବଡ଼ ଦାୟିତ୍ୱ, ଏହା ମିଥ୍ୟା ଏବଂ ପକ୍ଷପାତମୂଳକ କାହାଣୀ ପ୍ରଚାର କରିବାର ସ୍ଥାନ ନୁହେଁ।' ସେ ଆହୁରି ମଧ୍ୟ ଦୃଢ଼ତାର ସହ କହିଛନ୍ତି ଯେ, ଜମ୍ମୁ ଓ କାଶ୍ମୀର ଭାରତର ଅଙ୍ଗ ଥିଲା, ଅଛି ଏବଂ ସଦାସର୍ବଦା ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିବ। ଏହା ବିରୋଧରେ କରାଯାଉଥିବା ଯେ, କୌଣସି ପ୍ରଚାର ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଐତିହାସିକ ସତ୍ୟତାଠାରୁ ଦୂରରେ। ଜମ୍ମୁ-କାଶ୍ମୀର ପ୍ରସଙ୍ଗକୁ ଏକ ଆନ୍ତର୍ଜାତୀୟ ବିବାଦର ରୂପ ଦେବା ପାଇଁ ପାକିସ୍ତାନ ଦୀର୍ଘ ଦିନ ହେବ ଚେଷ୍ଟା କରିଆସୁଛି। କିନ୍ତୁ ଭାରତ ଏହାର କୂଟନୈତିକ ରଣନୀତି ମାଧ୍ୟମରେ ପାକିସ୍ତାନର ଏହି ପ୍ରୟାସକୁ ବାରମ୍ବାର ଧୂଳିସାତ୍ କରିଦେଇଛି। ରାଷ୍ଟ୍ରଦୂତ ହରିଶ୍ କହିଛନ୍ତି ଯେ, ପାକିସ୍ତାନର ଖୋଲା ଆସ୍ଫାଳନ ଏବଂ ଅସାର ଦାବି ଦ୍ୱାରା ଭୂମିପୁତ୍ରଙ୍କ ବାସ୍ତବତା ଏବଂ ଇତିହାସ କଦାପି ବଦଳିବ ନାହିଁ। କାଶ୍ମୀରରେ ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ଅଛି ଏବଂ ଏହା ଭାରତର ସାର୍ବଭୌମତ୍ୱର ଅଂଶ ଅଟେ।



# କେନ୍ଦ୍ର ଭାରତକୁ ଝଟ୍‌କା ଦେବ ମୌସୁମୀ

ନୂଆଦିଲ୍ଲୀ, ୬।୬(ଏଜେନ୍ସି): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଏବେ ଦ୍ରୁତ ଗତିରେ ଆଗକୁ ବଢ଼ିବାରେ ଲାଗିଛି। ସ୍ୱାଭାବିକ ସମୟଠାରୁ ତିନି ଦିନ ବିଳମ୍ବରେ କେରଳ ଛୁଇଁବା ପରେ, ଏହା କର୍ଣ୍ଣାଟକ ଓ ତାମିଲନାଡୁର ଉପକୂଳ ଅଞ୍ଚଳକୁ ସମ୍ପୂର୍ଣ୍ଣ ଆବୃତ କରି ଜୁନ୍ ୫ ତାରିଖରେ ଏହାର ସଠିକ୍ ସମୟରେ ଗୋଆରେ ପ୍ରବେଶ କରିଛି। ପାଣିପାଗ ବିଶେଷଜ୍ଞଙ୍କ ଅନୁସାରେ, ମୌସୁମୀ ବାୟୁ ସଠିକ୍ ସମୟରେ କିମ୍ବା ସମୟ ପୂର୍ବରୁ ମୁମ୍ବାଇରେ ପହଞ୍ଚିଯାଇପାରେ। ଆଗାମୀ ଦୁଇରୁ ତିନି ଦିନ ମଧ୍ୟରେ ଏହା ପଶ୍ଚିମବଙ୍ଗ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ଛୁଇଁବାର ସମ୍ଭାବନା ରହିଛି। ଏହା ସହିତ ଆଗାମୀ ୧୦ ଦିନ ମଧ୍ୟରେ ଓଡ଼ିଶା, ବିହାର ଏବଂ ଝାଡ଼ଖଣ୍ଡର କେତେକ ଅଞ୍ଚଳରେ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇପାରେ। ମାତ୍ର ବଙ୍ଗୋପସାଗରରେ କୌଣସି ଶକ୍ତିଶାଳୀ ପାଣିପାଗ ନିୟାମକ ବା ଅବପାତ ସୃଷ୍ଟି ହୋଇନଥିବାରୁ, ଚଳିତ ମାସ ଶେଷ ଆଡ଼କୁ ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଓଡ଼ିଶା ସମେତ କେନ୍ଦ୍ରୀୟ ଓ ପୂର୍ବ ଭାରତରେ ମୌସୁମୀର ଅଗ୍ରଗତି ମନ୍ଥେଇଯାଇପାରେ ବୋଲି ପାଣିପାଗ ବିଜ୍ଞାନୀମାନେ ଚେତାବନୀ ଦେଇଛନ୍ତି। ଅନ୍ୟପଟେ, ଗତକାଲି ରାଜସ୍ଥାନରେ ପ୍ରବଳ ଧୂଳିଝଡ଼ ଓ ବର୍ଷା ଯୋଗୁଁ ଭିନ୍ନ ଭିନ୍ନ ସ୍ଥାନରେ ୪ ଜଣଙ୍କର ମୃତ୍ୟୁ ହୋଇଛି। ମଧ୍ୟପ୍ରଦେଶ ଓ ଛତିଶଗଡ଼ର କେତେକ ସ୍ଥାନରେ ମଧ୍ୟ ପ୍ରବଳ ଝଡ଼ବର୍ଷା ସହ ସାମାନ୍ୟ କ୍ଷୟକ୍ଷତି ଘଟିଛି। ଭାରତୀୟ ପାଣିପାଗ ବିଭାଗ ଅନୁସାରେ, ଆରମ୍ଭରେ ବର୍ଷାର ପରିମାଣ ସ୍ୱାଭାବିକଠାରୁ କମ୍ ଥିଲେ ମଧ୍ୟ ଗତ କିଛି ଦିନ ହେବ ବର୍ଷାର ପ୍ରକୋପ ବଢ଼ିବା ଯୋଗୁଁ ଏହି ନିଅଣ୍ଟିଆ ସ୍ଥିତି ବହୁଳ ଭାବେ ହ୍ରାସ ପାଇଛି। ଆଗାମୀ ଦିନରେ ଓଡ଼ିଶା, ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗର ଅନେକ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ପ୍ରାକ୍-ମୌସୁମୀ ବର୍ଷା ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି।

# ଲଣ୍ଡନରେ ଭାରତର ପ୍ରଧାନବିଚାରପତିଙ୍କୁ ଅସମ୍ମାନ

## ଭାଷଣ ବେଳେ ହଟ୍ଟଗୋଳ, ଭାରତର ନିନ୍ଦା



ନୂଆଦିଲ୍ଲୀ୬।୬(ଏଜେନ୍ସି): ଲଣ୍ଡନର ଏକ ବିଶ୍ୱବିଦ୍ୟାଳୟରେ ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଭାଷଣ ଚାଲିଥିବା ବେଳେ କେତେକ ଲୋକ ହଟ୍ଟଗୋଳ କରିଛନ୍ତି। ଏହି ଘଟଣାକୁ ନେଇ ବ୍ରିଟେନରେ ଥିବା ଭାରତୀୟ ଦୂତାବାସ ତୀବ୍ର ନିନ୍ଦା କରିବା ସହ ଏହାକୁ ଏକ ଅଶୋଭନୀୟ ଆଚରଣ ବୋଲି କହିଛି। ଜୁନ୍ ୪ ତାରିଖରେ ପ୍ରଧାନ ବିଚାରପତି 'କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ଆନ୍ତର୍ଜାତୀୟ ଆଇନ' ବିଷୟରେ ଭାଷଣ ଦେଉଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସମୟରେ କିଛି ଶ୍ରୋତା ଭାରତରେ ଅସନ୍ତୋଷ ପ୍ରକାଶର ସ୍ୱାଧୀନତା ଏବଂ ଗତ ମେ ୧୫ ତାରିଖରେ ଅଦାଲତରେ ପ୍ରଧାନ ବିଚାରପତିଙ୍କ ଦ୍ୱାରା ଦିଆଯାଇଥିବା ଏକ ବିବାଦୀୟ ବୟାନକୁ ନେଇ ପ୍ରଶ୍ନ ଉଠାଇଥିଲେ। ମୁଖ୍ୟ ବିଷୟବସ୍ତୁ ବାହାରେ ଥିବାରୁ ସଞ୍ଚାଳକ ଏହି ପ୍ରଶ୍ନଗୁଡ଼ିକୁ ରୋକିବାକୁ ଚେଷ୍ଟା କରିଥିଲେ, ଯାହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ କିଛି ଲୋକ ହଟ୍ଟଗୋଳ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ମେ ମାସରେ ଏକ ଶୁଣାଣି ବେଳେ ପ୍ରଧାନ ବିଚାରପତି ବେକାର ଯୁବକମାନଙ୍କୁ ନେଇ କକ୍ରୋଚ୍ ଆର୍ଥାତ ଅସରପା ବା ପରଜୀବୀ ଭଳି ଏକ ଶବ୍ଦ ବ୍ୟବହାର କରିଥିଲେ, ଯାହାକୁ ନେଇ ପରେ ସେ ସ୍ପଷ୍ଟୀକରଣ ମଧ୍ୟ ଦେଇଥିଲେ। ଏହି ଘଟଣାକୁ ନେଇ ଦେଶରେ ଏକ ବ୍ୟଙ୍ଗାତ୍ମକ ରାଜନୈତିକ ଗୋଷ୍ଠୀ ମଧ୍ୟ ଗଠନ ହୋଇଛି, ଯେଉଁମାନେ ଏହି ଭିଡିଓକୁ ସାମାଜିକ ଗଣମାଧ୍ୟମରେ ପ୍ରସାରିତ କରୁଛନ୍ତି। ଭାରତୀୟ ଦୂତାବାସ କହିଛି ଯେ ଗଣତନ୍ତ୍ରରେ ମତଭେଦ ରହିବା ସ୍ୱାଭାବିକ, ମାତ୍ର ନିଜର ମତ ରଖିବା ବେଳେ ସଭ୍ୟତା ଓ ଶିଷ୍ଟାଚାର ବଜାୟ ରଖିବା ଉଚିତ।

# ଅନ୍ନାମଲାଇଙ୍କ ସହ ୧୦ ଘଣ୍ଟାରେ ଯୋଡ଼ି ହେଲେ ୧୦ ଲକ୍ଷ ଲୋକ

ଚେନ୍ନାଇ, ୬।୬(ଏଜେନ୍ସି): ତାମିଲନାଡୁ ବିଜେପିର ପୂର୍ବତନ ସଭାପତି କେ. ଅନ୍ନାମଲାଇ ବିଜେପିରୁ ଇସ୍ତଫା ଦେବା ପରେ ନିଜର ଏକ ନୂଆ ରାଜନୈତିକ ଦଳ ଗଠନ କରିଛନ୍ତି। ସେ ଜୁନ୍ ପାଞ୍ଚ ତାରିଖରେ 'ଇଦୁ ନମ୍ମା ଇୟକ୍କମ୍' (ଏହା ଆମ ଆନ୍ଦୋଳନ) ନାମକ ଏକ ସ୍ୱାଧୀନ ଦଳ ଘୋଷଣା କରିବା ସହ ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ଅନ୍ନାମଲାଇଙ୍କ ଦାବି ଅନୁଯାୟୀ, ଦଳ ଗଠନର ମାତ୍ର ୧୦ ଘଣ୍ଟା ମଧ୍ୟରେ ୧୦ ଲକ୍ଷରୁ ଅଧିକ ଲୋକ ଏହି ଆନ୍‌ଦୋଳନ ସହ ଜୋଡ଼ି ହୋଇସାରିଛନ୍ତି। ତାଙ୍କର ଏହି ନିଷ୍ପତ୍ତି ପରେ ତାମିଲନାଡୁ ବିଜେପିରେ ଏକ ବଡ଼ ଧରଣର ସଙ୍କଟ ସୃଷ୍ଟି ହୋଇଛି। ଅନ୍ନାମଲାଇଙ୍କୁ ସମର୍ଥନ ଜଣାଇ ବିଜେପି ରାଜ୍ୟ ଉପସଭାପତି କାରୁ ନାଗରାଜନଙ୍କ ସମେତ ଅନେକ ବରିଷ୍ଠ ନେତା ଦଳରୁ ଇସ୍ତଫା ଦେଇଛନ୍ତି। ପୂର୍ବତନ ଆଇପିଏସ୍ ଅଧିକାରୀ ଅନ୍ନାମଲାଇ କହିଛନ୍ତି ଯେ ତାଙ୍କ ଦଳ ୨୦୩୧ ମସିହା ତାମିଲନାଡୁ ବିଧାନସଭା ନିର୍ବାଚନ ଲଢ଼ିବ ଏବଂ ରାଜ୍ୟରେ ବଂଶବାଦ ତଥା ବ୍ୟକ୍ତିଗତ ପୂଜା ପରିବର୍ତ୍ତେ ସାଧାରଣ ଜନତାଙ୍କ ପାଇଁ ପରିବର୍ତ୍ତନର ରାଜନୀତି କରିବ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ତାମିଲନାଡୁରେ ଅନୁଷ୍ଠିତ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେପି ମାତ୍ର ଗୋଟିଏ ଆସନ ଜିତିବାକୁ ସକ୍ଷମ ହୋଇଥିଲା। ଅନ୍ୟପଟେ ଅଭିନେତା ବିଜୟଙ୍କ ଦୁଇ ବର୍ଷର ପୁରୁଣା ଦଳ 'ତାମିଲଗା ଭେଟ୍ରି କାଜାଗାମ୍' ୧୦୮ଟି ଆସନ ଜିତି କଂଗ୍ରେସ ସହ ମିଶି ସେଠାରେ ସରକାର ଗଠନ କରିଛି। ଏହି ନିର୍ବାଚନ ପରେ ବିଜେପିର ଶୀର୍ଷ ନେତୃତ୍ୱଙ୍କ ସହ ମତଭେଦ ଯୋଗୁଁ ଅନ୍ନାମଲାଇ ଗତ ଜୁନ୍ ଦୁଇ ତାରିଖରେ ନିଜ ପଦରୁ ଇସ୍ତଫା ଦେଇଥିଲେ। ଅନ୍ନାମଲାଇଙ୍କ ଏହି ନୂଆ ଅନ୍ଦୋଳନ ଏବଂ ବିଜେପି ନେତାମାନଙ୍କ ଦଳ ତ୍ୟାଗ ଆଗାମୀ ଦିନରେ ରାଜ୍ୟ ରାଜନୀତିକୁ କେଉଁ ମୋଡ଼ ଦେଉଛି ତାହା ଦେଖିବାକୁ ବାକି ରହିଲା।





# ଭାରତୀୟଙ୍କୁ ଟାର୍ଗେଟ୍ କରୁଥିବା ୧୪ ସୋସିଆଲ ମିଡିଆ ପୋଷ୍ଟ ବ୍ଲକ୍ କଲା ସିଙ୍ଗାପୁର

ସିଙ୍ଗାପୁର, ୬।୬(ଏଜେନ୍ସି): ସିଙ୍ଗାପୁର ସରକାର ନିଜ ଦେଶରେ ସାମାଜିକ ସଦ୍‌ଭାବନା ରକ୍ଷା କରିବା ପାଇଁ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଭାରତୀୟ ସମୁଦାୟକୁ ଟାର୍ଗେଟ୍ କରୁଥିବା ଏବଂ ଦେଶର ବହୁସଂସ୍କୃତିବାଦକୁ କ୍ଷତି ପହଞ୍ଚାଉଥିବା ୧୪ଟି ପୋଷ୍ଟକୁ ବ୍ଲକ କରିବା ପାଇଁ ସିଙ୍ଗାପୁର ପୋଲିସ ଫେସବୁକ୍, ୟୁଟ୍ୟୁବ୍ ଏବଂ ଏକ୍ସ (ଟ୍ୱିଟର) ଭଳି ପ୍ରମୁଖ ସାମାଜିକ ଗଣମାଧ୍ୟମଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ସିଙ୍ଗାପୁର ଗୃହ ମନ୍ତ୍ରଣାଳୟ ଅନୁସାରେ, ଏହିସବୁ ବିବାଦୀୟ ଭିଡିଓ ଓ ପୋଷ୍ଟଗୁଡ଼ିକ ଚୀନ୍‌ରୁ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଗତ ମେ ମାସରୁ ସେଠାକାର ଇଣ୍ଟରନେଟ୍ ମାଧ୍ୟମରେ ଏଭଳି ଭ୍ରମ ସୃଷ୍ଟି କଲା ଭଳି ତଥ୍ୟ ପ୍ରସାର କରାଯାଉଥିଲା, ଯେଉଁଥିରେ ସିଙ୍ଗାପୁର ଉପରେ ଭାରତୀୟମାନେ ପ୍ରଭାବ ବିସ୍ତାର କରୁଥିବା ନେଇ ଉତ୍ତେଜନାମୂଳକ କଥା କୁହାଯାଇଥିଲା। ଦେଶର ଗୃହ ରାଷ୍ଟ୍ରମନ୍ତ୍ରୀ ଏଡୱିନ୍ ଟୋଙ୍ଗ କହିଛନ୍ତି ଯେ, ଏହି ଭିଡିଓଗୁଡ଼ିକ ଜାତି ଆଧାରରେ ଲୋକଙ୍କୁ ବିଭାଜନ କରିବାକୁ ଚେଷ୍ଟା କରୁଛି। ସିଙ୍ଗାପୁରରେ ପ୍ରତ୍ୟେକ ସମୁଦାୟର ସମାନ ସ୍ଥାନ ରହିଛି ଏବଂ ବିଦେଶୀ ନାଗରିକଙ୍କ ଦ୍ୱାରା ଦେଶର ସାମ୍ପ୍ରଦାୟିକ ସଦ୍‌ଭାବନା ନଷ୍ଟ କରିବାକୁ ଚେଷ୍ଟା କରାଗଲେ ତାହାକୁ ବରଦାସ୍ତ କରାଯିବ ନାହିଁ।

# ମମତାଙ୍କ ପାଇଁ ସିଟ୍ ଛାଡିବାକୁ ମନାକଲେ ୟୁସୁଫ ପଠାନ!

କୋଲକାତା, ୬।୬(ଏଜେନ୍ସି): ପଶ୍ଚିମବଙ୍ଗ ରାଜନୀତିରେ ବର୍ତ୍ତମାନ ପୁଣି ଅନ୍ୟ ବିବାଦ ଦେଖା ଦେଇଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ନିଜର ରାଜନୈତିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଲୋକସଭାକୁ ଯିବାକୁ ଯୋଜନା କରୁଥିବା ବେଳେ ଦଳ ମଧ୍ୟରେ ବିରୋଧାଭାଷ ଦେଖାଦେଇଛି। ବିଶେଷ କରି ବହରାମପୁର ସାଂସଦ ତଥା ପୂର୍ବତନ କ୍ରିକେଟର ୟୁସୁଫ ପଠାନ ନିଜ ପଦରୁ ଇସ୍ତଫା ଦେବାକୁ ମନା କରିଦେଇଥିବା ରିପୋର୍ଟ ପ୍ରକାଶ ପାଇଛି। ସୂତ୍ର ଅନୁଯାୟୀ, ନିକଟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ନିଜ ଆସନ ଭବାନୀପୁରରୁ ଶୁଭେନ୍ଦୁ ଅଧିକାରୀଙ୍କଠାରୁ ମମତା ପରାଜିତ ହୋଇଛନ୍ତି। ହେଲେ ଏହାପରେ ସେ କେନ୍ଦ୍ରୀୟ ରାଜନୀତିରେ ପ୍ରବେଶ ପାଇଁ ସଂସଦକୁ ଯିବାକୁ ମନ ବଳାଇଛନ୍ତି। ଏଥିପାଇଁ ସେ ମୁର୍ଶିଦାବାଦ ଜିଲ୍ଲାର ବହରାମପୁର ଆସନକୁ ବାଛିଛନ୍ତି। ୨୦୨୪ ଲୋକସଭା ନିର୍ବାଚନରେ ୟୁସୁଫ ପଠାନ ଏହି ଆସନରୁ କଂଗ୍ରେସର ପ୍ରଭାବଶାଳୀ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କୁ ପ୍ରାୟ ୮୫, ୦୦୦ ଭୋଟରେ ପରାସ୍ତ



କରିଥିଲେ। ବହରାମପୁରରେ ପ୍ରାୟ ୭୦ ପ୍ରତିଶତ ମୁସଲମାନ ଭୋଟର ଥିବାରୁ ଦଳ ଏହି ଆସନକୁ ମମତାଙ୍କ ପାଇଁ ସୁରକ୍ଷିତ ସୁଯୋଗ ବୋଲି ବିବେଚନା କରୁଛି। କିନ୍ତୁ ମମତାଙ୍କ ପାଇଁ ଆସନ ଖାଲି କରିବା ପ୍ରସ୍ତାବକୁ ୟୁସୁଫ ପଠାନ ସିଧାସଳଖ ପ୍ରତ୍ୟାଖ୍ୟାନ କରିଥିବା ଜଣାପଡ଼ିଛି।

ସେପଟେ ଏହି ସମଗ୍ର ବିବାଦ ମଧ୍ୟକୁ ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ନାମ ମଧ୍ୟ ଟଣାଯାଇଛି। ଗଣମାଧ୍ୟମର କିଛି ରିପୋର୍ଟ ଅନୁଯାୟୀ, ୟୁସୁଫଙ୍କୁ ମନାଇବା ପାଇଁ ମମତା ଗାଙ୍ଗୁଲିଙ୍କ ସହାୟତା ନେଇଥିବା କୁହାଯାଇଛି। ତେବେ ଗାଙ୍ଗୁଲି ଏହି ଅଭିଯୋଗକୁ କଡ଼ା ଭାଷାରେ ଖଣ୍ଡନ କରିଛନ୍ତି। ସେ ଏହାକୁ ସତ୍ୟର ଅପମାନ ଏବଂ ଭିତ୍ତିହୀନ ବୋଲି କହିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, ସେ କେବେ ହେଲେ କୌଣସି ରାଜନୈତିକ ବ୍ୟାପାରରେ ଜଡ଼ିତ ନୁହନ୍ତି ଏବଂ ଏହି ବିଷୟରେ ସେ ୟୁସୁଫ ପଠାନଙ୍କ ସହ କୌଣସି ଯୋଗାଯୋଗ କରିନାହାନ୍ତି। ଅନ୍ୟପଟେ ଟିଏମସି ବିଧାୟକ ହୁମାୟୁନ କବୀର ନିଜର ରେଜିନଗର ଆସନ ମମତାଙ୍କ ପାଇଁ ଛାଡିବାକୁ ପ୍ରସ୍ତାବ ଦେଇଥିବା ଜଣାଯାଇଛି।



# ଆରଜେଡି କର୍ମକର୍ତ୍ତା ହାତରେ ବାଡ଼ି ଧରି ଜଗିଲେ ଲାଲୁଙ୍କ ଘର

## ଜେଡ୍ ପ୍ରତ୍ୟାହାର ପରେ ୱାଇ-ସୁରକ୍ଷା ଫେରାଇଦେଲେ ଲାଲୁ

ପାଟନା, ୬।୬(ଏଜେନ୍ସି): ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ଏବଂ ତାଙ୍କ ପରିବାର ସରକାରଙ୍କ ଦ୍ୱାରା ସେମାନଙ୍କ ସୁରକ୍ଷା ବ୍ୟବସ୍ଥା କମାଯିବା ପ୍ରତିବାଦରେ ସମସ୍ତ ସରକାରୀ ସୁରକ୍ଷା କର୍ମୀଙ୍କୁ ଫେରାଇ ଦେଇଛନ୍ତି। ବିହାର ସରକାର ଲାଲୁ ଯାଦବ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀଙ୍କୁ ମିଳୁଥିବା ଜେଡ ପ୍ଲସ୍ ସ୍ତରର ସୁରକ୍ଷାକୁ ପ୍ରତ୍ୟାହାର କରିଥିଲେ। ଏହାପରେ ସେମାନଙ୍କୁ ବିହାର ସ୍ୱତନ୍ତ୍ର ସଶସ୍ତ୍ର ପୋଲିସ (ବିଏସ୍‌ଏପି) ଅଧୀନରେ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିଷ୍ପତ୍ତି ପରେ ପାଟନା ସ୍ଥିତ ୧୦ ସର୍କୁଲାର ରୋଡ ବାସଭବନରେ ମୁତୟନ ଥିବା ସମସ୍ତ ସୁରକ୍ଷା କର୍ମୀଙ୍କୁ ଲାଲୁ ଯାଦବ ଏବଂ ରାବ୍ରୀ ଦେବୀ ସେଠାରୁ ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ପରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ମଧ୍ୟ ନିଜକୁ ମିଳିଥିବା ୱାଇ ପ୍ଲସ୍ ସୁରକ୍ଷା ବ୍ୟବସ୍ଥାକୁ ଫେରାଇ ଦେଇଥିଲେ। ଏହି ଘଟଣା ପରେ ଆରଜେଡି କର୍ମକର୍ତ୍ତାମାନେ ଲାଲୁ ଯାଦବଙ୍କ ବାସଭବନ ସାମ୍ନାରେ ହାତରେ ବାଡ଼ି ଧରି ଜଗି ରହିଥିବା ଦେଖିବାକୁ ମିଳିଛି।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-339 ◆SUNDAY ◆7 JUNE 2026 ◆PAGE-12+4 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୩୯ ◆ରବିବାର ◆୭ ଜୁନ୍ ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦

# କ୍ରିକେଟ ଜଗତର ନୂଆ ବିସ୍ମୟ



## ଜାତୀୟ ଦଳରେ ବୈଭବ ସୂର୍ଯ୍ୟବଂଶୀ

■ ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ଆଗାମୀ ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ ଓ ଏସୀୟ କ୍ରୀଡ଼ା ଲାଗି ଶନିବାର ଭାରତୀୟ ଟି-୨୦ ଦଳ ଘୋଷଣା କରାଯାଇଛି। ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଭାରତୀୟ ସିନିଅର ଚୟନ କମିଟି ଏକ ସାହସିକ ନିଷ୍ପତ୍ତିକ୍ରମେ ବିହାରର ବିସ୍ମୟ କ୍ରିକେଟର୍ ବୈଭବ ସୂର୍ଯ୍ୟବଂଶୀଙ୍କୁ ସିନିଅର ଦଳରେ ସୁଯୋଗ ଦେଇଛି। ଫଳରେ ଆଇପିଏଲ୍ ଓ ଜୁନିଅରବର୍ଗରେ ପ୍ରଦର୍ଶନର ଛାପ ଛାଡ଼ି ସାରିଥିବା ୧୫ ବର୍ଷୀୟ ଏହି ବାମହାତୀ ବ୍ୟାଟର୍ ସୂର୍ଯ୍ୟବଂଶୀ ପ୍ରଥମଥର ଲାଗି ଟିମ୍ ଇଣ୍ଡିଆର ସିନିଅର ଦଳରେ ସ୍ଥାନ ପାଇଛନ୍ତି। ନିକଟରେ ଶେଷ ହୋଇଥିବା ଆଇପିଏଲ୍‌ରେ ସୂର୍ଯ୍ୟବଂଶୀ ୧୬ଟି ମ୍ୟାଚରେ ୪୮.୫୦ ହାରରେ ୭୭୬ ରନର କରି ସମସ୍ତଙ୍କ ▶ପୃଷ୍ଠା-୭

# ପ୍ରଶାନ୍ତ ମହାସାଗରରେ ଏଲ୍ ନିନୋ ସକ୍ରିୟ

## ଦୁର୍ବଳ ହେବ ମୌସୁମୀ; ମରୁଡ଼ି ଆଶଙ୍କା

■ ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ପ୍ରଶାନ୍ତ ମହାସାଗରର ଗରମ ପବନ ଏବଂ ଜଳରାଶି ଏବେ ସାରା ପୃଥିବୀର ଜଳବାୟୁକୁ ବିପଦରେ ପକାଇବାକୁ ଯାଉଛି। ୟୁରୋପୀୟ ପାଣିପାଗ ପୂର୍ବାନୁମାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଶାନ୍ତ ମହାସାଗରରେ 'ଏଲ୍ ନିନୋ' ପ୍ରକ୍ରିୟା ସମ୍ପୂର୍ଣ୍ଣ ସକ୍ରିୟ ହୋଇଯାଇଛି। ସାଗରର ସୀମା ବାହାରେ ତାପମାତ୍ରା ବୃଦ୍ଧି ପାଇବା ଯୋଗୁଁ ଚଳିତ ବର୍ଷ ଭାରତରେ ମୌସୁମୀ ବାୟୁ ଦୁର୍ବଳ ହେବାର ଆଶଙ୍କା ଦେଖାଦେଇଛି। ଏହାଦ୍ୱାରା ଦେଶରେ ସ୍ୱଳ୍ପ ବୃଷ୍ଟିପାତ ଏବଂ କୃଷି କ୍ଷେତ୍ରରେ ବ୍ୟାପକ କ୍ଷତି ଘଟିବାର ସମ୍ଭାବନା ସୃଷ୍ଟି ହୋଇଛି।

ସାଧାରଣ ଭାଷାରେ ବୁଝିବାକୁ ଗଲେ, ପ୍ରଶାନ୍ତ ମହାସାଗର ପୃଥିବୀର ଏକ ବଡ଼ ତାପମାତ୍ରା ନିୟନ୍ତ୍ରକ ଇଞ୍ଜିନ ଭଳି କାର୍ଯ୍ୟ କରିଥାଏ। ସ୍ୱାଭାବିକ ସ୍ଥିତିରେ ପୂର୍ବରୁ ପଶ୍ଚିମକୁ ବହୁଥିବା ପବନ ଗରମ ଜଳକୁ ଏସିଆ ଏବଂ ଅଷ୍ଟ୍ରେଲିଆ ଆଡ଼କୁ ନେଇଥାଏ। ଏହାଫଳରେ ଦକ୍ଷିଣ ଆମେରିକା ଉପକୂଳରୁ ଥଣ୍ଡା ଏବଂ ପୋଷକ ତତ୍ତ୍ୱଭରା ଜଳ ଉପରକୁ ଆସିଥାଏ। ତେବେ ଏଲ୍ ନିନୋ ସମୟରେ ଏହି ପ୍ରକ୍ରିୟା ଓଲଟା ହୋଇଯାଏ। ପବନ ଦୁର୍ବଳ ହୋଇଯିବା ଯୋଗୁଁ ଗରମ ଜଳ ପୁଣି ▶ପୃଷ୍ଠା-୭

## ରଜରେ ଭିଜିବ ଓଡ଼ିଶା

### ଭୁବନେଶ୍ୱରରେ କାଳବୈଶାଖୀ ବର୍ଷା
### ଦିନରେ ୪୦ ଡିଗ୍ରୀ, ସନ୍ଧ୍ୟାରେ ୨୬କୁ ଖସିଲା

■ ଭୁବନେଶ୍ୱର, ୬।୬ (ସମିସ): ଆଗାମୀ ୬ରୁ ୮ ଦିନ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାର କିଛି ଅଂଶକୁ ଛୁଇଁପାରେ। ଏଥିପାଇଁ ପାଣିପାଗର ସ୍ଥିତି ଅନୁକୂଳ ଥିବା ନେଇ ପୂର୍ବାନୁମାନ କରିଛନ୍ତି ଭାରତୀୟ ପାଣିପାଗ ବିଭାଗର ବିଜ୍ଞାନୀ।

ସୂଚନାଯୋଗ୍ୟ ଯେ କେରଳମ୍‌ରେ ମୌସୁମୀ ବାୟୁ ପ୍ରବେଶ ପରେ ଏବେ ଦକ୍ଷିଣ ଭାରତର ଅନ୍ୟ କେତେକ ଅଂଶକୁ ଅତିକ୍ରମ କରି ଧିରେ ଧିରେ ଆଗକୁ ବଢ଼ୁଛି।





ବର୍ତ୍ତମାନର ପାଣିପାଗ ସ୍ଥିତି ଅନୁକୂଳ ଥିବାବେଳେ ସବୁକିଛି ଠିକ୍ ରହିଲେ ଏହା ଆସନ୍ତା ୬ରୁ ୮ ଦିନ ମଧ୍ୟରେ ଓଡ଼ିଶାର କେତେକ ଅଞ୍ଚଳ ଛୁଇଁବ। ଏପରି ହେଲେ ରଜ ମୌସୁମୀର ପହିଲି ବର୍ଷାରେ ଭିଜିବ ବୋଲି ଆଶା କରାଯାଉଛି। ▶ପୃଷ୍ଠା-୭

# ଘାରିଲା ଅର୍ଥନୀତି ଚିନ୍ତା

## ପରାମର୍ଶଦାତାଙ୍କ ବୈଠକ ଡାକିଲେ ପ୍ରଧାନମନ୍ତ୍ରୀ

### ସଙ୍କଟରୁ ଅର୍ଥନୀତିକୁ ସୁରକ୍ଷା ଦେବା ଉପରେ ବିଚାରବିମର୍ଶ

### ରିଜର୍ଭ ବ୍ୟାଙ୍କ ମାନିଲା; ଭାରତୀୟ ଅର୍ଥନୀତି ଲାଇନଚ୍ୟୁତ

■ ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ମଧ୍ୟ ପ୍ରାଚ୍ୟ ସଙ୍କଟ ଥମିବାର ନାମ ଧରୁନାହିଁ। ଏଥିରେ ଭାରତୀୟ ଅର୍ଥନୀତିକୁ ଲାଗିଛି ଜୋରଦାର ଝଟକା। ଏହା ଏବେ ସରକାରଙ୍କ ପାଇଁ ବଡ଼ ଚିନ୍ତାର କାରଣ ପାଲଟିଛି। ଆମେରିକା ଏବଂ ଇରାନ ମଧ୍ୟରେ ଏକ ଶାନ୍ତି ବୁଝାମଣା ଏ ପର୍ଯ୍ୟନ୍ତ ହୋଇନଥିବାରୁ ସଙ୍କଟ ଟଳିନାହିଁ। ଏହାର ପ୍ରଭାବ ଜାତୀୟ ଅର୍ଥନୀତି ଉପରେ ପଡ଼ିବା ଆରମ୍ଭ କଲାଣି। ଭାରତୀୟ ଅର୍ଥନୀତି ଲାଇନଚ୍ୟୁତ ହୋଇଥିବା ଖୋଦ୍ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସ୍ୱୀକାର କଲେଣି। ଆଗକୁ ପରିସ୍ଥିତି ଆହୁରି ଗୁରୁତର ଆକାର ଧାରଣ କରିବାକୁ ଯାଉଥିବାର ସୂଚନା ମିଳିବା ଆରମ୍ଭ କଲାଣି। ଏହାକୁ ନେଇ ଚିନ୍ତିତ ହୋଇ ପଡ଼ିଛନ୍ତି କେନ୍ଦ୍ର ସରକାର। ଏଥିରୁ ରକ୍ଷା ପାଇବା ଲାଗି କ'ଣ କରାଯାଇପାରିବ, ସେସଂପର୍କରେ ପ୍ରଧାନମନ୍ତ୍ରୀ ଅର୍ଥନୈତିକ ପରାମର୍ଶଦାତାମାନଙ୍କ ସହିତ



ବିଚାର ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାଙ୍କର ଅର୍ଥନୀତି ପରାମର୍ଶଦାତା ପରିଷଦ (ପିଏମ୍-ଇଏସି) ସଦସ୍ୟମାନଙ୍କ ସହିତ ବୈଠକ କରିଥିବାର ଖବର ମିଳିଛି। ବୈଠକର ମୁଖ୍ୟ ଏଜେଣ୍ଡା ଥିଲା ବିଶ୍ୱ ସଙ୍କଟ ସମୟରେ ଦେଶର ▶ପୃଷ୍ଠା-୭

# ଯନ୍ତ୍ରୀଙ୍କ ଲକର୍‌ରେ ନଗଦ ୨ କୋଟି

■ ଭୁବନେଶ୍ୱର/ଫୁଲବାଣୀ/ବାଲିଗୁଡ଼ା, ୬।୬ (ସମିସ): ଯନ୍ତ୍ରୀଙ୍କ ବ୍ୟାଙ୍କ ଲକର୍‌ରେ ନଗଦ ୨ କୋଟି ଟଙ୍କା। ଖାଲି ସେତିକି ନୁହେଁ; ଭୁବନେଶ୍ୱର ଓ ଯାଜପୁରର ପ୍ରମୁଖ ଜାଗାରେ ୫ଟି ବହୁତଳ ବିଲ୍ଡିଂ ସାଙ୍ଗକୁ ଭୁବନେଶ୍ୱର, ଯାଜପୁର ଧର୍ମଶାଳା ଓ ବାରିପଦାକୁ ମିଶାଇ ୧୩ଟି ଦାମୀ ପ୍ଲଟ୍। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଚଢ଼ଉ କରୁକରୁ ଭିଜିଲାନ୍ସ ଜାଲରେ ପୁଣିଥରେ ଏକ ବଡ଼ ମାଛ ପଡ଼ିଛି। ୧୯୯୯ ମସିହାରେ କନିଷ୍ଠ ଯନ୍ତ୍ରୀ ଭାବେ ମାତ୍ର ୬ ହଜାର ଟଙ୍କା ଦରମାରେ ଚାକିରି



### ୯ଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ
### ୫ ବିଲ୍ଡିଂ, ୧୩ଟି ଦାମୀ ପ୍ଲଟ୍ ଠାବ

ଆରମ୍ଭ କରିଥିବା ଜଣେ ସରକାରୀ ବାବୁଙ୍କର ଏପରି ଅଚଳାଚଳ ସଂପତ୍ତି ଠାବ କରିଛି। ସେ ହେଲେ, କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ବୈକୁଣ୍ଠନାଥ ବେହେରା। ଭିଜିଲାନ୍ସ ଆଜି ସକାଳେ ତାଙ୍କ ଘର ଓ କାର୍ଯ୍ୟାଳୟ ସମେତ ମୋଟ ୯ଟି ସ୍ଥାନରେ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିଛି। ▶ପୃଷ୍ଠା-୭

# ଦିଲ୍ଲୀରେ ଗର୍ଜିଲା 'କକ୍ରୋଚ୍ ଜନତା ପାର୍ଟି'



## ଯନ୍ତରମନ୍ତରରେ ଏକାଠି ହେଲେ ସୋନମ୍ ୱାଙ୍ଗ୍‌ଚୁକ୍‌ଙ୍କ ସମେତ ହଜାର ହଜାର ଛାତ୍ରଛାତ୍ରୀ

■ ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ସାମାଜିକ ଗଣମାଧ୍ୟମର ଚର୍ଚ୍ଚିତ ସଂଗଠନ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ପକ୍ଷରୁ ଆଜି ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜଧାନୀ ଦିଲ୍ଲୀର ଜନ୍ତର ମନ୍ତରରେ ଆୟୋଜିତ ଏକ ନିଆରା ପ୍ରତିବାଦ ସଭାରେ ହଜାର ହଜାର ସଂଖ୍ୟାରେ ଛାତ୍ରଛାତ୍ରୀ ଏବଂ ସେମାନଙ୍କର ଅଭିଭାବକ ସାମିଲ ହୋଇଥିଲେ। ସିବିଏସ୍‌ଇ, 'ନିଟ୍' ବିଭ୍ରାଟର ପ୍ରତିବାଦ କରିବା ସହିତ ସେମାନେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛନ୍ତି।

ଶନିବାର ସକାଳେ ଦିଲ୍ଲୀ ପୋଲିସ ପକ୍ଷରୁ ଏହି ବିକ୍ଷୋଭ ପ୍ରଦର୍ଶନ ପାଇଁ ଆନୁଷ୍ଠାନିକ ଭାବେ ଅନୁମତି ପ୍ରଦାନ କରାଯାଇଥିଲା। ଏହି ଆନ୍ଦୋଳନର ନେତୃତ୍ୱ ନେବା ପାଇଁ 'କକ୍ରୋଚ୍ ଜନତା ପାର୍ଟି'ର ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ଆମେରିକାରୁ ଆସି ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବା ପରେ ସିଧାସଳଖ ଜନ୍ତରମନ୍ତର ଯାଇଥିଲେ। ବିମାନବନ୍ଦରରୁ ବାହାରିବା ସମୟରେ ଅଭିଜିତ୍‌ଙ୍କ ହାତରେ ସମ୍ବିଧାନ ପ୍ରଣେତା ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ଆତ୍ମଜୀବନୀ ବହି ଦେଖିବାକୁ ମିଳିଥିଲା। ଏହି ବିକ୍ଷୋଭ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୋଲିସ ପକ୍ଷରୁ ସୁରକ୍ଷା ▶ପୃଷ୍ଠା-୭

# ଗୋଠଛଡ଼ା ଦନ୍ତା ଆକ୍ରମଣରେ ମହିଳା ମୃତ



■ ଆନନ୍ଦପୁର, ୬।୬ (ସମିସ): ଆନନ୍ଦପୁର ସହରର କଲେଜ ପାଖ ଆମ୍ବ ବଗିଚାରେ ଏକ ଗୋଠଛଡ଼ା ଦନ୍ତା ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳାଜଣଙ୍କ ହେଲେ, ଫକୀରପୁର ଗାଁର ମଞ୍ଜୁଲତା ନାଥ। ଭୋର୍ ପ୍ରାୟ ୪ଟାରେ ମଞ୍ଜୁଲତା ଆମ୍ବ ବଗିଚାକୁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ଦନ୍ତାଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ହାତୀଟି ରାତିରେ ସିଆଡିମାଳିଆରୁ ଉତ୍ତରେଶ୍ୱର ମନ୍ଦିର ରାସ୍ତା ଦେଇ ଏହି ଆମ୍ବ ବଗିଚାରେ ପଶିଥିବା ଅନୁମାନ କରାଯାଉଛି। ସକାଳେ ଅନ୍ୟ ଜଣେ ▶ପୃଷ୍ଠା-୭

# ବଜ୍ରପାତରେ ଟଳିପଡ଼ିଲେ ଚାଷୀ ଦମ୍ପତି

■ ଆନନ୍ଦପୁର, ୬।୬ (ସମିସ): ବଜ୍ରପାତ ଆଜି ଏକ ଚାଷୀ ଦମ୍ପତିଙ୍କ ଜୀବନ ନେଇଛି। ମୃତ ଦମ୍ପତି ହେଲେ, କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ରୁଟିଶିଳା ଗ୍ରାମର ବାଣେଶ୍ୱର ନାଇକ ଓ ତାଙ୍କ ସ୍ତ୍ରୀ ମଞ୍ଜୁଲତା ନାଇକ। ଗତକାଲି ଦୁହେଁ ନିଜ ଜମିରେ ହଳ କରୁଥିବା ବେଳେ ବଜ୍ରପାତରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ୍ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ମା'କୁ ଘରେ ବନ୍ଦୀକରି ଝିଅକୁ ଉଠାଇନେଲେ

■ ବାଲେଶ୍ୱର, ୬।୬ (ସମିସ): ବାଲେଶ୍ୱର ସହର ଉପକଣ୍ଠ ଟାଉନ୍ ଥାନା ମାଣିଖମ୍ବ ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଜଣେ ୧୫ ବର୍ଷର ନାବାଳିକା ସ୍କୁଲ ଛାତ୍ରୀଙ୍କୁ ଘରୁ ଜବରଦସ୍ତ ଅପହରଣ କରିନେଇଛନ୍ତି କିଛି ଦୁର୍ବୃତ୍ତ। ଏ ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ନାବାଳିକାର ମା'ଙ୍କୁ ମଧ୍ୟ ମାଡ଼ ମାରି ଏକ କୋଠରିରେ ବନ୍ଦ କରିବା ସହ ଘରୁ ସୁନା ଗହଣା ଏବଂ ନଗଦ ଟଙ୍କା ଲୁଟି ନେଇଥିବା ପରିବାର ପକ୍ଷରୁ ଦାବି କରାଯାଇଛି।

ଜୁନ୍ ୫ ତାରିଖ ଅପରାହ୍ଣ ପ୍ରାୟ ୪ଟା ସମୟରେ ନାବାଳିକାର ବାପା ପ୍ରଦୀପ କମିଳା ନିଜ ଦୋକାନକୁ ଯାଇଥିବା ବେଳେ ଘରେ କେବଳ ମା'



ଏବଂ ନାବାଳିକା ଝିଅ ଥିଲେ। ଏହାର ସୁଯୋଗ ନେଇ କିଛି ଦୁର୍ବୃତ୍ତ ମୁହଁରେ କଳାକପଡ଼ା ବାନ୍ଧି ଧସେଇ ପଶିଥିଲେ। ଅଭିଯୁକ୍ତମାନେ ନାବାଳିକାର ମା'ଙ୍କୁ ଠେଲାପେଲା ଓ ମାଡ଼ ମାରି ଏକ କୋଠରି ଭିତରେ ବନ୍ଦ କରି ଦେଇଥିଲେ। ଏହାପରେ ଘରେ ରଖାଯାଇଥିବା ସୁନା ଗହଣା ଓ ନଗଦ ଟଙ୍କା ଲୁଟିବା ସହ ନାବାଳିକା ଝିଅକୁ ଜବରଦସ୍ତ ଏକ ବାଇକ୍‌ରେ ଅପହରଣ କରି ଚମ୍ପଟ ମାରିଥିଲେ। ଏହି ଅପହରଣ

## ଟ୍ୟୁସନ ଯିବା ରାସ୍ତାରେ କରୁଥିଲେ ହଇରାଣ

ପଛରେ ଟାଉନ ଥାନା ଅନ୍ତର୍ଗତ ଦାମୋଦରପୁର (ଭେଲୋରା) ଅଞ୍ଚଳର ଚନ୍ଦ୍ରଶେଖର ନାୟକ, ଜେପା ନାୟକ ଏବଂ ସେମାନଙ୍କର ଅନ୍ୟ ୪-୫ ଜଣ ସହଯୋଗୀ ସାମିଲ ଥିବା ନେଇ ଝିଅର ବାପା ପ୍ରଦୀପ କମିଳା ଟାଉନ୍ ଥାନାରେ ▶ପୃଷ୍ଠା-୭



## ଶ୍ମଶାନ ଜମିରେ ପୋଖରୀ ଖୋଳା; ୨ ଗୋଷ୍ଠୀ ମୁହାଁମୁହିଁ

ବାଲେଶ୍ୱର(ଉତ୍ତର),୬।୬(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଅନଳିଆ ପଞ୍ଚାୟତ ଅଧୀନ ନୁଟୁରା ଗ୍ରାମରେ ଏକ ଶ୍ମଶାନ ଜମିରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପୋଖରୀ ଖୋଳାକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହେବା ପରେ ଜଣେ ଗିରଫ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଏହି ଗ୍ରାମର ଏକ ଶ୍ମଶାନ କିସମ ଜମିକୁ ସନ୍ତୋଷ କୁମାର ଦଣ୍ଡପାଟ ଦୀର୍ଘ ବର୍ଷ ହେବ ଜବରଦଖଲ କରି ରଖିଥିଲେ। ମାତ୍ର ଗ୍ରାମ ପଞ୍ଚାୟତର ପ୍ରସ୍ତାବକ୍ରମେ ମନରେଗା ଯୋଜନାରେ ସେହି ସ୍ଥାନରେ ପୋଖରୀ ଖୋଳିବା ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ପରବର୍ତ୍ତୀ ସମୟରେ ୫୭ ଜଣ ଅଣକୁଶଳୀ ଶ୍ରମିକଙ୍କ ଦ୍ୱାରା ପୋଖରୀ ଖୋଳା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ସମୟରେ ସନ୍ତୋଷ, ସପନ ଦଣ୍ଡପାଟ ଓ ସନ୍ଧ୍ୟାରାଣୀ ଦଣ୍ଡପାଟ ଆସି ବାବୁ ଘଡ଼ାଇ ନାମକ ଜଣେ ବ୍ୟକ୍ତିଙ୍କୁ ପିଟାମରା କରିଥିଲେ। ସେ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅପରପକ୍ଷରେ ଅନ୍ୟ ଏକ ଗୋଷ୍ଠୀର ସନ୍ତୋଷ ଗିରି, ବାବୁ ରାମ ଘଡ଼ାଇ, ମେନକା ଗିରି, ମଲ୍ଲିକା ପ୍ରଧାନ, କୌଶଲ୍ୟା ପ୍ରଧାନ ପ୍ରମୁଖ ୫ ଜଣ ମିଶି ସନ୍ଧ୍ୟାରାଣୀ ଦଣ୍ଡପାଟଙ୍କୁ ପିଟାମରା କରିଥିବା ନେଇ ମଧ୍ୟ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନା ପରିସରରେ ଗ୍ରାମର ଶହ ଶହ ମହିଳା ଓ ପୁରୁଷ ଆସି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଥିଲେ। ତେବେ ଭୋଗରାଇ ପୁଲିସ ଦୁଇଟି ଏତଲାକୁ ଗୁରୁତର ସହିତ ନେଇ ୧୭୯/୨୬ ଓ ୧୮୦/୨୬ ନମ୍ବରରେ ପୃଥକ୍ ମାମଲା ରୁଜୁ କରି ଅଭିଯୁକ୍ତ ସପନ ଦଣ୍ଡପାଟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଏ ନେଇ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି।

# ଜଙ୍ଗଲରୁ ଝୁଲନ୍ତା କଙ୍କାଳ ଉଦ୍ଧାର; ପୁଲିସର ତନାଘନା

ବାଲେଶ୍ୱର,୬।୬(ସମିସ)

ଜଙ୍ଗଲ ମଧ୍ୟରେ ଥିବା ଏକ ଗଛରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଅର୍ଥାତ କେବଳ କଙ୍କାଳକୁ ଆଜି ଉଦ୍ଧାର କରାଯାଇଛି। ଉଦ୍ଧାର ବ୍ୟକ୍ତିଙ୍କ ମୃତଦେହର କିଛି ଅଂଶ ତଳେ ପଡ଼ିଥିବା ବେଳେ ଆଉ କିଛି ଝୁଲନ୍ତା ଅବସ୍ଥାରେ ଥିଲା। ଯାହାକୁ ନେଇ ଏବେ ତାହା ଆତ୍ମହତ୍ୟା ନା ତାଙ୍କୁ ହତ୍ୟା କରାଯାଇଛି ତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଜଙ୍ଗଲକୁ ଗ୍ରାମର କିଛି ମହିଳା କାଠ ସଂଗ୍ରହ କରିବାକୁ ଯାଇଥିବା ବେଳେ ଏହି ଘଟଣା ସାମ୍ନାକୁ ଆସିଛି। ସଦର ଥାନା ଅନ୍ତର୍ଗତ ଓଲନ୍ଦା ସାରଗାଁ ଅଞ୍ଚଳରେ ଏଭଳି ଘଟଣା ଦେଖିବାକୁ ମିଳିଛି। ପ୍ରାୟ ୨୨ ଦିନ ହେବ ନିଖୋଜ ଥିବା ଜଣେ ବୃଦ୍ଧଙ୍କ ମୃତଦେହ ବୋଲି କୁହାଯାଉଥିବାବେଳେ ପୁଲିସ ତାହାକୁ ଉଦ୍ଧାର କରି ତନାଘନା କରୁଛି। ମୃତ ବ୍ୟକ୍ତିଜଣକ ହେଉଛନ୍ତି ଓଲନ୍ଦା ସାରଗାଁ ପଞ୍ଚାୟତ ଅନ୍ତର୍ଗତ ରାଘପୁର ଅଞ୍ଚଳର ୬୦ବର୍ଷୀୟ କୈଳାସ ପ୍ରଧାନ। ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଓ କିଛି ହାଡ଼ ଅଲଗା ଅଲଗା ଜାଗାରେ ବିକ୍ଷିପ୍ତ ହୋଇ ପଡ଼ିଥିବାରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ଗାଁର କିଛି ମହିଳା ଜଙ୍ଗଲକୁ କାଠ ସଂଗ୍ରହ କରିବା ପାଇଁ ଯାଇଥିବା ବେଳେ ପ୍ରଥମେ ଏହି ବିଭତ୍ସ ଦୃଶ୍ୟ ଦେଖିବାକୁ ପାଇଥିଲେ। ଭୟଭୀତ ଅବସ୍ଥାରେ ସେମାନେ ଗ୍ରାମବାସୀଙ୍କୁ ଜଣାଇବା ପରେ ପୁଲିସକୁ ସୂଚନା ଦିଆଯାଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସମ୍ପୃକ୍ତ



ବ୍ୟକ୍ତିଜଣକ ନିଖୋଜ ହେବା ରାତିରେ ଯେଉଁ ଲୁଙ୍ଗି ଓ ବାନିଅନ୍ ପିନ୍ଧିଥିଲେ, ତାହା ମଧ୍ୟ ଘଟଣାସ୍ଥଳରୁ ମିଳିଛି। ସାଧାରଣତଃ ସେହି ଜଙ୍ଗଲ ଭିତରକୁ କେହି ଯାଉ ନଥିବାରୁ, ବୃଦ୍ଧଙ୍କୁ ସେଠାରେ ହତ୍ୟା କରାଯାଇଥିବା ନେଇ ସନ୍ଦେହ ଦୃଢ଼ୀଭୂତ ହେଉଛି। ଖବର ପାଇ ସ୍ଥାନୀୟ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜଗି ରହିଛି। ଏହି ରହସ୍ୟଜନକ ମୃତ୍ୟୁର ପର୍ଦ୍ଦାଫାଶ କରିବା ପାଇଁ ସାଇଣ୍ଟିଫିକ୍ ଟିମ୍ ଓ ସ୍ପେଶାଲ୍ ସ୍କ୍ୱାଡ୍‌କୁ ଡକାଯାଇଛି। ସାଇଣ୍ଟିଫିକ୍ ଟିମ୍‌ର ଅନୁସନ୍ଧାନ ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ ସୂଚନା ଦେଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ନାନା ଚର୍ଚ୍ଚା ଲାଗିରହିଛି।

## କାର୍ଯ୍ୟାଳୟରେ ଅବ୍ୟବସ୍ଥା; ଜିଲ୍ଲା ଶିକ୍ଷାଧିକାରୀ ହଟହଟା



ବାଲେଶ୍ୱର ସଦର,୬।୬(ସମିସ): ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବିଭିନ୍ନ ଅବ୍ୟବସ୍ଥା ପାଇଁ ଆଜି ସେଠାରେ କିଛି ସମୟ ଅସନ୍ତୋଷ ଦେଖା ଦେଇଥିଲା। ଯାହା ଫଳରେ ଶିକ୍ଷାଧିକାରୀ ବସନ୍ତ କୁମାର ନାୟକଙ୍କୁ ହଟହଟା ହେବାକୁ ପଡ଼ିଥିଲା। ଜିଲ୍ଲାର ଏହା ଏକ ପ୍ରମୁଖ କାର୍ଯ୍ୟାଳୟ ହୋଇଥିବାରୁ ସିମୁଳିଆ ଠାରୁ ଆରମ୍ଭ କରି ଭୋଗରାଇ ଚନ୍ଦନେଶ୍ୱର ପର୍ଯ୍ୟନ୍ତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହିତ ସାଧାରଣ ଲୋକ, ସମାଜସେବୀ ସାମ୍ବାଦିକ ପ୍ରତିଦିନ ଏହି କାର୍ଯ୍ୟାଳୟକୁ ଆସିଥାନ୍ତି। ମାତ୍ର ଏହି କାର୍ଯ୍ୟାଳୟର ଏକାଧିକ ଅବ୍ୟବସ୍ଥା ପାଇଁ ସେମାନଙ୍କୁ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ। ଏହି କାର୍ଯ୍ୟାଳୟରେ ଲୋକଙ୍କ ବସିବା ପାଇଁ କୌଣସି ଜାଗା ନଥିବା ବେଳେ ଲୋକମାନଙ୍କୁ ଅନେକ ସମୟଧରି ଛିଡ଼ା ହୋଇ ଅପେକ୍ଷା କରିବାକୁ ପଡ଼ୁଥିଲା। ସେହିପରି ଅସହ୍ୟ ଗରମରେ ସେଠାରେ ନା ଅଛି ଫ୍ୟାନ ନା ଲୋକଙ୍କ ପାଇଁ ପିଇବା ପାଣିର କିଛି ବ୍ୟବସ୍ଥା। ଆଜି ଅନ୍ତର୍ଜାତୀୟ ମାନବାଧିକାର ସମିତିର ଜିଲ୍ଲା ସଭାପତି ଡା. ଜିତେନ୍ଦ୍ର ମହାରଣା କୌଣସି କାର୍ଯ୍ୟରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଜଣେ ଶିକ୍ଷୟିତ୍ରୀ ତାଙ୍କର ୮୦ ବର୍ଷୀୟ ବାପାଙ୍କୁ ଧରି କୌଣସି କାର୍ଯ୍ୟରେ ସେଠାକୁ ଯାଇଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀ ବ୍ୟସ୍ତ ଥିବାରୁ ସେଠାରେ ତାଙ୍କୁ ଅନେକ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିଥିବା ଦେଖିଥିଲେ। ସେହିଭଳି ଅନ୍ୟ କେତେଜଣ ଶିକ୍ଷକ ମଧ୍ୟ ସେଠାରେ ଅପେକ୍ଷା କରିଥିଲେ। ସମସ୍ତେ ଛିଡ଼ା ହୋଇଥିବା ବେଳେ ଭୀଷଣ ଗରମ ଓ ଝାଳରେ ଓଦା ହୋଇ ଯାଇଥିଲେ। ଏହି ଘଟଣା ଦେଖିବା ପରେ ଶ୍ରୀ ମହାରଣା ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହିତ ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ ନାୟକଙ୍କୁ ଭେଟି ତାଙ୍କୁ ବାହାରକୁ ଆଣି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ସମସ୍ତ ଅସୁବିଧା ସମ୍ପର୍କରେ ଅବଗତ ହେବା ପରେ ଖୁବ୍‌ଶୀଘ୍ର ଏହି ଘଟଣାର ସମାଧାନ କରାଯିବ ବୋଲି ଶିକ୍ଷାଧିକାରୀ ଶ୍ରୀ ନାୟକ ପ୍ରତିଶ୍ରୁତି ଦେଇଥିଲେ। ତେବେ ଜିଲ୍ଲା ମୁଖ୍ୟାଳୟ ଭିତରେ ଏହି ପ୍ରମୁଖ କାର୍ଯ୍ୟାଳୟରେ ଏଭଳି ଅବ୍ୟବସ୍ଥା ପାଇଁ ଏଠାରେ ଅନେକ ଦିନରୁ ଅସନ୍ତୋଷ ଲାଗିରହିଥିବା ଜଣାପଡ଼ିଛି।

### ଜିଲ୍ଲା ଅବକାରୀ ବିଭାଗର ଚଢ଼ଉ

## ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମଦ ସହ କାର ଜବତ; ୪ ଗିରଫ

ଜଳେଶ୍ୱର,୬।୬(ସମିସ): ବାଲେଶ୍ୱର ଜିଲ୍ଲାରୁ ଦେଶୀ, ବିଦେଶୀ ଓ ନକଲି ଚୋରା ମଦ କାରବାରକୁ ନିପାତ କରିବା ପାଇଁ ରାଜ୍ୟସ୍ତରୀୟ ବୈଠକରେ ଅବକାରୀ ମନ୍ତ୍ରୀ ଓ ଅବକାରୀ କମିସନରଙ୍କ ନିର୍ଦ୍ଦେଶ ମୂଳେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଏକ ୩୦ଜଣିଆ ସ୍ୱତନ୍ତ୍ର ଟିମ ଗଠନ କରି ଚଢ଼ଉ ଆରମ୍ଭ ହୋଇଛି। ଯାହା ଫଳରେ ଭୋଗରାଇ ଓ ଜଳେଶ୍ୱର ଅଞ୍ଚଳରୁ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅପମିଶ୍ରିତ ଦେଶୀ, ନକଲି ବିଦେଶୀ ମଦ ସହିତ ମଦ ମାଫିଆଙ୍କ କିଙ୍ଗ୍‌ପିନ୍ ମଣ୍ଟୁ ସହିତ ୪ଜଣ ବେପାରୀଙ୍କୁ ଗିରଫ କରିବାରେ ଅବକାରୀ ବିଭାଗ ସଫଳତା ହାସଲ କରିଛି। ଏଥିସହିତ ଗୋଟିଏ କାର ଓ ଗୋଟିଏ ମଟରସାଇକଲ ସହିତ ୧୫୦ଲିଟର ମଦ ତିଆରି କେମିକାଲ ଜବତ କରାଯାଇଥିବା ଜଣାଯାଇଛି। ଏହି ଚଢ଼ଉରେ ଭୋଗରାଇ ଲକ ଅଞ୍ଚଳରେ ଥିବା ଏକ ଦେଶୀ ମଦ ତିଆରି କାରଖାନାରୁ ବହୁଳ ଭାବରେ ମଦ ତିଆରି ସରଞ୍ଜାମ ସହିତ ସେଥିରେ ବ୍ୟବହୃତ ହେଉଥିବା ସ୍ପିରିଟ ଜବତ ହୋଇଥିବା ଜଣାପଡ଼ିଛି। ରାଜଘାଟର ବେଣାପୁରା ଅଞ୍ଚଳରୁ ମଧ୍ୟ ବହୁଳ ଭାବରେ ଦେଶୀ ମଦ ଓ ନକଲି ବିଦେଶୀ ମଦ ଜବତ ହୋଇଥିବା ଜଣାଯାଇଛି। ଏହି ଚଢ଼ଉରେ ଜିଲ୍ଲା ଅବକାରୀ ଡେପୁଟି ସୁପରୀଟେଣ୍ଡେଣ୍ଟ ଜଳେଶ୍ୱର ରେଞ୍ଜ ଶଶିକାନ୍ତ ଦତ୍ତଙ୍କ ନେତୃତ୍ୱରେ ଜିଲ୍ଲା ଅବକାରୀ ଇନ୍ସପେକ୍ଟର କେଶବ ଦାସ, ଇନ୍ସପେକ୍ଟର ଦେବେନ୍ଦ୍ର ବେହେରା, ସବ ଇନ୍ସପେକ୍ଟର ଭବେଶ ଦାସ, ଜଗନ୍ନାଥ ଭିତିରିଆ, ସୁନୀଲ ମାଝୀ, ଏଏସ୍‌ଆଇ ରବିନାରାୟଣ ରଣା, ଲମ୍ବୋଦର ମହନ୍ତ ପ୍ରମୁଖଙ୍କ ସହିତ ମୋବାଇଲ ସ୍କ୍ୱାର୍ଡ, ଭୋଗରାଇ ଓ ଜଳେଶ୍ୱର ଅବକାରୀ ବିଭାଗର କିଛି ସ୍ୱତନ୍ତ୍ର ଅଧିକାରୀ ଏହି ଟିମ୍‌ରେ ସାମିଲ ଥିଲେ। ଏ ନେଇ ଭ୍ରାମ୍ୟମାଣ ସ୍କ୍ୱାଡ୍ ଓ ଜଳେଶ୍ୱର ଅବକାରୀ ଥାନା ପକ୍ଷରୁ ମୋଟ ୪ ଟି ପୃଥକ୍ ମାମଲା ରୁଜୁ କରାଯାଇଛି।



## ପଥର ବୋଝେଇ ଡମ୍ଫର ସହ ଗଚ୍ଛିତ ପଥର ଜବତ

ସୋର,୬।୬(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ପାଇକାଳି ନିକଟରୁ ଦୁଇଟି ବେଆଇନ ପଥର ବୋଝେଇ ଡମ୍ଫରକୁ ଜବତ କରିଛନ୍ତି ସୋରର ଭାରପ୍ରାପ୍ତ ତହସିଲଦାର। ଆଜି ଅପରାହ୍ଣରେ ବାଗୁଡ଼ି ଖାଦାନରୁ ବେଆଇନ ପଥର ଚାଲାଣ ହେଉଥିବା ଖବର ପାଇ ଭାରପ୍ରାପ୍ତ ତହସିଲଦାର କୃଷ୍ଣ ମୋହନ ସିଂହ ପାଇକାଳି ନିକଟରେ ଚଢ଼ଉ କରିଥିଲେ। ଏହି ସମୟରେ ଓଡି ୧୧ଭି ୪୬୩୧ ଏବଂ ଓଡି ୦୧ ଭି ୧୫୪୫ ଡମ୍ଫର ଦୁଇଟି ବେଆଇନ ପଥର ବୋଝେଇ କରି ଆସୁଥିବା ବେଳେ ଗାଡ଼ିକୁ ଅଟକାଇ କାଗଜପତ୍ର ଯାଞ୍ଚ କରି ଗାଡ଼ି ଦୁଇଟିକୁ ଜବତ କରି ସୋର ଥାନାରେ ଜିମା ଦେବା ସହିତ ଖଣି ବିଭାଗକୁ ହସ୍ତାନ୍ତର କରିଛନ୍ତି। ସେହିପରି ଭାରପ୍ରାପ୍ତ ତହସିଲଦାର ଶ୍ରୀ ସିଂହ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଓ ସମ୍ବିତ କୁମାର ମଣିଙ୍କୁ ନେଇ ଏକ ଟିମ ସହ ଖଞ୍ଜାମାହାଲ ଏବଂ ମହୁମୁହାଣରେ ଚାଲିଥିବା ବିଭିନ୍ନ କ୍ରସର ରେ ଚଢ଼ାଉ କରିଥିଲେ। ଏହି ସମୟରେ ମୋଟ ୮ ଟି କ୍ରସରରୁ ୯ ହଜାର କ୍ୟୁବି ମିଟର ପଥର ଜବତ କରିଥିବା ଜଣାପଡିଛି। ତେବେ ପରବର୍ତ୍ତୀ ସମୟରେ ଉକ୍ତ କ୍ରସର ମାଲିକଙ୍କ ନିକଟରୁ ଫାଇନ ଆଦାୟ କରାଯିବ ବୋଲି ସୂଚନା ମିଳିଛି।

## କୁଳଡିହା ଅଭୟାରଣ୍ୟରୁ ୨ଶିକାରୀ ଗିରଫ

ନୀଳଗିରି,୬।୬(ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଅଧୀନ କୁଳଡିହା ଅଭୟାରଣ୍ୟରେ ଗତ ୫ ତାରିଖ ଶୁକ୍ରବାର ରାତି ପ୍ରାୟ ୮ଟା ୨୦ ମିନିଟ ସମୟରେ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଅନ୍ତର୍ଗତ ଚଟକା (ପଇଡ଼ପାଣି) ଠାରେ ପ୍ରବେଶ ପଥରେ ଡ୍ୟୁଟି କରୁଥିବା ବନ କର୍ମଚାରୀମାନେ ଦୁଇ ଜଣ ସଶସ୍ତ୍ର ଶିକାରୀଙ୍କୁ ଗିରଫ



ରଖିଥିଲେ। ସେମାନେ ହେଲେ ନୀଳଗିରିର ଅଞ୍ଚଳ ବାଙ୍କିଶୂଳ ଗ୍ରାମର ଗୁରୁବା ସିଂ ଏବଂ ନୀଳଗିରିର ନୂଆସାହି ଅଞ୍ଚଳର ସଦା ସିଂ। ଯାଞ୍ଚ ସମୟରେ, କର୍ମଚାରୀମାନେ ସେମାନଙ୍କ ନିକଟରୁ ୨ ଗୋଟି ଦେଶୀ ବନ୍ଧୁକ, କୁଟୁରା ମାଂସ, ବିସ୍ଫୋରକ ଓ ଗୋଟିଏ ଦାଆ ଜବତ କରିଥିଲେ। ବେଆଇନ ଶିକାର କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିବା ବେଳେ ଶନିବାର ଉଭୟ ଅଭିଯୁକ୍ତ ନାମରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## 'ଶରୀର ଏକ ପାନ୍ଥଶାଳା' ପୁସ୍ତକ ଉନ୍ମୋଚିତ



ବାଲେଶ୍ୱର,୬।୬(ସମିସ): ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୁସ୍ତକ "ଶରୀର ଏକ ପାନ୍ଥଶାଳା' ଉନ୍ମୋଚିତ ହୋଇଯାଇଛି। ପୁସ୍ତକଟିକୁ ଉନ୍ମୋଚନ କରି ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ, ଡାକ୍ତର ନନ୍ଦଙ୍କ ଦ୍ୱାରା ଲିଖିତ ପୁସ୍ତକଟି ଛାତ୍ରଛାତ୍ରୀ, ଗବେଷକ ଓ ସାଧାରଣ ପାଠକଙ୍କ ମାନବ ଶରୀରତତ୍ତ୍ୱ ସମ୍ପର୍କରେ ଥିବା ସମସ୍ତ ଜିଜ୍ଞାସା ଅନେକାଂଶରେ ଦୂରୀଭୂତ ହେବା ସଙ୍ଗେସଙ୍ଗେ ଏହା ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିବ। ବରିଷ୍ଠ ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉନ୍ମୋଚନ ଉତ୍ସବରେ ଲେଖକ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିଲେ। କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଭେଷଜ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଜୟନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସ୍ତ୍ରୀ ଓ ପ୍ରସୂତି ବିଭାଗ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଡାକ୍ତର ପ୍ରଫେସର ପୂର୍ଣ୍ଣଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକଟିର ପ୍ରଶଂସା କରିଥିଲେ। କବି ଦୀପକ ବୋଷ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ସମାଜରେ ଡାକ୍ତରମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଫେସର ରବିନାରାୟଣ ଦାଶ ପୁସ୍ତକ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବା ବେଳେ ପ୍ରଫେସର ରଶ୍ମିରେଖା ପତି ଶେଷକଥା ରଖିଥିଲେ। ସଭା ଆରମ୍ଭରେ ଦୀପକ ବୋଷଙ୍କ ରଚିତ ଏକ ଭଜନକୁ ଗୁରୁ ସତ୍ୟରଞ୍ଜନ ମହାରି ଗାନ କରିଥିଲେ। ଦିବଂଗତ ସାରସ୍ୱତ ସ୍ରଷ୍ଟା ଜେ.ପି. ଦାଶଙ୍କ ଉଦ୍ଦେଶ୍ୟରେ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ବ. ସୋମା ନନ୍ଦ ଓ ଇଂ. ସୁଧୀର କୁମାର ଦାଶ ସଭା ପରିଚାଳନାରେ ସହାୟତା କରିଥିଲେ।

## ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର,୬।୬(ସମିସ): ସତ୍ୟଭାମା ଚାରିଟେବୁଲ ଟ୍ରଷ୍ଟ ଓ ସମୟର ଚକ୍ର ମିଳିତ ଆନୁକୂଲ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସତ୍ୟଭାମା ଚାରିଟେବୁଲ ଟ୍ରଷ୍ଟ ମୁଖ୍ୟ ସତ୍ୟଭାମା ଜେନାଙ୍କ ଆହ୍ୱାନକ୍ରମେ ପ୍ରକୃତି ମିତ୍ର ସମୟରଚକ୍ର ସମ୍ପାଦକ ସର୍ବେଶ୍ୱର ଜେନାଙ୍କ ତତ୍ତ୍ୱାବଧାନରେ ପୌରପାଳିକାର ୧୦ ନମ୍ବର ୱାର୍ଡ କାଉନସିଲର ରାଧାକୃଷ୍ଣ ଦାସ, ସମାଜସେବୀ ଯୁବନେତା ବିକାଶ ପାଢ଼ୀ, ସମାଜସେବୀ



ଆର୍ଶୀତା ତରେଇ, କବି ପ୍ରତିମା ପଣ୍ଡା, ସମାଜସେବୀ ସତ୍ୟେନ୍ଦ୍ର ଦାସ, ସମାଜସେବୀ ସତ୍ୟନାରାୟଣ ନାୟକ, କବି ଜୟନ୍ତ ରଣା, ସାମ୍ବାଦିକା ସଂଯୁକ୍ତା ବେହେରା, ଅଧ୍ୟାପକ ଡ଼ଃ.ଅଶ୍ୱିନୀ ପ୍ରଧାନ, ସମାଜସେବୀ କାର୍ତ୍ତିକ ଚନ୍ଦ୍ର ସାହୁ, ସମାଜସେବୀ ମାନସ ସ୍ୱାଇଁ, ସମାଜସେବୀ ଲୁଲୁମିନତି ସେଠୀ, ସୁସଙ୍ଗମ ଜେନା, ତଥା ଯାତାୟତ ସ୍ଥାନୀୟ ଅନେକ ବାସିନ୍ଦା ଏହି କାର୍ଯ୍ୟକ୍ରମରେ ଯୋଗଦାନ ଦେଇ ବୃକ୍ଷରୋପଣ କରିଥିଲେ। ପରେ ବୃକ୍ଷରୋପଣ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।

## ଦିବ୍ୟାଙ୍ଗ ନାବାଳିକା ନିଖୋଜ

ସୋର,୬।୬(ସମିସ): ସୋର ଥାନା ମାଣିପୁର ଗ୍ରାମର ଜଣେ ଦିବ୍ୟାଙ୍ଗ ନାବାଳିକା କମ୍ପ୍ୟୁଟର କ୍ଲାସକୁ ଯାଇଥିବା ବେଳେ ୧୨ ଦିନ ଧରି ନିଖୋଜ ଅଛନ୍ତି। ତାଙ୍କର କୌଣସି ଖୋଜ ଖବର ମିଳିପାରିନଥିବା ଜଣାପଡ଼ିଛି। ଏହି ଗ୍ରାମର ରଶ୍ମିତା ବାରିକ (୧୭) ତଳନଗର କଲେଜରେ ପଢୁଥିବାବେଳେ ଗତ ୨୫ ତାରିଖରେ ସେ ସୋରରେ ଥିବା ବିଜୁ ପଟ୍ଟନାୟକ କମ୍ପ୍ୟୁଟର ଏକାଡେମୀକୁ କମ୍ପ୍ୟୁଟର କ୍ଲାସ ପାଇଁ ଯାଇଥିଲେ। ମାତ୍ର ସେଠାରୁ ଘରକୁ ନଫେରିବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହିତ ସୋର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଘରେ କେହି ନ ଥିବାବେଳେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଜଳେଶ୍ୱର,୬।୬(ସମିସ): ଜଳେଶ୍ୱର ମ୍ୟୁନିସିପାଲିଟିର ଚୁଡ଼ାମଣିପୁର ଗାଁର ପ୍ରଶାନ୍ତ କୁମାର କର ଘରେ ନ ଥିବାବେଳେ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ଗଡ୍‌ରେଜରୁ ୩୦ହଜାର ଟଙ୍କା, ଏକ ଟିଭି ସହିତ କେତେକ ଆସବାବପତ୍ର ମଧ୍ୟ ଲୁଟିନେଇଥିବା ଜଣାଯାଇଛି। ଶୁକ୍ରବାର ରାତିରେ ଫେରି ଘରର କବାଟ ଭଙ୍ଗାଯାଇଥିବା ଓ ଆସବାପତ୍ର ଛିନ୍‌ଛତ୍ର ହୋଇଥିବା ଦେଖି ଆଜି ପୁଲିସକୁ ଖବର ଦେଇଥିଲେ ପରିବାର ଲୋକେ। ତେବେ ଦୁର୍ବୃତ୍ତମାନେ ଜନଗହଳିପୂର୍ଣ୍ଣ ଅଞ୍ଚଳରେ କିପରି ଏପରି କାଣ୍ଡ ଭିଆଉଛନ୍ତି ବୋଲି ସାଧାରଣରେ ଆଲୋଚନ ହେଉଛି।

## ଅନ୍ତର୍ଜାତୀୟ କଳା ପ୍ରଦର୍ଶନୀରେ ନୀଳଗିରିର ପୁଅ ପ୍ରଦୀପ ସମ୍ମାନିତ



ନୀଳଗିରି,୬।୬(ସମିସ): କାଶିକା ଆର୍ଟିଷ୍ଟ ଗ୍ରୁପ୍ ବାରଣାସୀ ପକ୍ଷରୁ ଅନ୍ତର୍ଜାତୀୟ କଳା ପ୍ରଦର୍ଶନୀ ଗତ ୪ ତାରିଖରୁ ଆରମ୍ଭ ହୋଇ ୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରତ ବର୍ଷର ବିଭିନ୍ନ ରାଜ୍ୟରୁ ୭୦ଜଣ ଆର୍ଟିଷ୍ଟ ମନୋନୀତ ହୋଇଥିବା ବେଳେ ଓଡ଼ିଶା ରାଜ୍ୟରୁ ୬ ଜଣ ଯୋଗ୍ୟ ବିବେଚିତ ହୋଇଥିଲେ। ସବୁଠାରୁ ବଡ଼ କଥା ହେଉଛି ବାଲେଶ୍ୱର ଜିଲ୍ଲାର ନୀଳଗିରି ବ୍ଲକ୍ ଗରଡିହି ପଞ୍ଚାୟତ ଅଧୀନ କଳାକାଦ ଗାଁର ନରେନ୍ଦ୍ର ପାତ୍ରଙ୍କ ଏକ ମାତ୍ର ପୁଅ ପ୍ରଦୀପ କୁମାର ପାତ୍ର ଉକ୍ତ କଳା ପ୍ରଦର୍ଶନୀରେ ଆଧୁନିକ ପାରମ୍ପରିକ ଚିତ୍ର କଳା ପ୍ରଦର୍ଶନୀ କରି ସମ୍ମାନିତ ହୋଇଛନ୍ତି। ଯାହା ସମଗ୍ର ନୀଳଗିରି ପାଇଁ ଗର୍ବ ଓ ଗୌରବର ବିଷୟ। ତେବେ ପ୍ରଦୀପଙ୍କୁ ଏହି ଆନ୍ତର୍ଜାତିକ କଳା ପ୍ରଦର୍ଶନୀରେ ସମ୍ମାନିତ ହୋଇଥିବାରୁ ସେ ତାଙ୍କର ଶ୍ରେୟ ବାପା, ମା ଏବଂ ସାଙ୍ଗସାଥୀଙ୍କୁ ଦେଇଥିବା କହିଛନ୍ତି।

## କ୍ଷେତ ମଜଦୁର ଓ ଗ୍ରାମୀଣ ଶ୍ରମିକ ୟୁନିଅନ ପକ୍ଷରୁ ପଥପ୍ରାନ୍ତ ସଭା

ଜଳେଶ୍ୱର/ଜଳେଶ୍ୱର ବ୍ଲକ୍,୬।୬(ସମିସ)

କ୍ଷେତମଜଦୁର ଓ ଗ୍ରାମୀଣ ଶ୍ରମିକ ୟୁନିଅନ୍ ସୁଗୋ ଶାଖା ତରଫରୁ ଏକ ପ୍ରଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଭୂମିହୀନଙ୍କୁ ଘରଡ଼ିହ ପଟ୍ଟା ଦେବା, ଜବ୍ କାଡର୍‌ରେ ବର୍ଷକୁ ୨୦୦ଦିନ କାମ ଦେବା ସହ ଦୈନିକ ମଜୁରି ୬ଶହ ଟଙ୍କା କରିବା, ଅତ୍ୟାବଶ୍ୟକ ଥିବା ବ୍ୟକ୍ତିଙ୍କୁ ଆଗ୍ରାଧିକାର ଭିତ୍ତିରେ ଆବାସ ଗୃହ ମଞ୍ଜୁର କରିବା, ବାଲି, ସିମେଣ୍ଟ, ଇଟା, ରଡ୍‌ର ମୂଲ୍ୟବୃଦ୍ଧିକୁ ନେଇ ଆବାସ ଘର ପାଇଁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ସମସ୍ତ ଚାଷୀଙ୍କଠାରୁ ଶତ ପ୍ରତିଶତ ଧାନ ସରକାରୀ ମୂଲ୍ୟ ୩୧ଶହ ଟଙ୍କାରେ କ୍ରୟ କରିବା, ଭାଗଚାଷୀଙ୍କ ଠାରୁଅତିକମ୍‌ରେ ସରକାରୀ ମୂଲ୍ୟରେ ୧୦ କ୍ୱିଣ୍ଟାଲ ଧାନକ୍ରୟ କରିବା, ୨ମାସର ବକେୟା ଭତ୍ତାକୁ ତୁରନ୍ତ ପ୍ରଦାନ କରିବା, ଭତ୍ତା ପାଇଁ ଆବେଦନ କରିଥିବା ସମସ୍ତ ବ୍ୟକ୍ତିଙ୍କୁ ଭତ୍ତା ପ୍ରଦାନ କରିବା ସହ ସମସ୍ତଙ୍କୁ ମାସିକ ୩ ହଜାର ଟଙ୍କା ଭତ୍ତା ଦେବା, ଅତ୍ୟାବଶ୍ୟକୀୟ ଜିନିଷର ମୂଲ୍ୟବୃଦ୍ଧିକୁ ନିୟନ୍ତ୍ରଣ କରିବା, ପ୍ରତିଶ୍ରୁତି ଅନୁସାରେ ୩୦୦ ୟୁନିଟ୍ ବିଜୁଳି ଛାଡ଼ କରିବା ଆଦି ପ୍ରସଙ୍ଗ ନେଇ ଆସନ୍ତା ୯ ତାରିଖ ମଙ୍ଗଳବାର ଦିବା ୯ ଘଟିକା ସମୟରେ ସୁଗୋ ପଞ୍ଚାୟତ ଅଫିସ୍ ସମ୍ମୁଖରେ ଗଣବିକ୍ଷୋଭ ସଂଗଠିତ ହେବ। ସହ ସରପଞ୍ଚ ସୁଗୋଙ୍କ ଜରିଆରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ।



ପଥପ୍ରାନ୍ତସଭାରେ ଶାଖା ସମ୍ପାଦକ ପଲଟୁ ଦାସ ସଭାପତିତ୍ୱ କରିଥିଲେ। ଜିଲ୍ଲା କୃଷକ ସଭାର ସମ୍ପାଦକ ଦିଲ୍ଲୀପ କୁମାର ଗିରି, କ୍ଷେତମଜଦୁର ୟୁନିଅନ୍‌ର ଜିଲ୍ଲା ସମ୍ପାଦକ ଦୀପ୍ତିମାନ ଆଚାର୍ଯ୍ୟଙ୍କ ସମେତ ଶାଖା ସମ୍ପାଦକ ଗଣେଶ ଜେନା, ପୂର୍ଣ୍ଣଚନ୍ଦ୍ର ଦାସ, ଆଦିବାସୀ ଅଧିକାର ମଞ୍ଚର ନେତା ମଦନ ମାହାଲି, ରୁହ୍ୟା ଟୁଡୁ, କ୍ଷେତମଜଦୁର ୟୁନିଅନ୍‌ର ବ୍ଲକ୍ ସଭ୍ୟ ଶଙ୍କର ମୁର୍ମୁ, କୁନା ଟୁଡୁ, ଅଜିତ ଦାସ, ଗୌରୀକାନ୍ତ ମହାନ୍ତି, ପରମେଶ୍ୱର ପଲାଇ, ମହିଳା ସମିତିର ନେତ୍ରୀ ସବିତା ଭୂୟାଁ, ମମତା ରାଜ ପ୍ରମୁଖ ଉଭୟ କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ୍ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଥିଲେ। ଏଥିସହିତ ପଞ୍ଚାୟତ ଅଫିସ୍‌ରେ ୯ ତାରିଖରେ ହେବାକୁ ଥିବା ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ ସମୟରେ ଯୋଗଦେବାକୁ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ।

## ଗୋଶାଳା କାର୍ଯ୍ୟ ଶୁଭାରମ୍ଭ ନେଇ ଜନପ୍ରତିନିଧିଙ୍କ ଅସନ୍ତୋଷ

ଜଳେଶ୍ୱର,୬।୬(ସମିସ): ପାଞ୍ଚ କୋଟି ଟଙ୍କା ବ୍ୟୟରେ ୧୬ନଂ ୱାର୍ଡ ଜଳେଶ୍ୱର ପୌରପାଳିକାରେ ଗୋଶାଳା ନିର୍ମାଣ କାର୍ଯ୍ୟର ଶୁଭାରମ୍ଭକୁ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ଓ କେତେକ ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଗତକାଲି କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ ଏହି ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ସହ ଭୂମିପୂଜନ କରିଛନ୍ତି। ସେହି ୱାର୍ଡର କାଉନ୍‌ସିଲର ଲକ୍ଷ୍ମଣ ସରେନ୍ ପ୍ରତିବାଦର ସ୍ୱର ଉଠାଇଛନ୍ତି। ଏ ସମ୍ପର୍କରେ ସାମ୍ବାଦିକମାନଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ନଗର ଉନ୍ନୟନ ମନ୍ତ୍ରୀ, ସାଂସଦ, ବିଧାୟକ ମିଳିତଭାବେ ଉକ୍ତ କାର୍ଯ୍ୟର ଶୁଭଶିଳାନ୍ୟାସ ୧୫ ଏପ୍ରିଲ ୨୦୨୫ରେ କରିଥିବା ବେଳେ ପୁଣି ଏହାକୁ କୌଣସି ନିର୍ବାଚିତ ପ୍ରତିନିଧିଙ୍କୁ ନ ଜଣାଇ କିପରି ଶୁଭାରମ୍ଭ କରାଗଲା ବୋଲି ଅଭିଯୋଗ କରାଯାଇଛି।

### ସୁକିନ୍ଦାରେ ବିଜୁ ମହିଳା ଜନତା ଦଳର ସମାବେଶ

# ‘ରାଜ୍ୟରେ ବ୍ୟାପୁଛି ସରକାର ବିରୋଧୀ ହାୱା’





**ଦାନଗଦି/ସୁକିନ୍ଦା, ୬।୬(ସମିସ)**

ବିଜେପି ସରକାର କ୍ଷମତାକୁ ଆସିବାର ମାତ୍ର ଦୁଇ ବର୍ଷ ପୂରିଛି ହେଲେ ସାରା ରାଜ୍ୟରେ ଏବେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମହିଳାମାନଙ୍କ ଉପରେ ହେଉଥିବା ଦୁଷ୍କର୍ମ, ନିର୍ଯାତନା, ନାବାଳିକା ଜନିତ ହତ୍ୟାକାଣ୍ଡ, ପ୍ରତିଦିନ ରାହାଜାନି, ମର୍ଡର ଆଦି ଘଟଣା ସବୁ ଘଟି ଚାଲିଛି। ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିବା ପ୍ରତିବାଦରେ ବିଜୁ ଜନତା ଦଳ ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ନଡ଼ିଆ ଭଙ୍ଗା ପଞ୍ଚାୟତର ସରପଞ୍ଚ ରଶ୍ମିତା ସାହୁଙ୍କ ନେତୃତ୍ୱରେ ନଡ଼ିଆ ଭଙ୍ଗା ଛକ ଠାରୁ ବିଶାଳ ମହିଳା ଶୋଭାଯାତ୍ରା ବାହାରି ଡୁବୁରୀ କପିଳେଶ୍ୱର ମନ୍ଦିର ପଡ଼ିଆରେ ପହଞ୍ଚିବା ପରେ ନାରୀନେତ୍ରୀ ସୁକିନ୍ଦା ବ୍ଲକର ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଆୟୋଜନ ହୋଇଥିଲା। ଏହି ସଭାରେ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବିଜେପି ସରକାର ମିଥ୍ୟା ପ୍ରତିଶ୍ରୁତି ଦେଇ ସରକାରକୁ ଆସିଲା ପରେ ଦୁର୍ନୀତି, ନାରୀ ନିର୍ଯାତନା, ଦିନକୁ ଦିନ ବଢ଼ିବାରେ ଲାଗିଛି। ସୁକିନ୍ଦାକୁ ଏବେ ଖଣି, ପ୍ଲାଣ୍ଟ, ପ୍ଲଟ, ପେଟ୍ରୋଲ ଟାଙ୍କି, ଟିପ୍ପର ଆସୋସିଏସନ୍, ବ୍ଲକରୁ ବାପ, ପୁଅ, ଦାଦା ଓ ପୁତୁରା ବାଣ୍ଟି କୁଟି ଚାନ୍ଦା ଆଦାୟ କରିବାରେ ବ୍ୟସ୍ତ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁରର ପ୍ରାକ୍ତନ ସାଂସଦ ଶର୍ମିଷ୍ଠା ସେଠୀ, ଯାଜପୁରର ବିଧାୟିକା ସୁଜାତା ସାହୁ, ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଅତିଥି ଭାବେ ଯୋଗ ଦେଇ ସରକାର ବିରୋଧରେ ଜନତାର ସ୍ୱରକୁ ଶାଣିତ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଦୁଇ ବ୍ଲକର ଅଧ୍ୟକ୍ଷ ଅଧ୍ୟକ୍ଷା, ଦୁଇ ବ୍ଲକ ସଭାପତି ବିବେକାନନ୍ଦ ବୋଷ, ଗୋପାଳ ଚନ୍ଦ୍ର ବାରିକ୍, ଦୁଇ ବ୍ଲକର ମହିଳା ସଭାନେତ୍ରୀ ଯୋଗ ଦେଇଥିଲେ। ଦାନଗଦୀ ବ୍ଲକ ଯୁବ ସଭାପତି ଜୟପ୍ରକାଶ ସାହୁ, ବରିଷ୍ଠ ବିଜେଡି ନେତା, ଜୟନ୍ତ ରାଉତ, ଦେବୀ ପ୍ରସନ୍ନ ମହାନ୍ତି, ଜ୍ୟୋତି ପ୍ରକାଶ ସାହୁ, କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସୁନା ସଫା କରିବାକୁ କହି ଲୁଟ୍

**କବାଟବନ୍ଧ, ୬।୬(ସମିସ):** ଜେନାପୁର ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ଠାରୁ ସୁନା ଗହଣା ସଫା କରିବାକୁ କହି ଲୁଟେରାମାନେ ଚୂନ ଲଗେଇଛନ୍ତି। ଫଳରେ ମହିଳା ଜଣଙ୍କ କୌଣସି ଉପାୟ ନ ପାଇ କେବଳ ମୁଣ୍ଡ କାନ ଆଉଁସି ଚୁପ ରହିବାକୁ ବାଧ୍ୟ ହୋଇଛନ୍ତି। ଲୁଟର ଶିକାର ହୋଇଥିବା ମହିଳା ଜଣଙ୍କ ଜେନାପୁର ଥାନା ଅଧୀନ ରେଖିଦେଇପୁର ଗ୍ରାମର ଆତୁଳ ପରିଡ଼ାଙ୍କ ସ୍ତ୍ରୀ ମିନତୀ ପରିଡ଼ା। ଅଭିଯୋଗ ଅନୁସାରେ ସକାଳ ପ୍ରାୟ ୧୦ଟା ସମୟରେ ଏକ ଲୁନା ଗାଡ଼ିରେ ୨ ଜଣ ଯୁବକ ଗାଁକୁ ଆସିଥିଲେ। ସେମାନଙ୍କ ବେଶ ପୋଷାକରୁ ସେମାନେ ଗାଁ ବୁଲା ବ୍ୟବସାୟୀ ବୋଲି ଦେଖା ଯାଉଥିଲେ। ମିନତୀଙ୍କ ଘର ପାଖରେ ପହଞ୍ଚି ନିଜକୁ ସୁନା ରୁପା ମରାମତି ଏବଂ ସଫା କରୁଥିବା ବ୍ୟକ୍ତି ବୋଲି ପରିଚୟ ଦେଇଥିଲେ। ମହିଳା ଜଣଙ୍କ ତାଙ୍କୁ ବିଶ୍ୱାସ କରି ନିଜ ଘରେ ରଖିଥିବା ନାକ ପେଚକୁ ମରାମତି କରିବାକୁ ଦେଇଥିଲେ। ମରାମତି ଏବଂ ସଫା କରିବା ପାଇଁ ଏକ ପ୍ରକ୍ରିୟା ରହିଛି ଏବଂ ଏହା କେମିଆଲ ବ୍ୟବହାର ହୋଇ ସଫା କରାଯିବ ବୋଲି କହିଥିଲେ। ଏହା ପରେ ଲୁଟେରାମାନେ ମହିଳାଙ୍କ ସହିତ ବିଶ୍ୱାସ ଭାଜନ ହୋଇଥିବା ଜାଣି ଅନ୍ୟ କ'ଣ ସୁନା ଅଛି ଦିଅ ଅଳ୍ପ ଟଙ୍କାରେ ସଫା କରିଦେବୁ ବୋଲି କହିଥିଲେ। ଏହା ପରେ ମହିଳା ଜଣକ ଘରେ ଥିବା ୨.୫୦ ମିଲି ଗ୍ରାମର ହଳେ କାନଫୁଲରୁ ଗୋଟିଏ ଭାଙ୍ଗି ଯାଇଛି ଏବଂ ଭାଙ୍ଗି ଯାଇଥିବା କାନ ଫୁଲକୁ ମରାମତି କରିବା ପାଇଁ ଦେଇଥିଲେ। କିନ୍ତୁ ଚତୁର ଲୁଟେରା ଗୋଟିଏକୁ ମରାମତି କରି ସଫା କଲେ ଚିକ୍‌ଚିକ୍ କରି ନୂଆ ଦେଖାଯିବ ଏବଂ ଅନ୍ୟଟି ପୁରୁଣା ଦେଖାଯିବ କହିଥିଲେ। ସେଥିପାଇଁ ଦୁଇଟି ଯାକ କାନ ଫୁଲ ଦିଅ ସଫା କରିଦେବୁ କହିଥିଲେ। ମହିଳା ଜଣକ ଦେବା ପରେ ସେମାନେ ଏକ ଗ୍ଲାସରେ ନାକ ପେଚକୁ ପକାଇ କେମିକାଲ ଦିଆଯାଇଛି ଘଣ୍ଟାଏ ପରେ ଖୋଲାଯିବ କହି କାନ ଫୁଲକୁ ନିଜ ବ୍ୟାଗରେ ରଖି ଦେଇଥିଲେ। ଯାହାକି ମହିଳା ଜଣକ ଜାଣି ପାରି ନ ଥିଲେ। ଗାଁରେ ଅନ୍ୟ ଜଣଙ୍କର ମରାମତି କରି ଫେରିବୁ କହି ଚମ୍ପଟ ମାରିଥିଲେ। କିଛି ସମୟ ପରେ ମହିଳା ଜଣକ ଖୋଲି ଦେଖିବା ବେଳକୁ ତାହା ଭିତରେ କୌଣସି ସୁନା ନ ଥିଲା। ସେ ଲୁଟର ଶିକାର ହୋଇଥିବା ଜାଣି ଖୋଜାଖୋଜି କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ୍ୟ ଲୁଟେରାଙ୍କ ପତ୍ତା ମିଳି ନ ଥିଲା।

## ବଧୂହତ୍ୟା ଅଭିଯୋଗ; ସ୍ୱାମୀ କୋର୍ଟଚାଲାଣ

**ସିଂହପୁର, ୬।୬(ସମିସ):** ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରି ପଞ୍ଚାୟତ ଜରି ଗ୍ରାମରେ ବଧୂହତ୍ୟା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ବିଞ୍ଝାରପୁର ପୁଲିସ ମୃତାଙ୍କ ସ୍ୱାମୀଙ୍କୁ କୋର୍ଟଚାଲାଣ କରିଛି। ଖବର ଅନୁଯାଇ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ କଳସପୁର ଗ୍ରାମର ବ୍ରଜ କିଶୋର ମଲ୍ଲିକଙ୍କ ଝିଅ ମିତା ମଲ୍ଲିକ ୭ ବର୍ଷ ପୂର୍ବେ ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରି ଗ୍ରାମର ବିନୋଦ ମଲ୍ଲିକଙ୍କ ପୁଅ ଗଜେନ୍ଦ୍ର ମଲ୍ଲିକଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରଠାରୁ ମିତାଙ୍କୁ ଅଧିକ ଯୌତୁକ ପାଇଁ ମାନସିକ ଚାପ ଦିଆଯାଉଥିଲା। ଗତ ତିନି ତାରିଖ ଦିନ ଏଥିପାଇଁ ସ୍ୱାମୀ ଓ ଶାଶୂଘର ଲୋକେ ମିତାକୁ ନିର୍ଯାତନା ଦେଇଥିଲେ। ନିର୍ଯାତନା ସହିନପାରି ମିତା ବିଷ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପରେ ଜିଲ୍ଲା ମୁଖଚିକିତ୍ସାଳୟ ଓ ପରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ମିତାର ମୃତ୍ୟୁ ହୋଇଯାଇଥିଲା। ଏଥିନେଇ ୫ ତାରିଖ ଦିନ ମୃତ ମିତାର ଭାଇ ବସନ୍ତ ମଲ୍ଲିକ ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ବିଞ୍ଝାରପୁର ଥାନା ପୁଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରି ବିଞ୍ଝାରପୁର ଥାନା କେସ ନଂ ୨୬୩/୨୬ରେ ଏକ ହତ୍ୟା ମାମଲା ରୁଜୁ କରିବା ସହ ଘଟଣାରେ ମୃତ ମିତାର ସ୍ୱାମୀ ଗଜେନ୍ଦ୍ର ମଲ୍ଲିକଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ସୂଚନା ଦେଇଛନ୍ତି।

## ପବିତ୍ର ମାହାଲାଙ୍କୁ ନେତୃତ୍ୱ ଶୀର୍ଷକ ସ୍ୱୀକୃତି ସମ୍ମାନ



**ବଡ଼ଚଣା, ୬।୬(ସମିସ):** ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ୩୨ତମ ସାମ୍ବିଧାନିକ ସମ୍ମିଳନୀରେ ଓଡ଼ିଶାର ବିଶିଷ୍ଟ ଶିକ୍ଷକ ନେତା ତଥା ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲାଙ୍କୁ ‘ନେତୃତ୍ୱ ଶୀର୍ଷକ ସ୍ୱୀକୃତି’ ସମ୍ମାନ ପ୍ରଦାନ କରାଯାଇଛି। ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ୩୭ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ପଠାଣି ସାମନ୍ତ ସାଂସ୍କୃତିକ ଭବନ ନୟାଗଡ଼ଠାରେ ଆୟୋଜିତ ଉତ୍ସବରେ ପ୍ରାଧ୍ୟାପକ ମାହାଲାଙ୍କୁ ସାଧାରଣ ଶିକ୍ଷା ବ୍ୟବସ୍ଥା, ଓଡ଼ିଶାରେ ଉଚ୍ଚଶିକ୍ଷାର ପ୍ରଚାର ପ୍ରସାର, ଶିକ୍ଷା ଅଧିକାର ଆଇନ୍, ଶିକ୍ଷା ସମସ୍ୟା ଓ ଏହାର ସମାଧାନ, ଶିକ୍ଷକ ଆନ୍ଦୋଳନ, ଶିକ୍ଷା ଅଧିକାର, ଗଣ ତାନ୍ତ୍ରିକ ଅଧିକାର ସାମ୍ପ୍ରତିକ ସମୟରେ ଶିକ୍ଷାର ବିକାଶ ଦିଗରେ ବିଶେଷ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

## ଝାଡେଶ୍ୱର କଲେଜରେ ପରିବେଶ ଦିବସ



**ଦାନଗଦି, ୬।୬(ସମିସ):** ଦାନଗଦି ବ୍ଲକ ଟୋଲକାନୀ ସ୍ଥିତ ଝାଡ଼େଶ୍ୱର ଜୁନିଅର କଲେଜରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ‘ଏକ ପେଡ୍ ମାଆ କା’ ନାମ ୩.୦’ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଟମକା ବନାଞ୍ଚଳ କଟକ ବନଖଣ୍ଡ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା ଓ ଟମକା ବନାଞ୍ଚଳ ଅଧିକାରୀ କିଶୋର କୁମାର ପାଣିଗ୍ରାହୀ ଯୋଗ ଦେଇ ଜୀବଜଗତ ବଞ୍ଚିରହିବା ପାଇଁ ବୃକ୍ଷର ଗୁରୁତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏଥିରେ ଟମକା ବନାଞ୍ଚଳର ସମସ୍ତ କର୍ମଚାରୀ ଏବଂ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସମ୍ମିଳିତ ଭାବେ ବିଭିନ୍ନ ବୃକ୍ଷ ରୋପଣ କରିଥିଲେ। ଏଥିରେ କଲେଜର ଅଧ୍ୟାପକ ରଞ୍ଜନ କୁମାର ସାହୁ, ରଞ୍ଜନ କୁମାର ଖଣ୍ଡା, ଅଭୟ ସାହୁ, ଅଧ୍ୟାପିକା ଇତିଶ୍ରୀ ମଲ୍ଲିକ, ଓ କର୍ମଚାରୀ ସୁଶାନ୍ତ କୁମାର ପଣ୍ଡା, ନାରାୟଣ ସାହୁ, ସନ୍ତୋଷ କୁମାର ସାହୁ, ଯୁବ ସମାଜସେବୀ ଅନ୍ତର୍ଯ୍ୟାମୀ ପୃଷ୍ଟି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ।

### ଜମିଜମା ବିବାଦ

## ପଥର ଥୋଇ ରାସ୍ତା ଅବରୋଧ

**ପାଣିକୋଇଲି, ୬।୬(ସମିସ):** କୋରେଇ ଥାନା ଅନ୍ତର୍ଗତ ତାହାରପୁର ପଞ୍ଚାୟତର ମୂଳୁସରଗଡ଼ା ଗ୍ରାମରେ ଜମିବାଡି ମାମଲାକୁ କେନ୍ଦ୍ରକରି ଘର ସମ୍ମୁଖରେ ପଥରଥୋଇ ଦେବା ସହ ମାଡ଼ ମାରିବାରୁ ଭୟରେ ପରିବାର ଘରକୁ ନଯାଇ ବାହାରେ ରହୁଛନ୍ତି। ହେଲେ ପୁଲିସରେ ଅଭିଯୋଗ କଲେ ପୁଲିସ ସମାଧାନ କରିବାକୁ କହି ଚୁପ ରହୁଛି। ଶେଷରେ ନିରାଶ ହୋଇ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ମା’ ପୁଅ ପହଞ୍ଚି ନ୍ୟାୟ ଭିକ୍ଷା କରିଛନ୍ତି। ପ୍ରକାଶ ଯେ ମୂଳୁସରଗଡ଼ା ଗ୍ରାମର ସ୍ୱର୍ଗତ ଘନଶ୍ୟାମ ବାରିକଙ୍କ ପତ୍ନୀ ଚଞ୍ଚଳା ବାରିକଙ୍କ ଅଭିଯୋଗ ମୁତାବକ ତାଙ୍କ ଗ୍ରାମରେ ତାଙ୍କର ୪୦ ବର୍ଷର ପାଚେରି ଓ ୧୫ ବର୍ଷର ଘର ରହିଛି। ତାଙ୍କ ଗ୍ରାମର ବେହେରା ପରିବାର ସହିତ ତାଙ୍କ ଜମିଜମା ବିବାଦ ରହିଛି। ଯାହାକୁ ନେଇ ଅଦାଲତରେ ମାମଲା ଚାଲିଥିବା ବେଳେ ଅଦାଲତ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଉକ୍ତ ପରିବାର ଜୋରଜବରଦସ୍ତ ମାଡ଼ ମାରିବା ଘର ଭାଙ୍ଗିବାକୁ ଧମକାଉଛନ୍ତି। ଏମିତିକି ଘର ଆଗରେ ପଥର ଥୋଇ ଅବରୋଧ କରିବାରୁ ଘର ମଧ୍ୟକୁ ଯାଇହେଉନାହିଁ। ମା’ ପୁଅ ଭୟରେ ଘରକୁ ନ ଯାଇ ବାହାରେ ରହୁଥିବା ବେଳେ ଘର ବିଦ୍ୟୁତ ସଂଯୋଗ କାଟି ଦେବା ସହ ସିସିଟିଭି କ୍ୟାମେରା ଭାଙ୍ଗିନେଇଛନ୍ତି। ଗତ ଏପ୍ରିଲ ମାସରୁ କୋରେଇ ଥାନାକୁ ଦୌଡ଼ି ଦୌଡ଼ି ନ୍ୟାୟ ପାଇବା ତ ଦୂରର କଥା ବରଂ ସମାଧାନ ପାଇଁ ଚାପ ପକାଯାଉଛି। ନ୍ୟାୟ ନପାଇ ଶେଷରେ ଯାଜପୁର ଏସ୍‌ପି ଯଶପ୍ରତାପ ଶ୍ରୀମଲଙ୍କୁ ଭେଟି ଚଞ୍ଚଳା ନ୍ୟାୟ ଭିକ୍ଷା କରିଛନ୍ତି।

## ସ୍ୱାଧୀନତା ସଂଗ୍ରାମୀ ଫନି ପାଳଙ୍କ ସ୍ମୃତିସଭା




**ବ୍ୟାସନଗର, ୬।୬(ସମିସ):** ସ୍ଥାନୀୟ ରୟାଲ କଳିଙ୍ଗ ଠାରେ ଡ. ଫନି ପାଲ ସ୍ମୃତିସଂସଦ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଡାକ୍ତର ଫନିପାଲଙ୍କ ୪୬ତମ ଶ୍ରଦ୍ଧାବାର୍ଷିକୀ ସଂସଦର ସଭାପତି ବିଦ୍ୟାଧର ମହାନ୍ତି ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଇସକପ୍ର ସର୍ବଭାରତୀୟ ସମ୍ପାଦକ ବିଜୟ କୁମାର ପଢ଼ିଆରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଅଧ୍ୟାପିକା ମମତାମୟୀ ଦାଶ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ସାଧାରଣ ସମ୍ପାଦକ ଡା. ମଦନ ଜେନା ରିପୋର୍ଟ ପାଠ କରିଥିଲେ। ମୁଖ୍ୟ ଉପଦେଷ୍ଟା ପ୍ରଫେସର ଦୁଷ୍ମନ୍ତ କୁମାର ନାୟକ ଫନିପାଲଙ୍କ ଜୀବନୀ ଓ ଗଡ଼ଜାତ ଆନ୍ଦୋଳନ ତଥା ରାଜାମାନଙ୍କ ହାତପାଣ୍ଠି ଉଚ୍ଛେଦ ସମ୍ପର୍କର ତାଙ୍କର ଲେଖା ପାଠ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଂସଦର ଉପସଭାପତି ପ୍ରଫୁଲ୍ଲ ନାୟକ, ଯାଜପୁର ଜିଲ୍ଲା ଟାକ୍ସବାର ଆସୋସନ ସଭାପତି ଆଇନଜୀବୀ ବିବେକାନନ୍ଦ ମହାନ୍ତି, ବିଶିଷ୍ଟ ଶିକ୍ଷାବିତ୍ ମୋହନ ଚରଣ ଖୁଣ୍ଟିଆ, ଦିଗନ୍ତ ରାଉତ, ରଞ୍ଜନ କୁମାର ସାହୁ ଅଶୋକ କୁମାର ବୋଷ, ଅଶ୍ୱିନୀ କୁମାର ଦାସ, ଆଇନଜୀବି ଆଭାମାୟୀ ମହାନ୍ତି, ସଦାଶିବ ଦାସ, ଦେବେନ୍ଦ୍ର ପାତ୍ର, ସଂଗ୍ରାମ ଜେନା ଓ ମଧୁସୂଦନ ମହାପାତ୍ର, ନବଘନ ସ୍ୱାଇଁ ମହେଶ୍ୱର ନାୟକ ପ୍ରମୁଖ ସ୍ମୃତି ଚରଣ କରିଥିଲେ। ସଂସଦ ପକ୍ଷରୁ ଡ. ପଦ୍ମନାଭ ମଲ୍ଲ, ଡ. ଲଳିତା ରାଉତ ଓ ଆଶିଷ କୁମାର ରାୟ ବଶିଷ୍ଠ ଶିକ୍ଷାବିତ୍ ଓ ଯୁବ ସମାଜସେବୀ ସୌମ୍ୟଜିତ ଜେନା, ପ୍ରବୀର କୁମାର ରାଉତଙ୍କୁ ସମ୍ବର୍ଦ୍ଧିତ ପ୍ରତିଭା ଭାବେ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ବନିତା ସ୍ୱାଇଁ ଓ ଶିଶିର କୁମାର ନାୟକ ଚିତ୍ତରଞ୍ଜନ ବଳ ପରିଚାଳନା କରିଥିଲେ।

## ଏୟାର୍‌ଟେଲ୍ ଟେଲିକମ୍ ସେବା ବାଧାପ୍ରାପ୍ତ

**ବିଞ୍ଝାରପୁର, ୬।୬(ସମିସ):** ବିଞ୍ଝାରପୁର ବ୍ଲକର ଅରେଇ, ଶାସଦା ସମେତ ବିଭିନ୍ନ ଗ୍ରାମରେ ଗତ କିଛି ଦିନ ଧରି ଏୟାର୍‌ଟେଲ୍ ଟେଲିକମ୍ ସେବା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଥିବାରୁ ଗ୍ରାହକମାନେ ହନ୍ତସନ୍ତ ହେଉଛନ୍ତି। ମୋବାଇଲ ନେଟ୍‌ୱର୍କ ଓ ଇଣ୍ଟରନେଟ ସେବା ଠିକ୍ ଭାବେ କାର୍ଯ୍ୟ କରୁନଥିବାରୁ ସାଧାରଣ ଜନଜୀବନ ଓ ଦୈନନ୍ଦିନ କାର୍ଯ୍ୟକଳାପ ବ୍ୟାପକ ଭାବେ ପ୍ରଭାବିତ ହେଉଛି। ନେଟ୍‌ୱର୍କ ସମସ୍ୟା ଯୋଗୁଁ ଛାତ୍ରଛାତ୍ରୀ ଅନ୍‌ଲାଇନ ଶିକ୍ଷା ଗ୍ରହଣରେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ସରକାରୀ ରାସନ ସାମଗ୍ରୀ ବଣ୍ଟନ ପାଇଁ ଆବଶ୍ୟକ ଅନ୍‌ଲାଇନ ପ୍ରକ୍ରିୟା ମଧ୍ୟ ବାଧାପ୍ରାପ୍ତ ହେଉଛି। ସେହିପରି ମନରେଗା କାର୍ଯ୍ୟ, ବ୍ୟାଙ୍କିଙ୍ଗ ସେବା, ଅନଲାଇନ ଟଙ୍କା ଲେଣଦେଣ ଏବଂ ବିଭିନ୍ନ ସରକାରୀ ଓ ବେସରକାରୀ ସେବା ପ୍ରଭାବିତ ହେଉଛି।ଗ୍ରାମାଞ୍ଚଳରେ ଡିଜିଟାଲ ସେବା ଉପରେ ନିର୍ଭରଶୀଳତା ବୃଦ୍ଧି ପାଇଥିବା ବେଳେ ନେଟ୍‌ୱର୍କ ବିଘ୍ନ ଯୋଗୁଁ ଲୋକମାନେ ବିଭିନ୍ନ ଜରୁରୀ କାମ ସମ୍ପାଦନ କରିବାରେ ଅସୁବିଧା ଭୋଗୁଛନ୍ତି। ବିଶେଷକରି ବ୍ୟବସାୟୀ, ଛାତ୍ରଛାତ୍ରୀ ଓ ସାଧାରଣ ଗ୍ରାହକମାନେ ଏହାର ସବୁଠାରୁ ଅଧିକ ପ୍ରଭାବ ଅନୁଭବ କରୁଛନ୍ତି। ସ୍ଥାନୀୟ ଲୋକେ ଏହି ସମସ୍ୟା ନେଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନଥିବା ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ନେଟ୍‌ୱର୍କ ଓ ଇଣ୍ଟରନେଟ ସେବାର ସୁଧାର ଆଣି ଗ୍ରାହକଙ୍କ ସମସ୍ୟାର ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସହିଦ ମାୟାଧର ଭୂୟାଁଙ୍କ ଜୟନ୍ତୀ



**ବରୀ, ୬।୬(ସମିସ):** ବରୀ ବ୍ଲକ ଅନ୍ତର୍ଗତ ଚନ୍ଦନପୁର ପଞ୍ଚାୟତ ଅଜାଣ ଛକ ଠାରେ ସଂଗ୍ରାମୀ ସହିଦ ମାୟାଧର ଭୂୟାଁଙ୍କ ୧୨୧ତମ ଜୟନ୍ତୀ ପାଳିତ ହୋଇ ଯାଇଛି। ଶିକ୍ଷାବିତ କର୍ଣ୍ଣଚନ୍ଦ୍ର ଘଡ଼ାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉଦ୍‌ଘାଟକ ଭାବେ ଶତାୟୁ ସ୍ୱାଧୀନତା ସଂଗ୍ରାମୀ ନିଧି ପ୍ରଧାନ ଯୋଗଦାନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜୟନ୍ତ ମହାପାତ୍ର, ମୁଖ୍ୟବକ୍ତା ଭାବେ ପ୍ରଭାସ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଭାଗ୍ୟଧର ସାହୁ, ଗୋପବନ୍ଧୁ ଦାସ, ନିର୍ମଳ କୁମାର ଜେନା, ଅନିରୁଦ୍ଧ ମଲ୍ଲ, ବିଧାନ ଚନ୍ଦ୍ର ସାମଲ, ସ୍ଥାନିୟ ସରପଞ୍ଚ ଚପଳା ମଲ୍ଲ ପ୍ରମୁଖ ଯୋଗଦେଇଥିଲେ। ସ୍ୱାଧୀନତା ସଂଗ୍ରାମରେ ସହିଦ ମାୟାଧରଙ୍କ ବଳିଦାନ ଇତିହାସରେ ଚିରଦିନ ଲିପିବଦ୍ଧ ହୋଇ ରହିବ ବୋଲି କହିଥିଲେ। ଭାରତ ଛାଡ ଆନ୍ଦୋଳନ ଡାକରାରେ ପ୍ରଭାବିତ ହୋଇ ମାତ୍ର ୩୬ ବର୍ଷ ବୟସରେ ୧୯୪୨ ମସିହା ଅଗଷ୍ଟ ୨୬ ତାରିଖ ଗହ୍ମାପୂର୍ଣ୍ଣିମା ଦିନ କଳାମାଟିଆ ଠାରେ ଇଂରେଜମାନଙ୍କ ଗୁଳିକାଣ୍ଡର ଶିକାର ହୋଇ ଯେଉଁ ୪ ଜଣ ସଂଗ୍ରାମୀ ବୀର ସହିଦ ହେଇଥିଲେ ସେମାନଙ୍କ ମଧ୍ୟରୁ ସହିଦ ମାୟାଧର ଭୂୟାଁ ଅନ୍ୟତମ। ଅତିଥି ମାନଙ୍କ ଦ୍ୱାରା ସହିଦ ମାୟାଧର ଭୂୟାଁଙ୍କ ନାତୁଣୀ ବୋହୂଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ପରିଚୟ ମକରଧ୍ୱଜ ସାହୁ, ସ୍ୱାଗତ ଭାଷଣ ଅଜାଣବନ ଶିକ୍ଷାଶ୍ରମର ମୁଖ୍ୟସେବକ ଡାକ୍ତର ନୃସିଂହ ଚରଣ ବେହେରା ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲ୍ଲିପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଡାକ୍ତର ନୃସିଂହ ବେହେରାଙ୍କ ଦ୍ୱାରା ଲିଖିତ ସହିଦ ମାୟାଧର ଭୂୟାଁଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକକୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା।

## ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ



**ବରୀ, ୬।୬(ସମିସ):** ବରୀ ବ୍ଲକ ଅନ୍ତର୍ଗତ ରତ୍ନଗିରି ପଞ୍ଚାୟତ ଏକ ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ଏହି ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାନୀୟ ଜଳ ପାଇଁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ବିଶେଷକରି ଖରାଦିନ ହୋଇଥିବାରୁ ନଳକୂପ ନିକଟରେ ପାନୀୟ ଜଳ ସଂଗ୍ରହ ପାଇଁ ଲୋକମାନଙ୍କୁ ଲମ୍ବା ଲାଇନରେ ଛିଡ଼ା ହୋଇ ପାନୀୟ ଜଳ ସଂଗ୍ରହ ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିଲା। ଏହି ଘଟଣା ଜାଣିବା ପରେ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ମିନତି ଜଗଦେବ, ତହସିଲଦାର ଦିପ୍ତିମୟୀ ବେହେରା, ବରୀ ଥାନା ଅଧିକାରିଣୀ ହେମଲତା ଦାସ ଓ ସହକାରୀ ଯନ୍ତ୍ରୀ ଜ୍ଞାନ ରଞ୍ଜନ ପ୍ରଧାନ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଘଟଣା ଅନୁଧ୍ୟାନ ପରେ ବିଧାୟକ ଏକ ଘଣ୍ଟା ମଧ୍ୟରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇବା ସହ ତୁରନ୍ତ ସ୍ଥାୟୀ ସମାଧାନ କରିବାକୁ ତାଗିଦ୍ କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ବ୍ଲକ ପ୍ରଶାସନ ପକ୍ଷରୁ ଏହି ପଞ୍ଚାୟତର ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଲୋକମାନଙ୍କ ପାଇଁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବା ଏବଂ ସ୍ଥାୟୀ ସମାଧାନ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ବିଧାୟକଙ୍କର ଏତାଦୃଶ୍ୟ କାର୍ଯ୍ୟକୁ ଗ୍ରାମବାସୀପ୍ରଶଂସା କରିଛନ୍ତି। ବିଧାୟକଙ୍କ ସହିତ ବ୍ଲକ ବିଜେଡି ସଭାପତି କେଦାର ସାମଲ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ ଓ ପ୍ରସନ୍ନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମଶାଳା ଷ୍ଟାଡିୟମରେ ଟର୍ଫ ପିଚ୍ ଉଦ୍‌ଘାଟିତ

**ଧର୍ମଶାଳା, ୬।୬(ସମିସ)**



ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମରେ ନୂତନ ଭାବେ ୨ଗୋଟି ଟର୍ଫ ପିଚର ଉଦଘାଟନ ହୋଇଯାଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସହଯୋଗରେ ଏହି ପିଚ୍ ତିଆରି କରାଯାଇଥିବା ବେଳେ କୋଚ୍ ନବକିଶୋର ଭଞ୍ଜ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏଠାରେ ୧୪, ୧୬ ଏବଂ ୧୯ ବର୍ଷରୁ କମ ବର୍ଗର ବାଳକଙ୍କୁ କ୍ରିକେଟ ଉନ୍ନତ ମାନର କ୍ରିକେଟ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଟର୍ଫ ପିଚରେ ପ୍ରଶିକ୍ଷାର୍ଥୀମାନେ ପ୍ରଶିକ୍ଷଣ ଗ୍ରହଣ କରି ଉନ୍ନତମାନର ଖେଳ ପ୍ରଦର୍ଶନ କରିପାରିବେ। ପୂର୍ବରୁ ଏହି ଷ୍ଟାଡିୟମରେ ପ୍ରଶିକ୍ଷଣ ପାଇ ୧୦ରୁ ଅଧିକ ଖେଳାଳି ଜିଲ୍ଲା ତଥା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି। ଆଗକୁ ଏଠାରୁ ଅଧିକ ଖେଳାଳି ଚୟନ ହୋଇପାରିବେ ବୋଲି କୋଚ ମତପ୍ରକାଶ କରିଛନ୍ତି। ଷ୍ଟାଡିୟମରେ ପ୍ରତ୍ୟହ ସକାଳ ଓ ଅପରାହ୍ନ ସମୟରେ କ୍ରିକେଟ ପ୍ରଶିକ୍ଷଣ ପ୍ରଦାନ କରାଯାଉଥିବା ବେଳେ ନୂତନ ଭାବେ ତିଆରି କରାଯାଇଥିବା ଏହି ପିଚ ବିଶେଷ ଭାବେ ସହାୟକ ହେବ ବୋଲି କୋଚ ନବ କିଶୋର ଭଞ୍ଜ କହିଛନ୍ତି। ଟର୍ଫ ପିଚ ଉଦଘାଟନ ବେଳେ ବହୁ ପ୍ରଶିକ୍ଷାର୍ଥୀ ଉପସ୍ଥିତ ରହିଥିଲେ।

# ସୃଜନିକା

ସକାଳ
THE SAKALA
www.sakalaepaper.com

# ଯମ ମୁହଁ



ସ୍ୱାଗତିକା ସ୍ୱାଇଁ

: କାଳୀ! ଆଉ ବସିଲୁ କାହିଁକି? ଦେଖୁନୁ ତ' ରୋଷେଇବାସ ନାଇଁ। ନହେଲେ ତତେ ତୋରାଣି ମୁନ୍ଦିଏ ଦେଇଥା'ନ୍ତି। ମିଛଟାରେ ବସି ରହିବ ନା'। ଯାଆ, ପଳା ଯାଆ।

ପର୍ବତ ପ୍ରମାଣ ଦୁର୍ଭାଗ୍ୟ, ଦାରିଦ୍ର୍ୟ, ଅକାଳ, ଅନାହାର - ଏମାନେ ସମସ୍ତେ ମିଶିମାଶି ସୁଦ୍ଧା କାଳୀକୁ ଭାଙ୍ଗି ପକେଇବା କେହି କେବେ ଦେଖିନଥିବେ। ଦୁବାଇରେ ରଙ୍ଗ ମିସ୍ତ୍ରୀ ଖଟୁଥିବା ବାପାର ଚାରି ଝିଅଙ୍କ ଭିତରୁ ଜଣେ ଭାବରେ ତାକୁ ଯେତେବେଳେ ମାଆ ବରାଳ ଦେବୀ କ୍ୟାଣ୍ଟର ବସ୍ କ୍ଲିନର୍ ମହାଦେବ ସହିତ ହଁ କି ନାଁ ନପଚାରି ହାତକୁ ଦି ହାତ କରି ଦିଆଯାଇଥିଲା, ସେତେବେଳେ ନୁହେଁ। କିମ୍ବା ବସ୍ ଡ୍ୟୁଟିରେ ଭାରି ପରିଶ୍ରମ, ବରଂ ଫ୍ୟାକ୍ଟ୍ରି କାମ ଭଲ ଏକଥା କହି ନୂଆ ସ୍ତ୍ରୀ ସହିତ ସଂସାର ଗଢ଼ିବ ବୋଲି ମହାଦେବ ଯେତେବେଳେ ତାମିଲନାଡୁ ଚାଲିଯାଇଥିଲା ସେତେବେଳେ ବି ନୁହେଁ। କାଳୀକୁ କେହି କେବେ ଭାଙ୍ଗି ରୁଜି ଯିବାର ଦେଖିନି। ବରଂ ଆପଣା ଶିଖା ତେଜରେ ତରଳି ଯାଉଥିବା ମହମ ପରି ସେ ନିଜ ମୁଣ୍ଡ ଉପର ବିଷାଦମାନଙ୍କୁ ସମୟ ସୁଅରେ ପାଣି ପରି ବହେଇ ଦେଇଚି। କଷ୍ଟ ଭିତରେ ନିଜ ଭାଗର ବଳକା ସହଜ ଦିନ ଆଡ଼କୁ ନିଷ୍ଠି କରି ରାଜରାସ୍ତାକୁ ଓହ୍ଲେଇ ପଡ଼ିଚି। ଆଉ ଦମ୍ଭରେ ଅଣ୍ଟା ମୁହଁ, ଛାତି ମୁଣ୍ଡ ସଳଖ କରି ଛିଡ଼ା ହେଇଚି।

ନହେଲେ ନାକାରେ କ'ଣ ରେଜା ଅଭାବ? କିନ୍ତୁ ଯୋଡ଼େଇରେ କ'ଣ ଢଳେଇରେ କେତେ; କ'ଣ ନିମଟାଲ କି ପଲସ୍ତରା ମସଲାର ଭାଗମାପ ତାହା କାଳୀ ଠୁଁ କିଏ ଅଧିକା କହିପାରିବ? ସେତିକି ବୋଲି ନୁହେଁ ଓଳମ ଧରିବାରେ, କରଣି ହେଉ କି ଗଜ, ଓଷା ଏସବୁ ଚଳେଇବାରେ ସେ ଗୋଟିଏ ଅଧା ରାଜମିସ୍ତ୍ରୀ ଜାଣ। ତା'ର ସେ କଳା ଯିଏ ଦେଖିଚି ସିଏ ଜାଣିଚି। ଯେ' କାମ ପାଇଁ ତା' ପରି ସୁଠାମ ଚେହେରାର, ପାରିବାର ସ୍ତ୍ରୀ ଲୋକ ଜଣକୁ ପାଇବା କେତେ କଷ୍ଟ।



ହେଲେ ଜଣେ ହତଭାଗ୍ୟ ସ୍ତ୍ରୀ ଲୋକ ପାଇଁ ସବୁକିଛି କୋଉଠି ଏତେ ସହଜ! କାରଣ ଗୋଦର ଯେ ଏକ ନଛୋଡ଼ବନ୍ଧା ଦାଉ ସାଧିବାର ରୋଗ! ଯାହା ଗ୍ରାସି ଯିବ ତ ତମକୁ ଅଚଳ କରିପକେଇବ। ତମେ ଯେତେ କର୍ମଠ ହେଇଥାଅ, କ୍ଷଣିକେ ତମକୁ ଛାଟି ଦେଲା ଭଳି ଅଥର୍ବ କରି ଘରେ ବସେଇ ଦବ।

ସେଇଟା ଥିଲା 'ଭଗବାନ ଭରସା' କ୍ୟାନ୍‌ସର ହାସପାତାଲ ସମ୍ମୁଖ ରାସ୍ତା କଡ଼ର ଅରାଏ ସରକାରୀ ଅପନ୍ତରା। ଏମିତିରେ ତ' ଡାକ୍ତରଖାନାଟା ଅରଖ ନୂଆ। କିନ୍ତୁ ଏଠିକି ବହୁ ଦୂରଦୂରାନ୍ତରୁ ଏପରିକି ରାଜ୍ୟ ବାହାରୁ ରୋଗୀମାନେ କେମିତି ଆସି ପହଞ୍ଚିଥାନ୍ତି ତାହା ଅଜଣା। ଯଦି ତମ ହାତରେ ଅଳ୍ପ ସମୟ ଥିବ ଏବଂ ଆଗ୍ରହ!

ତେବେ ଏଠି ଆସି ଦାଖଲ ହେଉଥିବା ରୋଗୀ ଏବଂ ତାଙ୍କ ନିଜ ଲୋକଙ୍କୁ ଦଣ୍ଡେ ଚାହିଁବ। ଘଡ଼ିଏ ଚାହିଁ ଦେଖିବ ସେମାନଙ୍କର ମଳିନ ମୁହଁ, ଲୋଚାକୋଚା ଲୁଗାପଟାକୁ ମଧ୍ୟ। ଆଉ ପଚାରି ବୁଝିବ ତ ଭିତର କଥାଟି ବି ଜାଣିଯିବ।

"ଅମୁକ ଡାକ୍ତର କହିଲେ, ସମୁକ ଆମକୁ ଏଠି ଆଣି ପହଞ୍ଚେଇଲେ"- ଏଇ ଧାଡ଼ିକ ଆପ୍ତବାକ୍ୟ ତମକୁ ଦୋହରେଇ ଦୋହରେଇ ଶୁଣିବାକୁ ମିଳିବ।

ତେବେ ସେ ଯାହା ହଉ ନା କାହିଁକି ପଶାପାଳିମୟ ଏଇ ମିଛ ମାୟା ସଂସାରରେ କଠଉ ସାହୁ ଛାତିତଳେ ସତ କଲିଜାଟିଏ ଅଛି। ଯୋଉଥି ପାଇଁ ସେ' ଏଠା ତଳତଳିଆଙ୍କ ପାଇଁ ଆଉ କିଛି କରିପାରୁ ନପାରୁ ଶସ୍ତା ଦରବାଲା ଭାତ ଡାଲମା ହୋଟେଲ ଗୋଟିଏ ଖୋଲିଚି। ପିଞ୍ଚାଏ ତତଲା ଭାତ, ଦେଢ଼ ଚଟୁ ଡାଲମା ଆଉ ଚାମୁଚେ ରାମେୟା ଲୁଣି ଆଚାର। ମୂଲ୍ୟ ଚାଳିଶ ଟଙ୍କା ମାତ୍ର।

କାଳୀ ପ୍ରତିଦିନ ବଡ଼ି ଭୋଅରୁ ନିଜ ଗୋଦର ଗୋଡ଼ରେ ଧୀରେ ଧୀରେ ଚାଲି ଚାଲି ଆସି ହୋଟେଲ ପାଖରେ ପହଞ୍ଚେ। ପରିବାବୁହା କ୍ୟାରେଟ୍ ଗୋଟିଏ ଓଲଟେଇ ତା' ଉପରେ ବସି ଘଡ଼ିଏ ଥକ୍କା ମାରେ। କାନି ଖୋଲି ସେଥିରୁ ଚାଉଳ ଗୁଣ୍ଡି ପ୍ୟାକେଟ୍ କାଢ଼େ। ଚକିରେ ମଳି ପାଟିରେ ପକାଏ। ବାସନମଜା ପାଉଁଶ କଂସାରେ ନିରମା ଗୁଣ୍ଡ ମିଶାଏ। ଆଉ ତା'ପରେ ନିବିଷ୍ଟ ମନଧ୍ୟାନ ଦେଇ ବାସନ ମାଜି ଚାଲେ। ହାଣ୍ଡି ଡେକ୍‌ଚି, ପରାତ, କରଚୁଲୀ ଏବଂ ଆଉରି କେତେ କ'ଣ। ଯେତେ ବାସନ ସେତେ ନିର୍ଦ୍ଦିଷ୍ଟ ଧ୍ୟାନରତ ମନ।

ଠାକୁରଙ୍କ ଆଶୀର୍ବାଦ ଜାଣ। ନହେଲେ ଯେ' ବେମାରିଆ ଗୋଡ଼ ଦେହକୁ ଧରି ସେ ଆଉ କୋଉ କାମଟା ଏବେ କରିପାରିଥାନ୍ତା। ବସି ବସି ବାସନ ମାଜିବା ବ୍ୟତିରେକ। ଯୋଉଠି ମାସକୁ ଅଳ୍ପ ପଇସା ସହିତ ପ୍ରାୟତଃ ହୋଟେଲର ବଳକା ଭାତ ଡାଲମା ମିଳିଯିବ।

କିନ୍ତୁ ନିୟତି ବି ବଡ଼ ଦାରୁଣ, ନିଷ୍ଠୁର। ସବୁବେଳେ ଏଇ ଅସହାୟଙ୍କ ଉପରେ ହିଁ ଅହନ୍ତା ତା'ର। ନହେଲେ କହ ତ କାନ ଉଠିବା ଦିନଠୁଁ କିଏ କେବେ ଶୁଣିଥିବ ଯୁଦ୍ଧ ପାଇଁ ଜାଳ ମିଳିବନି ତ' ରୋଷେଇ ପତ୍ର ବନ୍ଦ ହୋଇଯିବ।

ବାସନ ମାଜିବାକୁ ସୁବିଧା ହେବ ବୋଲି ମାଙ୍କଡ଼ା ପଥର ଦି ପୁଞ୍ଜା ପକେଇ ଗୋଟିଏ ଜାଗା କରାଯାଇଛି। କାଳୀ ଦୀର୍ଘଶ୍ୱାସଟିଏ ନେଇ ସେ ଆଡ଼କୁ ଚାହିଁଲା। ଅନ୍ୟ ଦିନ ହେଇଥିଲେ ଜାଗାଟା ପାଣି ପଚପଚ ହେଇ ଚଳଚଞ୍ଚଳ ଥାଆନ୍ତା। ମାତ୍ର ଆଜି ସେଇ ଅରାକ ସୂର୍ଯ୍ୟଙ୍କ ଖରାତେଜରେ ବିବାକ୍ ଶୁଖିଲା ପଡ଼ିଥିଲା।

ସେ ହାରିଯିବାର ସ୍ତ୍ରୀ ଲୋକ ନୁହେଁ। କୁଆଡୁ କିଛି ନପାଇ ସେ ଘରେ ବସି ଯାଇନଥିଲା। ବଡ଼ ସୁନାଖେଳା ବେପାରୀଙ୍କଠୁଁ ଶୁଖୁଆ ଦି ଝୁଡ଼ି ଆଣି ଷ୍ଟାଡିୟମ୍ ସାମ୍ନାରେ ପସରା ପକେଇଥିଲା। ମାତ୍ର ଆଜି ପୂର୍ଣ୍ଣମୀ, କାଲି ସଂକ୍ରାନ୍ତି, ପହରଦିନ ନବମୀ, ଦୋକାନ ଉଠା - କହି ପାଚିଲା ଗାମୁଛା ବାଲାଏ ବହୁତ ହଇରାଣ ହରକତ କଲେ। ବଟି ମାଗିଲେ। ନାଲି ଆଖି ଦେଖେଇଲେ।

ଦୀର୍ଘଶ୍ୱାସଟିଏ ନେଇ କାଳୀ ଏବେ ନିଜ ଚାରିପାଖକୁ ଚାହିଁଲା। ଖରାଦିନର ସୂର୍ଯ୍ୟଙ୍କ ପ୍ରଖର କିରଣ। ତା'ସାଙ୍ଗକୁ ବହୁତ ଦିନରୁ ବର୍ଷାର ଚିହ୍ନବର୍ଣ୍ଣ ନାହିଁ। ତେଣୁ ଗଛ ପତ୍ର ସବୁ ଧୂଳିମାଡ଼ ଖାଇ ମଳିନ, ଧୂସର ଆଉ ଝୋଲା ମାରିବା ପରି ଦିଶୁଥିଲେ। ଯଦିଓ ରାଧାଚୂଡ଼ା ଗଛମାନଙ୍କରେ ଫୁଲ ଭର୍ତ୍ତି ହେଇଥିଲା। ମାତ୍ର ସେମାନେ ବି ଏ ଖରା ଧାସ, ଧଳି ଧୂଆଁକୁ ଆଉ କେତେ ସହିବେ। କେବଳ ଫୁଟିବାକୁ ହବ ବୋଲି ବାଧ୍ୟ ହେଇ ଫୁଟିଥିଲେ।

କାଳୀକୁ ପ୍ରବଳ ଭୋକ ହଉଥିଲା। ଖଟିଲେ ଖାଇବା ମଣିଷ ସିଏ। ଯେହେତୁ ହାତରେ କାମ ନାହିଁ ତେଣୁ ସେ କେତେଦିନ ହେଲାଣି ଠିକ୍‌ରେ ଗଣ୍ଡିଏ ଖାଇବାକୁ ପାଇନି। ସତ କହିଲେ, ଗଲା ଦି ଦିନ ହେଲା ତା' ପାଖରେ ପାଟିରେ ଦବାକୁ କିଛି ହେଲେ କିଛି ନାହିଁ।

: ଯୁଦ୍ଧ କେବେ ସରିବ?

ସେଠି ଅଳ୍ପ ଦୂରରେ ଚାଳିଆ ତଳେ କଠଉ ଆଣ୍ଠୁ ଯୋଡ଼ିକ ଯାକି ବସି ବିଡ଼ି ଟାଣୁଥିଲା। କାଳୀ ତାକୁ ଚାହିଁ ପଚାରିଲା।

: କେଜାଣି ତା' କିଏ କହିବ! ବଡ଼ ବଡ଼ିଆ ନେତାଙ୍କ କଥା। ସେଇମାନେ ଜାଣିଥିବେ।

ଭୋକ ଗୋଟିଏ ଏମିତି ଚିଜ ଯୋଉଥିପାଇଁ ତମକୁ ହାଇପୋଗ୍ଲାସିମିଆ ଗ୍ରାସିବାକୁ ବେଶି ବେଳ ଲାଗେ ନାହିଁ। ମୁଣ୍ଡକୁ ପିତ୍ତ ଚଢ଼ିଯାଏ। ଆଉ ସେଇଟା ବିଷ ଚରିଯିବା ଭଳି କାମ କରିବାକୁ ଲାଗେ। ସତେ ଯେମିତି ଏ ସଂସାର, ମଣିଷ, ଈଶ୍ୱର, ଭାଗ୍ୟ ପ୍ରତି ତମ ମନରୁ କରୁଣାର ଚିହ୍ନବର୍ଣ୍ଣ ଲୋପ ପାଇଯାଉଚି। ସେହିପରି ଗରଳ ଉଗାଳିବା ପରି କେତୋଟି ନିର୍ଦ୍ଦୟ ଶବ୍ଦ ତମ କଣ୍ଠ ବାଟ ଦେଇ ବାହାରି ଯାଆନ୍ତି।

-କୋଉ ବଡ଼ବଡ଼ିଆ, କୋଉ ନେତା ! ଗରିବଙ୍କ ପେଟକଟା; ତମକୁ ଚିଲ, ଶାଗୁଣା ଝୁଣିବେ। କୁକୁର, ବିଲୁଆ ଟାଣିବେ। ବଡ଼ ରୋଗିଆ; ତମେ ଅକାଳରେ ଯମ ମୁହଁରେ ପଡ଼ିବ। ତମକୁ ଧର୍ମ ସହିବ ନାହିଁ।

ଭାଗ୍ୟ ଆଦରି ଜୀବନ ବାହିବା ମଣିଷ ସିଏ, କାଳୀ ! କେବେ କାହାରି ଅନିଷ୍ଟ ପାଞ୍ଚି ଚାରିପଦ କହିବା ତାକୁ କେହି ଦେଖିନି। ଅଥଚ ଆଜି ଏମାନେ କୋଉଠି ଥିଲେ। ତା' ପାଟିରୁ ଶବ୍ଦ ହେଇ ବାହାରିଗଲେ!! ସେ ଆଶ୍ଚର୍ଯ୍ୟ ହେଲା।

କିନ୍ତୁ ରାଧାଚୂଡ଼ା ଗଛରେ ଭର୍ତ୍ତି ହୋଇଥିବା ହଳଦିଆ ରଙ୍ଗର ଫୁଲମାନେ ଏବେ କେମିତି ଟିକିଏ ଅଧିକା ପ୍ରଫୁଲ୍ଲ ଦିଶିଲେ। ସେଇ ଖରା, ସେଇ ଧୂଳି ଧୂଆଁ କିନ୍ତୁ ସେମାନେ ହସନ୍ତ ଲାଗୁଥିଲେ। ବୋଧହୁଏ କଥାଟା ତାଙ୍କ ମନକୁ ପାଇଥିଲା। ■

ଜଗନ୍ନାଥ ସାହି
ଇନ୍ଦିରା ଗାନ୍ଧୀ ମହିଳା କଲେଜ ପାଖ
ଚାନ୍ଦିନୀ ଚୌକ କଟକ-୨
ମୋ: ୯୪୩୭ ୬୦୪୨୮୦

## ପୁସ୍ତକ ପରିଚୟ

### ନଈର ଏକୂଳ ସେକୂଳ

ପ୍ରଦ୍ୟୁମ୍ନ ପଟ୍ଟନାୟକ




ପକ୍ଷୀଘର ପ୍ରକାଶନୀ
ମଧୁସୂଦନ ନଗର, ଭୁବନେଶ୍ୱର-୦୧
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୯୫ ଟଙ୍କା

ମଣିଷ ଜୀବନ ବେଶ୍ ବୈଚିତ୍ର୍ୟମୟ। ବହୁ ସଂଘର୍ଷମୟ ଜୀବନର ଚଲାପଥ। ତଥାପି ଜୀବନ ଜୀଇଁବାରେ ଅଛି ଆନନ୍ଦ। ଏମିତି ଜୀବନର କିଛି ସୁଖ, ଦୁଃଖ, ଆନନ୍ଦ, ବିଷାଦ, ପ୍ରେମ, ଆଶା, ନିରାଶାକୁ ନେଇ ଗତିଶୀଳ ହୋଇଛି ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ 'ନଈର ଏକୂଳ ସେକୂଳ' ପୁସ୍ତକର ଗପଗୁଡ଼ିକ। ଏହି ପୁସ୍ତକରେ ମୋଟ ୧୭ଟି ଭିନ୍ନ ସ୍ୱାଦର ଗଳ୍ପ ସଂକଳିତ ହୋଇଛି। ପ୍ରତିଟି ଗପରେ ଭରି ରହିଛି ଜୀବନମୟତା। ନିରୁପାୟ, ଆଖି, ନିରବ କଳରବ, ବିଡ଼ମ୍ବିତ ମାତୃତ୍ୱ, ମରୀଚିକା, ମଲାନଈ, ସନ୍ତାନ, ଅଫଳନ୍ତି ଗଛ, ସୁଖସ୍ୱପ୍ନ, ଅସତ ଧନ, ମାଷ୍ଟ୍ରାଣୀ, ଗେଷ୍ଟ ହାଉସ୍, ବୟସ, ଲିଭ୍-ଇନ୍ ରିଲେସନ୍, ନଈର ଏକୂଳ ସେକୂଳ ଆଦି ଗପଗୁଡ଼ିକରେ ମାନବୀୟ ଭାବାବେଗ, ପାରିବାରିକ ସମ୍ପର୍କ, ସାଂପ୍ରତିକ ସମାଜର ବାସ୍ତବ ଚିତ୍ର, ମଣିଷ ଜୀବନର ନାନା ସମସ୍ୟା ଓ ସଂଘର୍ଷ କଥା ବର୍ଣ୍ଣିତ ହୋଇଛି। 'ବିଡ଼ମ୍ବିତ ମାତୃତ୍ୱ' ଏକ ହୃଦୟସ୍ପର୍ଶୀ ଗପ। ଏହି ଗପରେ ମାତୃ ହୃଦୟର ସ୍ପନ୍ଦନକୁ ନିବିଡ଼ ଭାବେ ଅନୁଭବ କରିହୁଏ। ସେହିପରି 'ଅଫଳନ୍ତି ଗଛ' ମଧ୍ୟ ଏକ ମାର୍ମିକ ଗପ। ଏହି ଗପରେ ମଧ୍ୟ ଗାଳ୍ପିକ ମା' ହେବାର ଦୁର୍ବାର ଆକାଂକ୍ଷା ଓ ଚରମ ଆନନ୍ଦକୁ ଚମତ୍କାର ଭାବେ ଗାଳ୍ପିକ ପ୍ରସ୍ଫୁଟିତ କରିଛନ୍ତି। 'ନଈର ଏକୂଳ ସେକୂଳ'ର ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ବୁଲିଥିଲି ଭୁଲି ନାହିଁ

ଗୋପାଳ ଚନ୍ଦ୍ର ମିଶ୍ର




ଶିଳାଶ୍ରୀ ପବ୍ଲିକେଶନ
ଭୀମ ଟାଙ୍ଗୀ, ଭୁବନେଶ୍ୱର-୨
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୫୦ ଟଙ୍କା

ଅନେକ ଭ୍ରମଣପ୍ରିୟ ବ୍ୟକ୍ତି ଅଛନ୍ତି। ଯେଉଁମାନେ ବିଭିନ୍ନ ଦେଶ ଭ୍ରମଣ କରି ସେଠାକାର ପ୍ରାକୃତିକ ପରିବେଶ, ଦର୍ଶନୀୟ ସ୍ଥାନର ଅପୂର୍ବ ସୌନ୍ଦର୍ଯ୍ୟକୁ ମନ ଭରି ଉପଭୋଗ କରିଥାନ୍ତି। ପରବର୍ତ୍ତୀ ସମୟରେ ସେଇ ଭ୍ରମଣ ଅନୁଭୂତିକୁ ପୁସ୍ତକ ଆକାରରେ ପ୍ରକାଶ କରିଥାନ୍ତି। ଏହି କ୍ରମରେ ପ୍ରକାଶ ପାଇଛି ଗୋପାଳ ଚନ୍ଦ୍ର ମିଶ୍ରଙ୍କ 'ବୁଲିଥିଲି ଭୁଲି ନାହିଁ ଭ୍ରମଣ କାହାଣୀ ପୁସ୍ତକ। ଲେଖକ ଶ୍ରୀଯୁକ୍ତ ମିଶ୍ର ୨୦୧୭ ରୁ ୨୦୨୫ ମସିହା ମଧ୍ୟରେ ସିଙ୍ଗାପୁର, ମାଲଏସିଆ, ଭୁଟାନ, ଦୁବାଇ, ଥାଇଲାଣ୍ଡ, ଇଣ୍ଡୋନେସିଆ ଆଦି ବିଭିନ୍ନ ଦେଶ ଭ୍ରମଣ କରି ବେଶ୍ ଆନନ୍ଦ ଅନୁଭବ କରିଛନ୍ତି। ସେଇ ଭ୍ରମଣ ଅନୁଭୂତିକୁ ଅତି ଚମତ୍କାର ଭାବେ ସେ ବର୍ଣ୍ଣନା କରିଛନ୍ତି 'ବୁଲିଥିଲି ଭୁଲି ନାହିଁ' ପୁସ୍ତକରେ। ଲେଖକ ଯେଉଁ ଯେଉଁ ଦେଶ ବୁଲିଛନ୍ତି, ସେଇ ଦେଶଗୁଡ଼ିକର ନିୟମ କାନୁନ, ଖାଦ୍ୟପେୟ, ଚାଲିଚଳଣି, ପରମ୍ପରା, ଦର୍ଶନୀୟ ସ୍ଥାନ, ପ୍ରାକୃତିକ ପରିବେଶ, ଐତିହାସିକ କୀର୍ତ୍ତିରାଜି ଆଦି ସଂପର୍କରେ ଏହି ଭ୍ରମଣ ସ୍ମୃତି ଆଲେଖ୍ୟରେ ପ୍ରକାଶ କରିଛନ୍ତି। ଏହି ପୁସ୍ତକଟି କେବଳ ବିବରଣୀ ନୁହେଁ, ନିଜ ହୃଦୟର ବିପୁଳ ଆବେଗ ଦେଇ ଲେଖକ ବିଦେଶ ଭ୍ରମଣର ସୁଖଦ ଅନୁଭୂତିକୁ ଖୁବ୍ ଚମତ୍କାର ଭାବେ ଲିପିବଦ୍ଧ କରିଛନ୍ତି। ଅନ୍ୟଦେଶର କଳା, ସଂସ୍କୃତି, ପର୍ଯ୍ୟଟନ, ଚାଲିଚଳଣି ସଂପର୍କରେ ଲେଖକ ଅତି ମାର୍ମିକ ଭାବେ ବର୍ଣ୍ଣନା କରିଛନ୍ତି। ଓଡ଼ିଆ ଭ୍ରମଣ କାହାଣୀ ସାହିତ୍ୟ ଜଗତରେ 'ବୁଲିଥିଲି ଭୁଲି ନାହିଁ ପୁସ୍ତକଟି ଏକ ନୂତନ ସଂଯୋଜନ ହୋଇରହିବ ନିଶ୍ଚୟ। ■

# ବାପାଲୋ



ଜୟନ୍ତୀ ରଥ

ପିଣ୍ଡାରେ ଖଟ ଉପରେ
ଶୋଇଥିଲେ ବାପପୁଅ
ତଳେ ଶୋଇଥିଲା ମାଆ।
ଅଧରାତିରେ ପୁଅ କହିଲା
ବାପାଲୋ ମୋତେ କ'ଣ ଗୋଟେ
କାମୁଡ଼ି ଦେଲା
ତୁନି ହୋଇ ଶୋଇପଡ଼
ମଶାଗୁଡ଼ା ଭାରି ଉତ୍ପାତିଆ ହେଲେଣି

ବାପା ନିଦ ମଳ ମଳ
ଆଖିରେ ଉଠି
ଚାଦରଟା ଢାଙ୍କି ଦେଲା
ପୁଅ ଦେହରେ

ବଡ଼ି ଭୋଅରୁ
ମାଆ ରାହା ଧରି କାନ୍ଦୁଥିଲା
କୁଆଡ଼େ ଗଲୁରେ
ମୋ ଧନ
ମୁଁ ପୋଡ଼ାମୁହିଁ
ମୋତେ ବି କାଳ ନିଦ ଘାରିଲା
ମୁଁ ନ ମଲି କିଆଁ
ତା' କାନ୍ଦରେ

ବାପର ନିଦ ଭାଙ୍ଗିଲା
ପୁଅର ପ୍ରାଣହୀନ ଦେହ ଉପରେ
ହାତ ବୁଲେଇ
ସେ ଖୋଜୁଥିଲା
କାମୁଡ଼ା ଦାଗ।

ମୁଁ ଜାଣେ
ପୃଥିବୀର ବଡ଼ ବଡ଼ ଦୁଃଖର ତାଲିକାରେ
ଏଇ ଦୁଃଖ ଦେଖା ଯିବନି
ଥରେ ଥରେ
ନିଦ ନ ହେଉଥିବା ରାତିରେ
ମୋତେ ଶୁଣାଯାଏ।
ଗୋଟେ କଅଁଳ କରୁଣ ସ୍ୱର
ବାପାଲୋ...
ମୁଁ ନିରବରେ ଆଖି ବୁଜି ଦିଏ। ■

ଭୁବନେଶ୍ୱର
ମୋ: ୮୮୯୫୬୧୭୯୫୬



# ନିଦାରୁଣ ଖରା



ପିନାକୀ ମିଶ୍ର

ଫଟାଭୂଇଁ, ତପ୍ତବସୁଧା
ଝାଞ୍ଜିରେ ଜୀବନ ବେହାଲ୍,
ଗଛ ଦେଇପାରୁନି ଛାଇସାନ୍ତ୍ୱନା
ଆଖି ତରାଟୁଛି - ଡହକ ଖରାର କୋପ।

ନଈରେ ପାଣିନାହିଁ
ପଶୁପକ୍ଷୀ ଡହଳବିକଳ
ଚୂଆପାଣି କହିବ ନଈର ଗୁମର
ଚାଲିଛି ବାଲିବୁହା, ଗଡୁଛି ବୋତଲ,
କାହିଁ ଜହ୍ନ ଗାଧୁଆ, ସଂଜ କୁଆଁରୀ ଖେଳ ?

ନିଦାରୁଣ ନିଆଁତାତି
ଖଟୁଆ ମେହେନତି
ଆହାପଦେ ପାଇବୁନି କାହାଠୁ
ପେଟର କୁହାଟ ଖରାଠୁ ବେଶୀ ନାଟ କରେ।

ମୁହଁପୋତି କୁଆଡ଼େ ଯାଉଛୁ ମାଧବୀ ?
ସୁକୋମଳ ତନୁ ଝାଇଁ ମାରିନେବ,
ଘରେ କି ବସିପାରୁନୁ ନୀରବରେ !
ରାସ୍ତାରେ ଯେ' କେହିନାହିଁ
ଖରା ରୋକି ପାରେନି ପ୍ରେମର ମହୁଆଡ଼ାକ।

ମେଘ ବସିଛି
ମାମୁଁଘର ତାଳଗଛ ଡାଳରେ,
କେବେ ଆସିବ କେଜାଣି ?

ଉପରବାୟୁ ଟେକୁଛି ଜେଜେଙ୍କୁ
ଆକାଶ ଧୂସର, ମାଟି ମଉନ, ନାହିଁ ପକ୍ଷୀଉଡ଼ାଣ,
ଲୋଭର ନିଆଁ
ମଣିଷକୁ ଅଧା ଜାଳି ସାରିଲାଣି।

ଖରା ଦେଖେ ବିଧବାକପାଳ
ମୁକଦିଅଁଙ୍କ ପଥର ଦେଉଳ
ବନବାସୀର ବଧିଆପିଠି
ଦୁଃଖିନୀମାଆର ଟ୍ରଙ୍କ ସାଇତାଚିଠି,
ସମୁଦ୍ର ଶୁଖି ଯାଏନା
ଛାତି ଫୁଟୁଥାଏ ତତଲାବାଲି ପରି,
ରାତିପାହେ କିନ୍ତୁ ଦୁଃଖଦୋହା ସରେନା। ■

'ଶୂନ୍ୟନୀଳ'
ଚର୍ଚ୍ଚ ପାଖ, ଜେଲ୍ ରୋଡ୍, କେନ୍ଦୁଝର
ମୋ: ୯୪୩୮୧୧୮୩୯୭

ମୁଁ କାହିଁକି ଲେଖେ

# "କବିତା ରଚନାର ପ୍ରେରଣା କାହିଁକି, କେମିତି, କେଉଁଠୁ ଆସେ ଜାଣେନା"



ପ୍ରଦୀପ କୁମାର ପଣ୍ଡା

'ମୁଁ କାହିଁକି କବିତା ଲେଖେ ପ୍ରଶ୍ନର ସରଳତମ ଉତ୍ତର ବୋଧହୁଏ ଏହା ଯେ ସର୍ଜନ ପ୍ରେରଣା ଆସେ ବୋଲି ମୁଁ ଲେଖେ। କିନ୍ତୁ ଏ ଉତ୍ତରର ଜଟିଳତମ ପ୍ରତିପ୍ରଶ୍ନ ହେଉଛି ପ୍ରେରଣା କାହିଁକି ଆସେ, କେଉଁଠୁ ଆସେ ଓ କେମିତି ଆସେ ? ପୁଣି ପ୍ରତିପ୍ରଶ୍ନ ଏହା ବି ହୋଇପାରେ କି ପ୍ରେରଣା ଆପଣାର ଭିତରୁ ଆସେ ନା' ବାହାର ଜଗତରୁ ଆସେ ?

ପ୍ରଶ୍ନ ପରେ ପ୍ରଶ୍ନ, ପ୍ରତିପ୍ରଶ୍ନର ପାହାଚ ଥାକଥାକ ଗଢ଼ିହୁଏ ଅପହଞ୍ଚ ଉତ୍ତର ଆଡ଼କୁ। ପ୍ରେରଣା କିନ୍ତୁ ଆସେ, ଜଗତର ପ୍ରତ୍ୟେକ ଚେତନଶୀଳ ପ୍ରାଣୀର ପାଖକୁ। କିଏ ଲେଖେ, କିଏ ଆଙ୍କେ, କିଏ ନିହଣ ଧରି ତୁଚ୍ଛା ଠୁକୁର୍ ଠାକୁର୍ କରୁଥାଏ, କାଳେ ଛାଏଁ ଗଢ଼ି ହୋଇଯିବ ଅଧାଗଢ଼ା ଦିଅଁଟିଏ।

ମୁଁ ଏବେ କରିବି କ'ଣ; ସେ ଅପହଞ୍ଚ ପାହାଚ ଚଢ଼ିବି ନା ପାହାଚ ତଳେ ଅପେକ୍ଷା କରିରହିବି ପ୍ରେରଣାଗୁଡ଼ିକର ଓହ୍ଲାଣ ପାଇଁ ?

ଗୋଟିଏ ନଈ ଅଛି, ଅଦୃଶ୍ୟ। ଶୁଖିଲା, କୂଳହୀନ। ଭିଜାଏ ସଭିଙ୍କୁ, ପହଁରାଏ, ଉବୁଟୁବୁ କରେ। ଭସାଇନିଏ।

ଗୋଟିଏ ବଂଶୀ ଅଛି, ସେ ବି ଅଦୃଶ୍ୟ। ତା' ନିଜର ସ୍ୱର ବୋଲି କିଛି ନାହିଁ। ଶୁଖିଲା ପତ୍ରଟିଏ ପଡୁଛି ଯେମିତି ମାଟିରେ ହଲିଝୁଲି କେଉଁ ପ୍ରାଚୀନ କାଳରୁ। ମାତାଲ୍ ବଧିର ଲୋକମାନେ ଧାଉଁଛନ୍ତି ତାକୁ ଶୁଣିବାକୁ।

ଫୁଲଟିଏ ଫୁଟିଛି କାହାର ଆତ୍ମାରେ। ନିଶ୍ୱାଖୁଡ଼ା, ମହକହୀନ ଓ ତା' ବି ଅଦୃଶ୍ୟ। କାହିଁ କେତେ ଦୂରରେ, ଲିଭି ଯାଇଥିବା ରଙ୍ଗରେ ଆଲୋକିତ କରୁଛି ପୃଥିବୀକୁ, ପୋଡ଼ିଯାଉଛି ଆଖି।

ଗୋଟିଏ ମାତ୍ର ଧଳାପର ଅଛି ସେ ଡାମରା କାଉର। ସୂର୍ଯ୍ୟକିରଣ ଛୁଇଁ ପାରେନା ତାକୁ, କାରଣ ସେ ଅଦୃଶ୍ୟ। ଝରପାଣିରେ ଗାଧାଏ, କରେ ନାହିଁ କାଳାପ, ଉଡ଼ିଯାଏ। ଜଣେ କେହି ଦେଖିଛି ସେଇ ଧଳା ପରକୁ ଡେଣାହୀନ ତା'ର କଙ୍କାଳରେ। ସେ ଜଣକ ହୁଏତ ଅନ୍ଧ।

ଲେଖା ହୋଇନଥିବା ଏକ କବିତା ଅଛି। ଆଲୋକ ଆଲୋକ ବର୍ଷ ଦୂରରେ, କେଉଁ ଏକ ଅନଭମଣ୍ଡଳରେ ସୂର୍ଯ୍ୟର ଛାଇ ପରି ତା'ର କାରୁ। ପୋଡ଼ି ସାରିଥିବା କୋଇଲା, ଚମଡ଼ାଗନ୍ଧ, ପଲକ ନଥିବା ଆଖି, ଶୂନ୍ୟ ଯୂପରେ ଉଞ୍ଚେଇ ହୋଇଥିବା କୁରାଢ଼ି, ପଥହୀନ ନିକାଞ୍ଚନରେ ଅଭଙ୍ଗା ଏକ ଟିକେଟ ଘର, ଆଗକୁ ଯିବାକୁ। ନିଃଶ୍ୱାସରେ ଯା'ର ଜଳେ ଛାତିର ଭାତି, ରୁଗୁରୁଗୁ, ଅହରହ। ମୋ ଭିତରର ସେ ନଈ, ସେ ବଂଶୀ, ସେ ଫୁଲ, ସେ କାଉ, ସେ ଅଲେଖା କବିତାଟି ହୁଏତ ପ୍ରେରଣା ଯିଏ ମତେ କଲମ ଧରାଇ ଶ୍ରୁତଲିଖନ ଡାକେ କବିତାର।

ନିଜ ଭାଗ୍ୟ ନେଇ ଆସେ କବିତା। ଆସେ ମୋର କପାଳରେ। କବିତା ବଡ଼ ଅହଂକାରୀ। କାହାରି ବିବେଚନା, କାହାରି ଶୃଂଖଳ, ଫିଟା ଅର୍ଗଳ, ପରସ୍ପର ଠେଲାପେଲା ହୋଇ ଅଣନିଶ୍ୱାସୀ ଧାଉଁଥିବା ଲୋକମାନଙ୍କର ଛାଟକାଟ ଚିରାୟତ ବାଟକୁ ଆଡ଼ ଆଖିରେ ସେ ଅନାଏନା।

ନିଜ ଅହଂକାରର କୋଦାଳରେ ନିଜ ଶରୀରକୁ ସେ ଖୋଦେ, ରକ୍ତ ଉପୁଜାଏ ଓ ନିଜର ଶୋଷ ମେଣ୍ଟାଏ। କବିତା ଏକାନ୍ତ ଆତ୍ମପ୍ରବଣ, ନିଜ ସୌନ୍ଦର୍ଯ୍ୟରେ ଉଲ୍ଲସିତ ନାର୍ସିସସ୍। ଇତିହାସ ପ୍ରତି ତା'ର ଯେତିକି ଆବେଗ, ସଂପ୍ରତି ପ୍ରତି ସେ ସେତିକି ବାବଦୂକ। ସେ ଯେତେବେଳେ ଆସେ ମୁଁ ସ୍ୱଇଚ୍ଛାରେ ତୋଳିବସେ ଏକ ନିଆଁର ନୀଡ଼, ଲାଗେ ପୃଥିବୀ ବ୍ରହ୍ମାଣ୍ଡ ମୃତ୍ୟୁ ଜନ୍ମ ସ୍ମୃତି ଇତିହାସ ଶୂନ୍ୟ ଶୂନ୍ୟ ନିରବ ନିରବ କଳା ଗର୍ତ୍ତ ସମୂହର ରହସ୍ୟ ଫେଡ଼ିବାରେ ମୁଁ ମଗ୍ନ ଅଛି, ମୁଁ ଅନୁପସ୍ଥିତ ଅଛି। ମୋର ଭୋକ ପସରାଏ ତା'ର କୋଳ ମତେ ଗେଲ କରେ, ତା'ର ବୋକ ଖାଇ ଖାଇ ପୂରିଯାଏ ମୋର ଉଦର। କେହି ମୋତେ ବିଶ୍ୱାସ କର ବା ନକର ଅଥବା କର ମତେ ଈର୍ଷା, ମୋର ନିଜ ଘରପୋଡ଼ିର ନିଆଁ ପୋଉଁ ପୋଉଁ କେତେ କେତେ କବିତାର ବୀଜ ମୁଁ ଅଙ୍କୁରାଇଛି। ମୁଁ ଭାବିଛି, ମୁଁ ଯାହାକୁ ଛୁଉଁଛି ସେ ପାଆଁଳି ଯାଉଛି। ସେ ମରଣ ଜ୍ୱାଳାରେ ଛଟପଟ ଜୀବନ ଜିଉଁଛି। ଚାହିଁ ଦେଲେ ରକ୍ତ ଅଥବା ବରଫ ପାଲଟି ଯାଉଛି ସୂର୍ଯ୍ୟ, ବୋକା ବୋକା ତାରା ଓ ଏକୋଇର ବେହିଆ ଜହ୍ନକୁ ପୂରାଇ ଅଣ୍ଟିରେ ମୁଁ ସ୍ୱପ୍ନ ଦେଖୁଛି। ମତେ ଲାଗେ, ଏଇ ନିକଟରେ, ନିପଟ ସଇତାନ ବସ୍ତିରେ ମୋର ଘର ଓ ମୋର କହିବାକୁ ଇଚ୍ଛାହୁଏ ଦୂର୍ ହଟ ଦୂର୍ ହଟ ଇନ୍ଦ୍ରୀହୀନ ଈଶ୍ୱର, ହଟିଯାଅ କାମାସକ୍ତ ଦେବତାମାନେ, ଭାଗ ପଳାଅ ସୁରମ୍ୟା ଦେବୀମାନେ, ମୁଁ ଏବେ ହୁଏତ କେଉଁ କୁତ୍ସିତ ଅସୁରୁଣୀ ସହ ମୈଥୁନରେ ମତ୍ତ ଅଛି।

ସତ କହୁଛି କବିତା ବା କବିତାର ସେ ପ୍ରେରଣା କାହିଁକି ଆସେ, କେମିତି ଆସେ, କେଉଁଠୁ ଆସେ ମୁଁ ଜାଣେନା। କିନ୍ତୁ ଯେତେବେଳେ ଆସେ, ଶୁଖିଲା ଭୂଇଁରେ, ଧୁ ଧୁ ଖରାରେ ମୁଣ୍ଡ ଟେକି ଠିଆ ହୋଇଥିବା ପୋଢ଼ର ପିଠିରେ ବଗଟିଏ ପରି ଗ୍ରୀବା ଟେକି ଆକାଶ ଓ ତା' ପରର ଆକାଶ ଗଣିବାର ସ୍ପର୍ଦ୍ଧାରେ ମୁଁ ହାଁ ଠିଆ ହୋଇଥାଏ। ■

ବୃନ୍ଦାବନ ବିହାର, ସରଳା
ପୋ. ଧନକଉଡ଼ା
ସମ୍ବଲପୁର-୭୬୮୦୦୬
ମୋ: ୯୪୩୭୧୪୮୭୦୯

# ଘୋଷଣା ଅନେକ; କାମ ଶୂନ୍‌

ଦୋବଲ,୬।୬(ସମିସ):



ଓଡ଼ିଶାର ଶେଷ ସ୍ୱାଧୀନ ରାଜା ଗଜପତି ମୁକୁନ୍ଦଦେବଙ୍କ ବୀରତ୍ୱ ଓ ଆତ୍ମବଳିଦାନର ମୂକସାକ୍ଷୀ ଐତିହାସିକ ଗୋହିରାଟିକିରି ପୀଠ ଆଜି ବି ବିକାଶ ପାଇଁ ଚାତକ ଭଳି ଚାହିଁ ରହିଛି। ଗତ ବର୍ଷ ଜୁନ୍ ୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭଦ୍ରକ ସହର ଉପକଣ୍ଠ ରାହାଞ୍ଜି ନିକଟ ରମ୍ଭିଳାଠାରେ ଆୟୋଜିତ ଏକ ଭବ୍ୟ ସଭାରେ ପ୍ରାୟ ୧୦ କୋଟି ଟଙ୍କାର ମୁକୁନ୍ଦଦେବ ସ୍ମାରକୀ ପାର୍କ ଓ ସୁବିଧା କେନ୍ଦ୍ରର ଶିଳାନ୍ୟାସ କରିଥିଲେ। ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବାର ପ୍ରତିଶ୍ରୁତି ମଧ୍ୟ ମିଳିଥିଲା। ହେଲେ ଆଜି ଏହି ପ୍ରତିଶ୍ରୁତିର ବର୍ଷେ ପୂରିଥିଲେ ମଧ୍ୟ କାମ ୧୦ ପ୍ରତିଶତ ଆଗେଇ ପାରିନାହିଁ। ସରକାରୀ ଆଡ଼ମ୍ବର ମଧ୍ୟରେ ଶିଳାନ୍ୟାସ ଶେଷ ହେଲା ସତ, କିନ୍ତୁ ବାସ୍ତବ ପ୍ରକଳ୍ପ ଏବେ ବି କାଗଜପତ୍ର ଓ ମନ୍ଥର ନୀତି ମଧ୍ୟରେ ଛନ୍ଦି ହୋଇ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଶିଳାନ୍ୟାସ ପରେ ଗତ ନଭେମ୍ବର ୨୨ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଏହି ପୀଠ ପରିଦର୍ଶନ କରି ଦୋବଲ କାଳୀପଡ଼ିଆ ସଭାରେ ଆଉ ୭ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଥିଲେ। ପର୍ଯ୍ୟଟନ ବିଭାଗ ପକ୍ଷରୁ ୨.୪୬ କୋଟିରେ ସେନାପତିଆ ପୋଖରୀର ଉନ୍ନତୀକରଣ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୫ କୋଟି ଟଙ୍କା ବ୍ୟୟରେ ଗବେଷଣା କେନ୍ଦ୍ର ଓ ଆର୍ଟ ଗ୍ୟାଲେରୀ ନିର୍ମାଣର ଯୋଜନା ରହିଥିଲା। ବର୍ଷକ ଭିତରେ ପ୍ରାୟ ୧୭ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା ହୋଇଥିବାବେଳେ ମିଳିଥିବା ସୂଚନା ମୁତାବକ, ଏଯାଏଁ ମାତ୍ର ୬ କୋଟି ଟଙ୍କାର ମଞ୍ଜୁରୀ ମିଳିଛି ଏବଂ କେବଳ ୫.୮୬ କୋଟି ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଛି। ଗତ ମାର୍ଚ୍ଚ ମାସରୁ ଯେନତେନ ପ୍ରକାରେ କାମ ଆରମ୍ଭ ହୋଇଥିଲେ ବି ଏହାର ଗତି ଅତ୍ୟନ୍ତ ନୈରାଶ୍ୟଜନକ।

ପ୍ରକଳ୍ପର ପ୍ରସ୍ତାବ ଅନୁସାରେ, ପୀଠରେ ଏକ ନୂତନ ପାଠାଗାର ନିର୍ମାଣ ହେବାର ଥିଲା। କିନ୍ତୁ ପ୍ରଶାସନ ପକ୍ଷରୁ ଏବେ ପୀଠରେ ଥିବା ଏକମାତ୍ର କଲ୍ୟାଣ ମଣ୍ଡପକୁ ପାଠାଗାରରେ ରୂପାନ୍ତରିତ କରିବାକୁ ସ୍ଥାନୀୟ ପ୍ରଶାସନ ଷଡ଼ଯନ୍ତ୍ର କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ମୁସ୍ତଫାପୁର ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଧାମନଗର ବ୍ଲକ୍ ଉପାଧ୍ୟକ୍ଷ ତଥା ସ୍ଥାନୀୟ ସମିତିସଭ୍ୟ ଜଗବନ୍ଧୁ ପ୍ରଧାନ କହିଛନ୍ତି, କଲ୍ୟାଣ ମଣ୍ଡପଟି ଗ୍ରାମବାସୀଙ୍କ ବିଭିନ୍ନ ସାମାଜିକ କାର୍ଯ୍ୟରେ ବ୍ୟବହାର ହେଉଛି। ଏହାକୁ ନଷ୍ଟ ନ କରି

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସର ବର୍ଷେ ପରେ ବି ଅବହେଳିତ ଗୋହିରାଟିକିରି ପୀଠ

ନୂଆ ପାଠାଗାର ନିର୍ମାଣ କରାଯାଉ। ୨୦୧୬ ନଭେମ୍ବର ୨୮ରେ ତତ୍କାଳୀନ ରାଜ୍ୟ ସରକାର ଗୋହିରାଟିକିରିକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେଇଥିଲେ। ହେଲେ ୮ ବର୍ଷ ପରେ ବି ଏଠାରେ ଆଖିଦୃଶିଆ ପରିବର୍ତ୍ତନ ହୋଇନାହିଁ। ପର୍ଯ୍ୟଟକଙ୍କ ପାଇଁ ରହଣିସ୍ଥଳ, ବିଶ୍ରାମ ଗୃହ, ଶୌଚାଳୟ କିମ୍ବା ପାନୀୟ ଜଳର ସୁବିଧା ନାହିଁ। ବଣଭୋଜି ପାଇଁ ପିଣ୍ଡିଟିଏ ସୁଦ୍ଧା ନିର୍ମାଣ କରାଯାଇ ନାହିଁ। ପୀଠକୁ ସଂଯୋଗ କରୁଥିବା ଦୋବଲ ବଜାରରୁ ଗୋବିନ୍ଦାଗଡ଼ିଆ ଗେଙ୍ଗୁଟି ନଦୀବନ୍ଧ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଧାମନଗର ଦକ୍ଷିଣବାଡ଼ ଛକରୁ ଭଣ୍ଡାରିପୋଖରୀ ବ୍ଲକ୍‌ର କୁରିଗାଁ ହୋଇ ଆସିଥିବା କଂକ୍ରିଟ ରାସ୍ତାଟି ମଧ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଓଡ଼ିଶା ଇତିହାସରେ ଗୋହିରାଟିକିରି ଏକ ସ୍ମରଣୀୟ ତଥା ସମ୍ବେଦନଶୀଳ ସ୍ଥାନ। ୧୫୬୮ ମସିହାରେ ଏହିଠାରେ ହିଁ ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବ ଏବଂ ବଙ୍ଗର ସୁଲତାନଙ୍କ ମଧ୍ୟରେ ଶେଷ ଐତିହାସିକ ଯୁଦ୍ଧ ହୋଇଥିଲା, ଯେଉଁଠାରେ ଓଡ଼ିଶା ତା'ର ସ୍ୱାଧୀନତା ହରାଇଥିଲା। ଏହି ଐତିହାସିକ ପୀଠର ସୁରକ୍ଷା ଓ ବିକାଶ ଓଡ଼ିଆ ଅସ୍ମିତାର ପ୍ରତୀକ। ୟୁନେସ୍କୋ ପ୍ରତିନିଧି ଦଳ ମଧ୍ୟ ଏହି ପୀଠର ଗୁରୁତ୍ୱ ଅନୁଧ୍ୟାନ କରିସାରିଛନ୍ତି। ଏଭଳି ସ୍ଥିତିରେ ସରକାର ଓ ପ୍ରଶାସନ କେବଳ ଭାଷଣ ଓ ଶିଳାନ୍ୟାସରେ ସୀମିତ ନ ରହି ତୁରନ୍ତ ବାସ୍ତବ କାର୍ଯ୍ୟ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସୋଲାର ଜଳ ପ୍ରକଳ୍ପରେ ଦୁର୍ନୀତି ଅଭିଯୋଗ

ଦୋବଲ,୬।୬(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ଦୋବଲ ଗ୍ରାମ ପଞ୍ଚାୟତରେ ଆରଡବ୍ଲ୍ୟୁଏସ୍‌ଏସ୍ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସୋଲାର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଏବେ ବିବାଦ ଘେରରେ। ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେବା ପୂର୍ବରୁ ହିଁ ଏହାର ନିର୍ମାଣ ଶୈଳୀ ଓ ବ୍ୟବହୃତ ସାମଗ୍ରୀର ଗୁଣବତ୍ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଥାଉକି, ଗ୍ରାମବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ଏହି ସୋଲାର ପ୍ରକଳ୍ପ ହାତକୁ ନିଆଯାଇଥିଲା। ତେବେ ଘଟଣାସ୍ଥଳରେ ଦେଖିଲେ ବିଭାଗୀୟ କାର୍ଯ୍ୟର ଅବହେଳା ସ୍ପଷ୍ଟ ବାରି ହୋଇପଡୁଛି। ପ୍ରଥମତଃ, ସୋଲାର ପ୍ୟାନେଲଗୁଡ଼ିକୁ ମାତ୍ର ୧୦ ଫୁଟ୍ ଉଚ୍ଚତାରେ ସ୍ଥାପନ କରାଯାଇଛି, ଯାହାକି ସୂର୍ଯ୍ୟକିରଣ ପାଇବା ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ। ଏପରିକି ଅନେକ ସ୍ଥାନରେ ଛାଇ ପଡୁଥିବା ଜାଗାରେ ଏହି ପ୍ୟାନେଲଗୁଡ଼ିକ ଲଗାଯାଇଥିବାରୁ ଏହା କିପରି ସଠିକ୍ ଭାବେ ଶକ୍ତି ଉତ୍ପାଦନ କରିବ, ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଦ୍ୱିତୀୟରେ,



ପ୍ରକଳ୍ପ ପାଇଁ ବ୍ୟବହାର କରାଯାଉଥିବା ପାଇପ୍‌ଗୁଡ଼ିକ ଅତି ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ସାଧାରଣ ଚାପରେ ମଧ୍ୟ ଏହି ପାଇପ୍‌ଗୁଡ଼ିକ ଫାଟିଯିବାର ଆଶଙ୍କା ରହିଛି। ସରକାରୀସ୍ତରରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ଦାୟିତ୍ୱରେ ଥିବା ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ସଲାସୁତରାରେ ଏଭଳି ନିମ୍ନମାନର କାମ ଚାଲିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା କୁହନ୍ତି, "ଯଦି ଆରମ୍ଭରୁ କାମ ଏଭଳି ହୋଇଥାଏ, ତେବେ ଭବିଷ୍ୟତରେ ଏହି ପ୍ରକଳ୍ପରୁ ପାଣି ମିଳିବା ନିଶ୍ଚିତ ଭାବେ ସନ୍ଦେହଜନକ।" ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଉନ୍ନତମାନର ସାମଗ୍ରୀ ବ୍ୟବହାର ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ। ତେବେ ଠିକାଦାରଙ୍କୁ ପଚାରିବାରୁ ଜେଇଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ ହେଉଛି କହି କଥାକୁ ଆଡ଼େଇ ଦେଇଥିଲେ।

## ସ୍ୱାସ୍ଥ୍ୟମିତ୍ରଙ୍କ ପକ୍ଷରୁ ଛଟେଇର ପ୍ରତିବାଦ

ଭଦ୍ରକ,୬।୬(ସମିସ): କମୁଛି ନିଯୁକ୍ତି, ବଢୁଛି କର୍ମଚାରୀଙ୍କ ଛଟେଇ। ରାଜ୍ୟରେ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କ ଛଟେଇ ବଢ଼ିବାରେ ଲାଗିଛି। ଏବେ ପୁଣି ରାଜ୍ୟରେ କାର୍ଯ୍ୟରତ ୯ଶହରୁ ଉର୍ଦ୍ଧ୍ୱ ସ୍ୱାସ୍ଥ୍ୟ ମିତ୍ରଙ୍କୁ ଠିକା ସଂସ୍ଥା ପକ୍ଷରୁ ଛଟେଇ ନୋଟିସ୍ ଜାରି କରାଯାଇଛି। ଆସନ୍ତା ଜୁନ୍ ୩୦ ତାରିଖ ଚାକିରିର ଶେଷ ତାରିଖ ବୋଲି ଠିକା ସଂସ୍ଥା ପକ୍ଷରୁ ଏହି ନୋଟିସ ଜାରି କରାଯାଇଛି। ଯାହାକୁ ନେଇ ଭଦ୍ରକରେ କାର୍ଯ୍ୟରତ ୨୮ ଜଣ କର୍ମଚାରୀ ଭଦ୍ରକ ଜିଲ୍ଲାପାଳଙ୍କୁ ଭେଟି ଘଟଣାର ଅନୁଧ୍ୟାନ କରିବାକୁ ଦାବି ଜଣାଇଛନ୍ତି। ଏମାନେ ଦୀର୍ଘ ୮ ବର୍ଷ ହେବ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟ କରିବା ସହିତ ବିଏସ୍‌କେୱାଇ କାର୍ଡରେ ଚିକିତ୍ସିତ ରୋଗୀଙ୍କ କାର୍ଯ୍ୟ ତଦାରଖ କରୁଥିବାବେଳେ ଏବେ ଜିଜେଏୱାଇ କାର୍ଡ ପାଇଁ କାର୍ଯ୍ୟ କରୁଛନ୍ତି। ଏମାନଙ୍କୁ ଛଟେଇ କରାଗଲେ ରୋଗୀ ସେବା ବହୁ ବ୍ୟାହତ ହେବ ବୋଲି ସେମାନେ ଆଶଙ୍କା ପ୍ରକଟ କରିଛନ୍ତି। ଏନେଇ ରାଜ୍ୟ ସରକାର ଘଟଣା ପ୍ରତି ତୁରନ୍ତ ଧ୍ୟାନ ଦେବା ସହିତ ଛଟେଇ ବନ୍ଦ କରିବାକୁ ଦାବି କରିଛନ୍ତି ସ୍ୱାସ୍ଥ୍ୟମିତ୍ର ପ୍ରିୟବ୍ରତ ରାଉତ ଓ ସ୍ୱାସ୍ଥ୍ୟ ମିତ୍ର ସ୍ୱପ୍ନାରାଣୀ ପଣ୍ଡା।

## • ଶୁଭମ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ
# 'ସବୁଜ ବନାନୀ ସୃଷ୍ଟି ପାଇଁ ସମସ୍ତେ ସଙ୍କଳ୍ପବଦ୍ଧ ହୁଅନ୍ତୁ'




ଭଦ୍ରକ,୬।୬(ସମିସ): ବ୍ୟାପକ ଗଛ କଟା ଓ ଦ୍ରୁତ ଶିଳ୍ପାୟନ ଯୋଗୁଁ ଏବେ ପରିବେଶ ପ୍ରଦୂଷଣ ଜନିତ ସମସ୍ୟା ବଢ଼ିବାରେ ଲାଗିଛି। ଫଳରେ ଜୀବଜଗତକୁ ଏହା ଅସ୍ତବ୍ୟସ୍ତ କରି ପକାଉଛି। ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ପ୍ରତ୍ୟେକ ବ୍ୟକ୍ତି ପ୍ରତି ବର୍ଷ ସଂକଳ୍ପବଦ୍ଧ ହୋଇ ବୃକ୍ଷରୋପଣ କରି ପୁଣି ଥରେ ସବୁଜ ବନାନୀ ସୃଷ୍ଟି କରନ୍ତୁ ବୋଲି ବିଶ୍ୱ ପରିବେଶ ଦିବସ ପାଳନ ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଏହି ଆହ୍ୱାନ ଦେଇଛନ୍ତି। ଏହି ଉପଲକ୍ଷେ ଗରଦପୁରସ୍ଥିତ ଐତିହାସିକ ଗାନ୍ଧୀ ଓଡ଼ିଶା ବାଳାଶ୍ରମ ପରିସରରେ ଭାରତ ସରକାରଙ୍କ ମାଇଁ ଭାରତ ସହଯୋଗରେ ଶୁଭମ୍ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ସମାରୋହର ଆୟୋଜନ କରାଯାଇଥିଲା। ଶୁଭମ୍‌ର ସଭାପତି ହୃଷୀକେଶ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ସୁବ୍ରତ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୁବ ଅଧିକାରୀ ଫାରୁଦ ମହମ୍ମଦ, ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ସମାଜସେବୀ ଅଶୋକ କୁମାର ଦାସ, ସାମାଜିକ କର୍ମୀ ସୁଧାକର ରାଉତ ପ୍ରମୁଖଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ବିଶ୍ୱ ପରିବେଶ ଦିବସ ପାଳନର ଆଭିମୁଖ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପରିବେଶ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ହୋଇଥିବା ଛାତ୍ର ନାରାୟଣ ହୋ, ରାଜା ମଲ୍ଲିକ, ସୁନୀଲ ମାଝୀଙ୍କୁ ସଂଗଠନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଶେଷରେ ଆଶ୍ରମ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିମାନେ ଗୋଟିଏ ଗୋଟିଏ ଗଛ ଲଗାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ସାମ୍ବାଦିକ ନରେନ୍ଦ୍ର ସାମଲ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ ସଂଗଠନର ଉପସଭାପତି ଆନନ୍ଦ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମକୁ ସଂଗଠନ ସଦସ୍ୟ ଦେବୀ କିଙ୍କର ବ୍ରହ୍ମଦାସ ପାଣିଗ୍ରାହୀ, ଦେବେନ୍ଦ୍ର ଭଞ୍ଜ, ରମାକାନ୍ତ ଭଞ୍ଜ, ଲିପୁନ ପତି, ଗଙ୍ଗାଧର ଦାସ ପ୍ରମୁଖଙ୍କ ସହିତ ଗାନ୍ଧୀ ବାଳାଶ୍ରମର ସବୁ କର୍ମଚାରୀ ପରିଚାଳନା କରିଥିଲେ।

# ଦହପାଣିଆରେ ଏନ୍‌ସିସି ଶିବିର

ଭଦ୍ରକ,୬।୬(ସମିସ): ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ଦଣ୍ଡାଧିକାରୀ ଦିଲ୍ଲୀପ ରାଉତରାଏ ଦହପାଣିଆସ୍ଥିତ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭ ଓଡ଼ିଶା ବାଟାଲିୟନ୍ ଏନ୍‌ସିସି ପକ୍ଷରୁ ଆୟୋଜିତ କମ୍ବାଇନ୍‌ଡ ଆନୁଆଲ୍ ତାଲିମ୍ ଶିବିର(ସିଏଟିସି)ରେ ଯୋଗଦେଇ କ୍ୟାଡେଟ୍‌ମାନଙ୍କୁ ପ୍ରେରଣାଦାୟୀ



ବାର୍ତ୍ତା ପ୍ରଦାନ କରିଛନ୍ତି। ଜିଲ୍ଲାପାଳ କହିଥିଲେ ଯେ, ଏନ୍‌ସିସିର ମୂଳମନ୍ତ୍ର 'ଐକ୍ୟ ଓ ଶୃଙ୍ଖଳା' କେବଳ ଏକ ସ୍ଲୋଗାନ୍ ନୁହେଁ, ବରଂ ସଫଳ ଜୀବନର ମୂଳ ଆଧାର। ଦେଶ ଓ ସମାଜର ଉନ୍ନତି ପାଇଁ ଯୁବପିଢ଼ିଙ୍କ ସକ୍ରିୟ ଅବଦାନ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ କ୍ୟାଡେଟ୍‌ମାନେ ନେତୃତ୍ୱ, ପ୍ରତିଯୋଗିତାମୂଳକ ପରୀକ୍ଷା, ସିଭିଲ୍ ସର୍ଭିସ ଓ ଜିଲ୍ଲା ବିକାଶରେ ଯୁବମାନଙ୍କ ଭୂମିକା ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ଉଠାଇଥିଲେ। ଜିଲ୍ଲାପାଳ ସେଗୁଡ଼ିକର ଉତର ଦେଇ କ୍ୟାଡେଟ୍‌ମାନଙ୍କୁ ଉଚ୍ଚ ଲକ୍ଷ୍ୟ ସ୍ଥିର କରି ନିରନ୍ତର ପରିଶ୍ରମ କରିବାକୁ ଆହ୍ୱାନ ଜଣାଇଥିଲେ। ସେ କ୍ୟାଡେଟ୍‌ମାନଙ୍କ ଉତ୍ସାହ, ଶୃଙ୍ଖଳା ଓ ଉଚ୍ଚ ମନୋବଳର ପ୍ରଶଂସା କରି କହିଥିଲେ ଯେ, ଏନ୍‌ସିସି କ୍ୟାଡେଟ୍‌ମାନେ ହେଉଛନ୍ତି ଦେଶର ଭବିଷ୍ୟତ ନେତୃତ୍ୱ। ସିଭିଲ୍ ସର୍ଭିସ ଓ ସଶସ୍ତ୍ର ବାହିନୀରେ ଯୋଗଦେଇ ଦେଶସେବା କରିବା ପାଇଁ ସେ ସେମାନଙ୍କୁ ପ୍ରେରିତ କରିଥିଲେ। ଶେଷରେ କ୍ୟାମ୍ପ୍ କମାଣ୍ଡାଣ୍ଟ କର୍ଣ୍ଣେଲ ଏସ୍‌ଏସ୍ ରଘୁବଂଶୀ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଜଣାଇ କହିଥିଲେ ଯେ, ତାଙ୍କର ପ୍ରେରଣାଦାୟୀ ଉପସ୍ଥିତି ଓ ବାର୍ତ୍ତା କ୍ୟାଡେଟମାନଙ୍କ ମନୋବଳକୁ ଆହୁରି ସୁଦୃଢ଼ କରିଛି।

# ରାସ୍ତା ନିମ୍ନମାନର ଅଭିଯୋଗ

କାଳିଆପାଣି,୬।୬(ସମିସ): ସୁକିନ୍ଦା ବ୍ଲକ କାଳିଆପାଣି ହନୁମାନ ବଜାରଠାରୁ ଗୋଖତ ଭାୟା ଧବାହାଳି ଆରଡ଼ି ରାସ୍ତାରେ ଚାଲିଥିବା କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଅଭିଯୋଗ ଅନୁସାରେ, ଫର୍ଟି ମେଟାଲ ଉପରେ କେବଳ ସାମାନ୍ୟ ବାଲି ଓ ଡଷ୍ଟ ଛିଞ୍ଚି କାମ ଚାଲିଥିବା ବେଳେ ଗୁଣାତ୍ମକ ମାନକୁ ଅବହେଳା କରାଯାଉଛି।"ଏହା ସହିତ କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇନଥିବାରୁ କେତେ ଟଙ୍କା ବ୍ୟୟ ଅଟକଳ ରହିଛି, କିଏ ଠିକାଦାର ଓ କେଉଁ ବିଭାଗ ପକ୍ଷରୁ କାର୍ଯ୍ୟ କରାଯାଉଛି ସେ ନେଇ



ସାଧାରଣ ଲୋକ ଅନ୍ଧାରରେ ରହିଛନ୍ତି। ନିମ୍ନମାନର କାର୍ଯ୍ୟ ଯୋଗୁଁ ବର୍ଷା ଦିନରେ ରାସ୍ତା ଶୀଘ୍ର ନଷ୍ଟ ହେବା ସହ ଯାତାୟାତରେ ସମସ୍ୟା ସୃଷ୍ଟି ହେବ ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଟମକା ଆରଡ଼ି ଉପଖଣ୍ଡର ଜେଇଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ସହ ସମ୍ପର୍କ ସ୍ଥାପନ ହୋଇପାରିନଥିଲା। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଗୁଣାତକ ମାନରେ ରାସ୍ତା କାମ କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

# ଡିଫା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଧର୍ମଶାଳା,୬।୬(ସମିସ): ଧର୍ମଶାଳା ଫୁଟବଲ ଆସସିଏସନ ପକ୍ଷରୁ ୨୮ତମ ଓ ଅଷ୍ଟମ ରଞ୍ଜିତ ସ୍ୱାଇଁ ଡିଫାକପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଘାଟିତ ହୋଇଯାଇଛି। ହଜାର ହଜାର ଦର୍ଶକଙ୍କ ମଧ୍ୟରେ ଅନୁଷ୍ଠିତ ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ଉତ୍ସବରେ ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ ଓ ସମାଜସେବୀ ମିନତୀ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଆଜିର ଉଦଘାଟନୀ ମ୍ୟାଚ ପ୍ରତାପ କ୍ଲବ କଟକ ଏବଂ ମହାବୀର ଓ ମହାବୀର କ୍ଲବ କେନ୍ଦୁଝର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଉଭୟ ଟିମ୍ ପରସ୍ପରକୁ ଗୋଟିଏ ଲେଖାଏଁ ଗୋଲ ଦେଇଥିବାରୁ ମ୍ୟାଚ ଅମୀମାଂସିତ ଭାବେ ଶେଷ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ପ୍ରତାପ କ୍ଲବ କଟକ ପକ୍ଷରୁ ରାକେଶ ଜେନା ଗୋଟିଏ ଗୋଲ ଦେଇଥିବା ବେଳେ ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ମହାବୀର ଓ ମହାବୀର କ୍ଲବ କେନ୍ଦୁଝରର ଲକ୍ଷ୍ମଣ କେରାଇ ଗୋଟିଏ ଗୋଲ ଦେଇ ମ୍ୟାଚକୁ ଅମୀମାଂସିତ କରିଥିଲେ। ପରେ ଟ୍ରାଇବ୍ରେକରର ସହାୟତା ନିଆଯାଇଥିବା ବେଳେ ପ୍ରତାପ କ୍ଲବ କଟକ ୬/୫ ଗୋଲରେ ମହାବୀର ଓ ମହାବୀର କ୍ଲବ କେନ୍ଦୁଝରକୁ ପରାସ୍ତ କରି ବିଜୟୀ ହୋଇଛି। ଆଜିର ଏହି ମ୍ୟାଚକୁ ସେକ ସଲିମ ରେଫରୀ ଭାବେ ପରିଚାଳନା କରିଥିବା ବେଳେ ଚିତ୍ତରଞ୍ଜନ ଓଝା ଓ ଶୈଳେଶ ପାଣି ଲାଇନମ୍ୟାନ୍ ଭାବେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ବସିର ଅହମଦ ରହିଥିଲେ। ଆଜିର ମ୍ୟାଚରେ ପ୍ରତାପ କ୍ଲବ କଟକର ସଞ୍ଜିବ ସ୍ୱାଇଁଙ୍କୁ ମ୍ୟାନ ଅଫଦି ମ୍ୟାଚ ଘୋଷଣା କରାଯାଇଥିଲା ବୋଲି ଆୟୋଜକ ଡିଫା କ୍ଲବର ସଭାପତି ପ୍ରମୋଦ କୁମାର ଦାସ ଓ ସମ୍ପାଦକ ପ୍ରବୋଧ କୁମାର ପାତ୍ର ସୂଚନା ଦେଇଛନ୍ତି।

# ଜିଲ୍ଲାର ଅର୍ଦ୍ଧାଧିକ ମତଦାତାଙ୍କୁ ଏସଆଇଆର୍ ଫର୍ମ ବଣ୍ଟନ

ଯାଜପୁର,୬।୬(ସମିସ): ଯାଜପୁର ଜିଲ୍ଲାରେ ଗତ ୩୦ ତାରିଖରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା। ଜିଲ୍ଲାରେ ନିୟୋଜିତ ଥିବା ବ୍ଲକ ସ୍ତରୀୟ ଅଧିକାରୀ (ବିଏଲଓ) ମାନେ ଏବଂ ରାଜନୈତିକ ଦଳ ପକ୍ଷରୁ ନିୟୋଜିତ ବୁଥ ସ୍ତରୀୟ ଏଜେଣ୍ଟ, ସ୍ୱେଚ୍ଛାସେବୀମାନେ ଘରକୁ ଘର ପରିଦର୍ଶନ କରି ମତଦାତାଙ୍କୁ ପରିଗଣନା ଫର୍ମ ବଣ୍ଟନ କରୁଛନ୍ତି। ଜନସାଧାରଣଙ୍କୁ ଫର୍ମ ପୂରଣରେ ବିଏଲଓ ମାନେ ସହଯୋଗ କରୁଛନ୍ତି। ଜିଲ୍ଲାରେ ମୋଟ ୧୫,୩୭,୧୦୧ ଜଣ ଭୋଟର ଅଛନ୍ତି। ଏହି ପରିପ୍ରେକ୍ଷୀରେ ୪ ଜୁନ୍ ୨୦୨୬ ସୁଦ୍ଧା ଯାଜପୁର ଜିଲ୍ଲାରେ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ମୋଟ ୯,୬୦,୪୪୪ ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ଏବେ ସୁଦ୍ଧା ୬୨.୪୮ ପ୍ରତିଶତ ମତଦାତାଙ୍କ ଫର୍ମ ବଣ୍ଟନ ହୋଇ ଏସଆଇଆର୍ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ବିଞ୍ଝାରପୁରରେ ୧୭୦୭୫୩, ବରୀରେ ୧୨୦୩୨୨, ବଡ଼ଚଣାରେ ୧୭୪୧୧୪, ଧର୍ମଶାଳାରେ ୧୨୫୬୭୩, ଯାଜପୁରରେ ୧୫୧୨୫୯, କୋରେଇରେ ୧୧୮୨୯୧, ସୁକିନ୍ଦାରେ ୧୦୦୦୩୨ ଟି ଫର୍ମ ବିଏଲଓମାନଙ୍କ ଦ୍ୱାରା ବଣ୍ଟନ କରାଯାଇଛି ବୋଲି ନିର୍ବାଚନ ବିଭାଗ ଡେପୁଟି କଲେକ୍ଟର ଅଶୋକ ଦେହୁରୀ ସୂଚନା ଦେଇଛନ୍ତି। ଯେଉଁ ଯୋଗ୍ୟ ନାଗରିକମାନେ ଏପର୍ଯ୍ୟନ୍ତ ନିଜର



ପରିଗଣନା ଫର୍ମ ବୁଥସ୍ତରୀୟ ଅଧିକାରୀଙ୍କ ପାଖରେ ଦାଖଲ କରିନାହାନ୍ତି, ସେମାନେ ତୁରନ୍ତ ଏହାକୁ ଜମା କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅମ୍ବର କୁମାର କର ଏବଂ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ଜୁନ୍ ୨୮ ଯାଏଁ ଏହି ଫର୍ମ ପୂରଣ ପ୍ରକ୍ରିୟା ଚାଲିବ। ଏହା ପରେ ୫ ଜୁଲାଇ ୨୦୨୬ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ହେବ। ଭୋଟର ତାଲିକାକୁ ନିର୍ଭୁଲ ଏବଂ ପାରଦର୍ଶୀ କରିବା ଉଦ୍ଦେଶ୍ୟରେ ଏହି ଏସଆଇଆର୍ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାବ୍ୟତୀତ ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟ୍ ରୁ ଏହି ଫର୍ମ ଡାଉନଲୋଡ୍ କରି, ତଥ୍ୟ ପୂରଣ କରି ନିଜେ ମଧ୍ୟ ଅପଲୋଡ୍ କରିପାରିବେ।

# ଯାଜପୁର ସହର ରାସ୍ତା ସମ୍ପ୍ରସାରଣ ପାଇଁ ଉଚ୍ଛେଦ

ଯାଜପୁର,୬।୬(ସମିସ): ଯାଜପୁର ସହରର ଅନେକ ରାସ୍ତା ଅଣଓସାରିଆ ହୋଇପଡିରହିଛି। ବିଗତ ସରକାର ସମୟରେ ଅନେକ ରାସ୍ତାକୁ ଚଉଡା କରାଯାଇଥିବା ବେଳେ ଅନେକ ରାସ୍ତା ଅଧିଗ୍ରହଣ କାମ ଅଧାପନ୍ତରିଆ



ହୋଇପଡିରହିଥିଲା। ତେବେ ସେହି ସବୁ ରାସ୍ତାକୁ ଓସାରିଆ କରିବା ପାଇଁ ଜିଲ୍ଲା ପ୍ରଶାସନ ଅଣ୍ଟା ଭିଡିଛି। ଯାଜପୁର ଟାଉନ ଥାନା ନିକଟରୁ ମାର୍କେଟ ଛକ ପର୍ଯ୍ୟନ୍ତ ରାସ୍ତାର ବାମ ପାଶ୍ୱର୍ରେ ଉଚ୍ଛେଦ କାମ ଆରମ୍ଭ ହୋଇଛି। ଯାଜପୁର ତହସିଲଦାର ତଥା ମାଜିଷ୍ଟ୍ରେଟ ରବି ନାରାୟଣ ପାଢିଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ କାମ ଆରମ୍ଭ ହୋଇଛି। ପୂର୍ବରୁ ଏହି ଉଚ୍ଛେଦ ପାଇଁ ହିତାଧିକାରୀ ମାନଙ୍କୁ କ୍ଷତିପୁରଣ ପ୍ରଦାନ କରାଯାଇଛି। ଆଗାମୀ ଦିନରେ କ୍ଷତିପୁରଣ ପାଇବାକୁ ଥିବା ହିତାଧିକାରୀଙ୍କୁ ସେମାନଙ୍କ କ୍ଷତିପୂରଣ ପ୍ରଦାନ କରାଯିବା ପରେ ଉଚ୍ଛେଦ କରାଯିବ ବୋଲି ଜଣାପଡିଛି। ଆଜି ଖୋଦ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଯାଜପୁର ଏସଡିପିଓ ପ୍ରଶାନ୍ତ କୁମାର ମାଝୀ ଘଟଣାସ୍ଥଳରେ ଉପସ୍ଥିତ ରହି ଉଚ୍ଛେଦ ପ୍ରକ୍ରିୟାକୁ ତଦାରଖ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ।

# ଶିକ୍ଷାବିତ୍ ଅବନୀ ବରାଳଙ୍କ ଜୟନ୍ତୀ



କୁଆଖିଆ,୬।୬(ସମିସ): ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ପ୍ରାଣ ପ୍ରତିଷ୍ଠାତା ଆଜୀବନ ସାଧାରଣ ସମ୍ପାଦକ ଅବନୀ ବରାଳଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ସମାରୋହ ସ୍ଥାନୀୟ ବ୍ରହ୍ମଚାରୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଯାଜପୁର ଜିଲ୍ଲା ଶିକ୍ଷକ ମହାସଂଘର ସଭାପତି କୈଳାସ ବେହେରା ଓ ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ ସଂଘର ସଭାପତି ବିମ୍ବାଧର ସାହୁ ପୌରୋହିତ୍ୟ କରିଥିଲେ। ଅଲ୍‌ଓଷ୍ଟାର ରାଜ୍ୟ ସଭାପତି ବିକ୍ରମ କେଶରୀ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟ ଅବସରପ୍ରାପ୍ତ ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ଧନଞ୍ଜୟ କେଶରୀ ରାଉତରାୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମହାସଂଘର ଜିଲ୍ଲା ସଂପାଦକ ମଳୟ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଗଗନ ବିହାରୀ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଚଳିତ ବର୍ଷ ପାଇଁ ଶିକ୍ଷକ ନେତା ଉଦୟ ନାଥ ପରିଡ଼ା, ବୃନ୍ଦାବନ ସାମଲ, ଅଭିମନ୍ୟୁ ରାଉତଙ୍କୁ ଅବନୀ ବରାଳ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ରବି ଶତପଥି, କୈଳାସ ଚନ୍ଦ୍ର ନାୟକ, ସୁନାକର ସାହୁ, ବିଷ୍ଣୁ ଚରଣ ବେହେରା, ସୁରେନ୍ଦ୍ର କୁମାର ରାୟ, ପ୍ରଦୀପ କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଶିକ୍ଷକ ନେତା ଅରୁଣ କୁମାର ସ୍ୱାଇଁ, ବିଜୟ କୁମାର ଭଦ୍ର, ରାଜେନ୍ଦ୍ର ସାହୁ, ହୃଷିକେଶ ସାମଲ, କପିଳ ଚରଣ ସାମଲ ଏବଂ ଭରତ ଚନ୍ଦ୍ର ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ମୂଲ୍ୟହୀନ ପାଲଟିଛି ବିଶ୍ୱ ତମାଖୁ ବର୍ଜନ ଦିବସ

ବନ୍ତ/ଆଗରପଡ଼ା,୬।୬(ସମିସ):

ଧୂଆଁପତ୍ର, ଜର୍ଦ୍ଦା, ଖଇନି ଏବଂ ସିଗାରେଟ୍ ଆଦି ବ୍ୟବହାର ଦ୍ୱାରା ସ୍ୱାସ୍ଥ୍ୟ ଉପରେ ପଡୁଥିବା ଖରାପ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ୩୧ ତାରିଖ ବିଶ୍ୱ ତମାଖୁ ବର୍ଜନ ଦିବସ ରୂପେ ପାଳିତ ହୋଇଆସୁଛି। ଏହି ବର୍ଷର ଅଭିଯାନ 'ବିଶେଷ କରି ଯୁବପିଢ଼ିଙ୍କୁ ଆକର୍ଷିତ କରୁଥିବା ଖରାପ ବିଜ୍ଞାପନ ଏବଂ ଟ୍ରେଣ୍ଡିଂ ନିକୋଟିନ୍ ଉତ୍ପାଦ(ଯେପରିକି ଇ-ସିଗାରେଟ୍, ମିଠା ସ୍ୱାଦର ଜର୍ଦ୍ଦା) ପଛରେ ଥିବା କମ୍ପାନୀଗୁଡ଼ିକର ଚାଲାକିକୁ ପଦାରେ ପକାଇବା ଉପରେ ଆଧାରିତ ହୋଇଥିବାବେଳେ ସରକାରୀ ବିଭାଗ ଓ ବିଭିନ୍ନ ବେସରକାରୀ ସଂସ୍ଥା ତରଫରୁ ସଚେତନତାର ଅଭାବ ଯୋଗୁଁ ଏହା କାଗଜକଲମରେ ସୀମିତ ପ୍ରାୟ। ସରକାର ସଚେତନତାର ବାର୍ତ୍ତା ପ୍ରେରଣ କରୁଥିବା ସ୍ଥଳେ ଏହା କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ଏହି ଦିବସର ତାତ୍ପର୍ଯ୍ୟ ଆଜିଯାଏ କେହି କିଛି ବୁଝିନାହାନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ, ସାରା ଦୁନିଆରେ ପ୍ରତିବର୍ଷ ୮୦ ଲକ୍ଷରୁ ଅଧିକ ଲୋକ ଏହି ଧୂଆଁପତ୍ର ସେବନ ଯୋଗୁଁ ଆଖି ବୁଜୁଛନ୍ତି। ଭାରତରେ ମଧ୍ୟ ପ୍ରତିବର୍ଷ ୧୩ ଲକ୍ଷରୁ ଅଧିକ ଲୋକ




ଏହି କାରଣରୁ ପ୍ରାଣ ହରାଉଛନ୍ତି। ଏହା କେବଳ ଏକ ସଂଖ୍ୟା ନୁହେଁ ଏହା ପଛରେ କେତେ ଯେ ପରିବାର ଉଜୁଡ଼ି ଯାଉଛି ତାହାର ହିସାବ ନାହିଁ। ଏହାକୁ ସେବନ କରିବା ଦ୍ୱାରା ପାଟି, ଗଳା ଏବଂ ଫୁସ୍‌ଫୁସ୍ କ୍ୟାନ୍ସର ଭଳି ମାରାତ୍ମକ ରୋଗ ହୋଇଥାଏ। ଏହା ଦ୍ୱାରା ହୃଦ୍‌ଘାତର ଆଶଙ୍କା ମଧ୍ୟ ବହୁତ ବଢ଼ିଥାଏ। ଏହି ସବୁ ଜାଣି ସୁଦ୍ଧା ଆଜିର ଯୁବପିଢ଼ି ଏବଂ ଛାତ୍ରଛାତ୍ରୀ ଏହାକୁ ଅଭ୍ୟାସରେ ପରିଣତ କରୁଛନ୍ତି। ବିଭିନ୍ନ କମ୍ପାନୀମାନେ ନୂଆ ନୂଆ ଫ୍ଲେଭର୍‌ର ଇ-ସିଗାରେଟ୍ ଏବଂ ଜର୍ଦ୍ଦା ବଜାରକୁ ଆଣି ଯୁବପିଢ଼ିଙ୍କୁ ଭ୍ରମିତ କରୁଛନ୍ତି। ତେଣୁ ଏହି ବର୍ଷର ମୁଖ୍ୟ ବିଷୟବସ୍ତୁ ହେଉଛି 'କିପରି ଆମେ ଯୁବପିଢ଼ିଙ୍କୁ ଏହି ନିକୋଟିନ୍ ନିଶାରୁ ଦୁରେଇ ରଖିପାରିବା'। କିନ୍ତୁ ବିଭିନ୍ନ ଦୃଷ୍ଟିକୋଣରୁ ଉକ୍ତ ବାର୍ତ୍ତା ପାଳିତ ହେବା ପରିବର୍ତ୍ତେ କେବଳ କାଗଜକଲମରେ ସୀମିତ ରହିଯାଇଥିବା ଜଣାପଡ଼ିଛି। ବନ୍ତ ତଥା ଆଗରପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ପ୍ରତି ପାନ ଦୋକାନରେ ବିଭିନ୍ନ କମ୍ପାନୀର ତମାଖୁ ଜାତୀୟ ଦ୍ରବ୍ୟ ଖୁଲମଖୁଲା ବିକ୍ରି ହେଉଥିବାର ଦେଖିବାକୁ ମିଳିଛି। ପାନଠାରୁ ବର୍ତ୍ତମାନ ଏହି ତମାଖୁ ଦ୍ରବ୍ୟର ଚାହିଦା ବୃଦ୍ଧି ପାଇଛି। କଲେଜ ପଢୁଆ ପିଲାଙ୍କଠାରୁ ଆରମ୍ଭ କରି ପାଠ ପଢ଼ାଉଥିବା ଯୁବ ଅଧ୍ୟାପକମାନଙ୍କର ଏହା ପ୍ରଥମ ପସନ୍ଦ ହୋଇପଡ଼ିଛି।

**କାଗଜକଲମରେ ସୀମିତ ସଚେତନତା ବାର୍ତ୍ତା**

ସରକାରଙ୍କ ନିୟମ ଅନୁଯାୟୀ, ସିଗାରେଟ୍ କିମ୍ବା ତମାଖୁ ଜାତୀୟ ଦ୍ରବ୍ୟ ବିକ୍ରି ହୋଇପାରିବ ନାହିଁ। ମାତ୍ର ଏଠାରେ ଥିବା ସରକାରୀ ବାଳିକା ହାଇସ୍କୁଲ, କୃଷ୍ଣଚରଣ ବିଦ୍ୟାମନ୍ଦିର, ତୋଫାବିବି ସ୍କୁଲ, କାଦବରାଙ୍ଗ ସ୍କୁଲ, ଆଡ଼ିଆ ସ୍କୁଲ, ଅଡାଳପଙ୍କ ସ୍କୁଲ, ବନ୍ତହାଇସ୍କୁଲ ଆଦି ସ୍ଥାନରେ ଥିବା ଶିକ୍ଷାନୁଷ୍ଠାନକୁ ଲାଗି ରହିଥିବା ବିଭିନ୍ନ ଦୋକାନରେ ଏହି ଦ୍ରବ୍ୟମାନ ବିକ୍ରି ଚାଲିଛି। ସର୍ବସାଧାରଣ ଚଳପ୍ରଚଳ କରୁଥିବା ଛକ, ରାସ୍ତାଘାଟରେ ଲୋକଙ୍କ ସମେତ ଛୋଟଛୋଟ ସ୍କୁଲ ପଢ଼ନ୍ତା ପିଲା ମଧ୍ୟ ଅବାଧରେ ଧୂମ୍ରପାନ କରୁଥିବାର ଦେଖିବାକୁ ମିଳୁଛି। ଏହି ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଜରିମାନା ଆଦାୟ କରିବାର ବ୍ୟବସ୍ଥା ଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇପାରୁନି।

# ସରକାରଙ୍କ ଜନସମ୍ପର୍କ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

ଯାଜପୁର,୬।୬(ସମିସ): ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳ କାର୍ଯ୍ୟକାଳ ପୂର୍ତ୍ତି ଉତ୍ସବ ଏବଂ ଏଥିପାଇଁ ଆୟୋଜିତ ହେବାକୁ ଥିବା ଆଗାମୀ ଜନସମ୍ପର୍କ କାର୍ଯ୍ୟକ୍ରମ ସମ୍ପର୍କରେ ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସିଂ (ଆଭାସୀ) ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟବ୍ୟାପୀ ଜନସମ୍ପର୍କ ଅଭିଯାନର ଏକ ଅଂଶ ଭାବରେ ବିଭିନ୍ନ ବିଭାଗ ଦ୍ୱାରା ପ୍ରସ୍ତାବିତ କାର୍ଯ୍ୟକଳାପଗୁଡ଼ିକର ସମୀକ୍ଷା କରାଯାଇଥିଲା। ଏଥିରେ ଜିଲ୍ଲାସ୍ତରୀୟ ସିମ୍ପୋସିୟମ, ପ୍ରକଳ୍ପ ପରିଦର୍ଶନ, ୩ ଦିନିଆ ପ୍ରଦର୍ଶନୀ, ଜୈବିକ କୃଷି କର୍ମଶାଳା, ଗଣମାଧ୍ୟମ ସମ୍ପର୍କ, ଜାତି ଜନଜାତି ସମ୍ବାଦ, କୃଷକ ସମ୍ବାଦ, ସ୍ୱାବଲମ୍ବୀ ଯୁବ-ସମୃଦ୍ଧ ଓଡ଼ିଶା ସମାବେଶ, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କ୍ୟାମ୍ପ ଇତ୍ୟାଦି ଆୟୋଜନ ହେବ। ଜିଲ୍ଲା, ବ୍ଲକ୍ ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ଏସବୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଓସ୍ୱାନ ହଲରୁ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଏହି ଆଭାସୀ ବୈଠକରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିଲେ।

### ଶିଳାନ୍ୟାସକୁ ୩ ବର୍ଷ ପୂରିବ

# ବାଲିଗଦା ଭିତରେ ଅଟକିଛି ବସ୍‌ଷ୍ଟାଣ୍ଡ ନିର୍ମାଣ

ବନ୍ତ/ଆଗରପଡ଼ା,୬।୬(ସମିସ)






- **ଶିଳାନ୍ୟାସ କରିଥିଲେ ନବୀନ; କାମ କରିପାରୁନାହାନ୍ତି ମୋହନ**
- **ମନ୍ଥର କାର୍ଯ୍ୟକୁ ନେଇ ଜିଲ୍ଲା ବିଜେଡି ଉପସଭାପତିଙ୍କ ଧାରଣା ଚେତାବନୀ**

ବିଜେଡି ସରକାର ଅମଳରେ ପ୍ରତି ବ୍ଲକ୍‌ରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସବୁ ପ୍ରତିକ୍ଷାର ଅନ୍ତ ଘଟାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୩ ଅଗଷ୍ଟ ୨୩ ତାରିଖରେ ବନ୍ତ ବ୍ଲକ୍ ଅନ୍ତର୍ଗତ ଆଗରପଡ଼ାଠାର ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ତତ୍କାଳୀନ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଉଦ୍ୟମରୁ ଏହା ସମ୍ଭବ ହୋଇପାରିଥିବାରୁ ଅଞ୍ଚଳବାସୀ ଉଚ୍ଚପ୍ରଶଂସା କରିଥିଲେ। ଆଗରପଡ଼ାସ୍ଥ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ନିକଟସ୍ଥ ପୁରୁଷଣ୍ଡି ମୌଜା ଖାତା ନଂ ୧୫୨୪ ଏବଂ ପ୍ଲଟ୍ ନଂ ୩୧୨, କିସମ ପତିତ ୧୦୦ ଡେସିମିଲ ଜମିକୁ ରାଜସ୍ୱ ବିଭାଗ ତରଫରୁ ଚିହ୍ନଟ କରାଯାଇ ଜିଲ୍ଲାପାଳଙ୍କ ପାଖକୁ ପଠାଯାଇଥିଲା। ପରେ ଜିଲ୍ଲାପାଳ ବ୍ଲକ୍‌ସ୍ତରୀୟ ବସ୍‌ଷ୍ଟାଣ୍ଡ ନିର୍ମାଣର ସମସ୍ତ ଆନୁସଙ୍ଗିକ କାଗଜପତ୍ର ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗକୁ ପଠାଇଥିଲେ। ଇତି ମଧ୍ୟରେ ଶିଳାନ୍ୟାସକୁ ଆଉ ୨ ମାସ ପରେ ୩ ବର୍ଷ ପୂରିବାକୁ ବସିଥିବାବେଳେ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ କେବଳ ବାଲିଗଦା ଭିତରେ ଅଟକି ରହିଛି। ଶିଳାନ୍ୟାସର ବର୍ଷେ ପରେ ରାଜ୍ୟରେ ନୂତନ ସରକାର ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ଉକ୍ତ ବସ୍‌ଷ୍ଟାଣ୍ଡକୁ ଅଟଳ ବସ୍‌ଷ୍ଟାଣ୍ଡ ରୂପେ ନାମିତ କରି ଏହାର ନିର୍ମାଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିଥିଲେ।

ସୂଚନା ଅନୁଯାୟୀ, ସରକାରଙ୍କ ଦ୍ୱାରା ଉକ୍ତ ବସ୍‌ଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟର ଦାୟିତ୍ୱ ଓଡ଼ିଶା ଷ୍ଟେଟ ପୁଲିସ ହାଇସିଂ ଆଣ୍ଡ ୱେଲ୍‌ଫେୟାର କର୍ପୋରେସନକୁ ନ୍ୟସ୍ତ କରାଯାଇଥିବା ଜଣାପଡ଼ିଛି। ଉକ୍ତ ସଂସ୍ଥା ଦ୍ୱାରା ସ୍ଥାପିତ ଫଳକର ସୂଚନା ଅନୁଯାୟୀ, ଚଳିତ ବର୍ଷ ଜାନୁଆରୀ ୨୦ ତାରିଖରୁ ୭ କୋଟି ୧୩ ଲକ୍ଷ ୬୧ ହଜାର ୭୬୦ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାପଡ଼ିଛି। ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ୧୫ମାସ ଭିତରେ ସମ୍ପୂର୍ଣ୍ଣ ହେବାର ସୂଚନା ଦିଆଯାଇଛି। ତେଣୁ ଉକ୍ତ ସୂଚନା ମୁତାବକ ଇତି ମଧ୍ୟରେ ନିର୍ମାଣ କାର୍ଯ୍ୟକୁ ୫ମାସ ପୂରିବାକୁ ବସିଥିବାବେଳେ ଏହା କେବଳ ବାଲିଗଦାରେ ଅଟକି ରହିଥିବାରୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହା ସମ୍ପୂର୍ଣ୍ଣ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଶଙ୍ଖ ଫୁଙ୍କିବା ଦ୍ୱାରା ଏତେ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ ହୋଇଥିବାବେଳେ ପଦ୍ମ ଉକ୍ତ ପ୍ରକଳ୍ପକୁ ଫୁଟାଇବାରେ ବିଳମ୍ବ କରୁଥିବାରୁ ସ୍ଥାନୀୟ ଅଞ୍ଚଳ ସମେତ ବନ୍ତ ବ୍ଲକ୍‌ର ବିଜେଡି ପ୍ରେମୀଙ୍କ ସମେତ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। କାରଣ ଆଗରପଡ଼ା ୩ଟି ଜିଲ୍ଲା ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକର ମଧ୍ୟ ଭାଗରେ ଅବସ୍ଥିତ ହେବା ସହ ବ୍ୟବସାୟର ପେଣ୍ଠସ୍ଥଳୀ ହୋଇଥିବାରୁ ସଦାସର୍ବଦା ଉକ୍ତ ଅଞ୍ଚଳରେ ଜନଗହଳି ଲାଗି ରହିଥାଏ ଏବଂ ବିଭିନ୍ନ ଅଞ୍ଚଳକୁ ଗମନାଗମନ କରିବା ନିମନ୍ତେ ସଦାସର୍ବଦା ବସ୍ ଚଳାଚଳ କରିଥାଏ। ଏପରି ସ୍ଥଳେ ଉକ୍ତ ଅଞ୍ଚଳରେ ଏକ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନ ଥିବାରୁ ତାହା ବିଭିନ୍ନ ଦିଗରୁ ସମସ୍ୟା ସୃଷ୍ଟି କରୁଛି।

ଅପରପକ୍ଷରେ ଏଠାରେ ଡାଏଟ୍ ଅନୁଷ୍ଠାନ ଥିବାରୁ ବିଭିନ୍ନ ଜିଲ୍ଲାରୁ ଅଧ୍ୟୟନ ନିମନ୍ତେ ଆସୁଥିବା ଛାତ୍ରଛାତ୍ରୀ ମଧ୍ୟ ଗମନାଗମନ ନିମନ୍ତେ ଘୋର୍ ଅସୁବିଧାର ସମ୍ମୁଖିନ ହେଉଥିବା ପରିଲକ୍ଷିତ ହେଉଛି। ଏପରିସ୍ଥଳେ ସମ୍ପୃକ୍ତ ସଂସ୍ଥା ଦ୍ୱାରା କରାଯାଉଥିବା ନିର୍ମାଣ କାର୍ଯ୍ୟରେ ଅସନ୍ତୋଷ ବ୍ୟକ୍ତ କରି ଉକ୍ତ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରା ନ ଯାଏ, ତେବେ ଆଗାମୀ ଦିନରେ ଜିଲ୍ଲା ବିଜେଡି ଉପସଭାପତି ତଥା ପୁରୁଷଣ୍ଡି ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ ଦାଶ ଧାରଣା ଦେବେ ବୋଲି ଚେତାବନୀ ଦେଇଥିବା ଜଣାପଡ଼ିଛି। ତେଣୁ କୋ÷ଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେବା ସହ ଜନଅସନ୍ତୋଷ ତୀବ୍ର ହେବା ଆଗରୁ ବିଭାଗ ପକ୍ଷରୁ ଯଥାଶୀଘ୍ର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଟଳ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ବେଷ୍ଟ ଗ୍ରାଜୁଏଟ୍‌ଙ୍କୁ ସମ୍ବର୍ଦ୍ଧନା



ଭଦ୍ରକ,୬।୬(ସମିସ): ଭଦ୍ରକ କଲେଜର ବେଷ୍ଟ ଗ୍ରାଜୁଏଟ୍‌ଙ୍କୁ ସମ୍ମାନିତ କଲେ ଯୁବ ସମାଜସେବୀ ସତ୍ୟାନନ୍ଦ ରାଉତ ଓ ନାଲଗୁଣ୍ଡା ପଞ୍ଚାୟତର ସରପଞ୍ଚ ଭାରତୀ ବିଶ୍ୱାଳ। ଚାନ୍ଦବାଲି ବ୍ଲକ୍ ନାଲଗୁଣ୍ଡା ପଞ୍ଚାୟତ ପଚ୍ଛପଡ଼ା ଗ୍ରାମର ଅଭିଲିପ୍ସା ନାୟକ ଚଳିତ ବର୍ଷ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ବେଷ୍ଟ ଗ୍ରାଜୁଏଟ୍ ଭାବେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗୋଲକ ନାୟକଙ୍କ ବଡ଼ ଝିଅ ହେଉଛନ୍ତି ଅଭିଲିପ୍ସା। ତାଙ୍କର ଏହି ସଫଳତା ପାଇଁ କଂଗ୍ରେସର ଯୁବ ନେତା ତଥା ଯୁବ ସମାଜସେବୀ ସତ୍ୟାନନ୍ଦ ରାଉତ ଅଭିଲିପ୍ସାଙ୍କ ଘରେ ପହଞ୍ଚି ତାଙ୍କୁ ସମ୍ମାନିତ କରିବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସେହିପରି ଉକ୍ତ ପଞ୍ଚାୟତର ସରପଞ୍ଚ ଭାରତୀ ବିଶ୍ୱାଳ ଅଭିଲିପ୍ସାଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦୈତାରି ଦାସ, ହେମେନ୍ଦ୍ର ବାରିକ, ରବୀନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଧାମନଗର ବ୍ଲକ୍ କଂଗ୍ରେସ ସଭାପତି ପଦରୁ ରମେଶଙ୍କ ଇସ୍ତଫା



ଧାମନଗର,୬।୬(ସମିସ): ଧାମନଗର ବ୍ଲକ୍ କଂଗ୍ରେସ କମିଟିର ସଭାପତି ତଥା ଆଇନଜୀବୀ ରମେଶ ଚନ୍ଦ୍ର ବେହେରା ଦୀର୍ଘ ଦିନ ପରେ ବ୍ଲକ୍ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫାପତ୍ର ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ନିକଟକୁ ପଠାଇ ଦେଇଥିବା ସୂଚନା ଦେଇଛନ୍ତି। ରମେଶଙ୍କ ଇସ୍ତଫା ଦଳ ମଧ୍ୟରେ ନିରବ ଝଡ଼ ସୃଷ୍ଟି କରିଛି। ପିସିସି ସଭାପତି ଭକ୍ତଙ୍କ ନିକଟକୁ ପଠାଇଥିବା ଇସ୍ତଫା ପତ୍ରରେ ରମେଶ ଉଲ୍ଲେଖ କରିଛନ୍ତି ଯେ ପାଳସାହି ପଞ୍ଚାୟତରୁ ଏକାଧିକବାର ଲୋକ ପ୍ରତିନିଧି ନିର୍ବାଚିତ ହେବା ସହ ସେ ୨୦୦୯ ରୁ ବ୍ଲକ୍ କଂଗ୍ରେସର ଜଣେ ସକ୍ରିୟ ନେତୃତ୍ୱ ଭାବେ କାର୍ଯ୍ୟ ସମ୍ପାଦନ କରି ଆସୁଥିଲେ। ଦଳକୁ ସଂଗଠିତ କରିବା ସହ ସମସ୍ତଙ୍କୁ ସାଥିରେ ନେଇ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଇ କାମ କରୁଥିବାବେଳେ କେତେକ ସୁବିଧାବାଦୀଙ୍କ ବିଶ୍ୱାସଘାତକତା ପାଇଁ ଧାମନଗରରେ କଂଗ୍ରେସ ବାରମ୍ବାର ବିଫଳ ହେଉଛି ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏଭଳି ସମସ୍ୟା ମଧ୍ୟରେ ସେ ବ୍ଲକ୍ କଂଗ୍ରେସ ସଭାପତି ଦାୟିତ୍ୱରୁ ଅବ୍ୟାହତି ପାଇଁ ନିଷ୍ପତ୍ତି ନେଇଥିବା ସେ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି।

## ସ୍ମୃତି ଉଦ୍ୟାନରେ ବିଶ୍ୱ ପରିବେଶ ଦିବସ



ବାରିକପୁର,୬।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବାଲିପୋଖରୀ ସ୍ଥିତ ପ୍ରକୃତିବନ୍ଧୁ ସ୍ୱର୍ଗତ ବାବାଜୀ ଚରଣ ଲେଙ୍କା ସ୍ମୃତି ଉଦ୍ୟାନଠାରେ ଶୁକ୍ରବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଗ୍ରୀନ୍ ଓଡ଼ିଶା ଏବଂ ବନ ବିଭାଗ ପକ୍ଷରୁ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରୀନ୍ ଓଡ଼ିଶା ଓ ସବୁଜ ବାହିନୀ ସମ୍ପାଦକ ବିରଞ୍ଚି ନାରାୟଣ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ସଞ୍ଜୀବ ପରିଡ଼ା, ସମ୍ମାନିତ ଅତିଥି ଭାବେ ଧାମନଗର ବନ୍ୟାଞ୍ଚଳ ଅଧିକାରୀ ବବୁଲ ମଲ୍ଲିକ, ଗ୍ରୀନ୍ ଓଡ଼ିଶା ପ୍ରତିଷ୍ଠାତା ଡ. ସୁଧିର ଚନ୍ଦ୍ର ଜେନା, ଉପସଭାପତି ଶ୍ରୀଧର ସ୍ୱାଇଁ, ବନ ଅଧିକାରୀ କୃଷ୍ଣ ଚନ୍ଦ୍ର ବାସ୍କେ, ପ୍ରଦୀପ କୁମାର ନାୟକ, ମଧୁସ୍ମିତା ଦାସ, ନିକିତା ସିନା, ଲକ୍ଷ୍ମୀ ହେମ୍ବ୍ରମ, ପ୍ରିୟଙ୍କା ଦାସ, କୁଞ୍ଜଲତା ସାହୁ ପ୍ରମୁଖ ଯୋଗଦେଇ ବିଶ୍ୱ ପରିବେଶ ଦିବସ ପାଳନ ସମ୍ପର୍କରେ ମତ ଦେଇଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ସମସ୍ତ ଜନସାଧାରଣ ବୃକ୍ଷରୋପଣ କରିବା ପାଇଁ ଅତିଥିମାନେ ଆହ୍ୱାନ କରିଥିଲେ। ଏହି ଉପଲକ୍ଷେ ପଞ୍ଚାୟତ ମହିଳା ସଂଘ ସଦସ୍ୟା ଓ ସ୍ଥାନୀୟ ଯୁବ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହାଛଡ଼ା ସ୍ମୃତି ଉଦ୍ୟାନରେ ନିମନ୍ତ୍ରିତ ଅତିଥିମାନେ ବୃକ୍ଷରୋପଣ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ସବୁଜ ବାହିନୀ ଓ ଗ୍ରୀନ୍ ଓଡ଼ିଶା ସଦସ୍ୟମାନେ ପରିଚାଳନା କରିଥିଲେ।

## ମତ୍ସ୍ୟ ଚାଷ ତାଲିମ ଶିବିର

ବାରିକପୁର,୬।୬(ସମିସ): ଭଣ୍ଡାରିପୋଖରୀ କଲ୍ୟାଣ ମଣ୍ଡପଠାରେ ଏକଦିବସୀୟ ମତ୍ସ୍ୟ ଚାଷ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମତ୍ସ୍ୟ ଅଧିକାରିଣୀ ଉପାସନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ ଉଦ୍‌ଘାଟନ କରିଥିଲେ। ଏଥିରେ ବିଡିଓ ଦେବଦତ୍ତ ଦାଶ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅମର କୁମାର ସାହୁ, କୃଷି ବିଶେଷଜ୍ଞ ବିଶ୍ୱରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗଦେଇ ମାଛ ଉତ୍ପାଦନ ଓ ମତ୍ସ୍ୟ ଚାଷ ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାଛଡ଼ା ବିଭାଗ ପକ୍ଷରୁ ଚାଷୀମାନଙ୍କୁ ମତ୍ସ୍ୟ ଚାଷ ପାଇଁ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ବିଭିନ୍ନ ଗ୍ରାମର ଅଗ୍ରଣୀ ମତ୍ସ୍ୟ ଚାଷୀମାନେ ଯୋଗଦେଇଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ ଅକ୍ଷୟ କୁମାର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଭୂତିଭୂଷଣ ଜେନା ଆଭିମୁଖ୍ୟ ପ୍ରଦାନ ଓ କ୍ଷୀରୋଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକ୍ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଥାନା ସାମ୍ନାରେ ଅହରହ ଦୌଡୁଛି ବାଲିବୋଝେଇ ହାଇୱା

ଦୋବଲ,୬।୬(ସମିସ)



- **କାହା ଛତ୍ରଛାୟାରେ ଚାଲିଛି ଚୋରା କାରବାର?**
- **ପ୍ରଶାସନର ନିରବତାକୁ ନେଇ ଉଠିଲା ପ୍ରଶ୍ନ**
- **ଘୋଡ଼ାହେଉନି ଜରିପାଲ, ଖୋଲାମେଲାରେ ଚାଲାଣ; ଲୋକେ ଅତିଷ୍ଠ**

ଯାଜପୁର ଜିଲ୍ଲାର ଧର୍ମଶାଳା, ବରୀ ଓ ବିଞ୍ଝାରପୁର ଅଞ୍ଚଳରୁ ବିପୁଳ ପରିମାଣରେ ବାଲି ଉତ୍ତୋଳନ କରାଯାଇ ଧାମନଗର ଦେଇ ଭଦ୍ରକ ଓ ବାଲେଶ୍ୱର ଅଞ୍ଚଳକୁ ପରିବହନ ହେଉଥିବା ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରତିଦିନ ସନ୍ଧ୍ୟା ହେଲେ ଶହଶହ ୧୦ ଓ ୧୬ ଚକିଆ ହାଇୱା ବାଲିବୋଝେଇ କରି ଧାମନଗର ରାସ୍ତାରେ ଗର୍ଜନ କରୁଥିବାବେଳେ ସାଧାରଣ ଲୋକଙ୍କ ଯାତାୟାତ ଦୁର୍ବିସହ ହୋଇପଡୁଛି। ଏହି ଭାରୀ ଗାଡ଼ିଗୁଡ଼ିକ ରାତି ସମୟରେ ଦୀର୍ଘ ଧାଡ଼ିରେ ଯାତାୟାତ କରୁଥିବାବେଳେ ଅନେକ ସମୟରେ ଥାନା ଓ ପ୍ରଶାସନିକ କାର୍ଯ୍ୟାଳୟ ନିକଟ ଦେଇ ମଧ୍ୟ ଅବାଧରେ ଯାଉଛି। ଏତେ ବଡ଼ ପରିମାଣର ପରିବହନ ସତ୍ତ୍ୱେ ସମ୍ପୃକ୍ତ ବିଭାଗର ନଜରକୁ ନ ଆସିବା ଘଟଣାକୁ ନେଇ ଲୋକଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି ହେଉଛି। ପ୍ରତ୍ୟେକ ହାଇୱାରେ ୨୫ରୁ ୩୦ ଟନ୍ ପର୍ଯ୍ୟନ୍ତ ବାଲି ପରିବହନ କରାଯାଉଥିବାରୁ ରାସ୍ତା ଉପରେ ଅତ୍ୟଧିକ ଚାପ ପଡୁଛି। ଫଳରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା ଅଳ୍ପ ସମୟ ମଧ୍ୟରେ କ୍ଷତିଗ୍ରସ୍ତ ହେଉଥିବାବେଳେ ସରକାରୀ ସମ୍ପତ୍ତିର ଭାରି କ୍ଷତି ଘଟୁଥିବା ଅଭିଯୋଗ ହେଉଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, କେବଳ ରାସ୍ତା ନୁହେଁ, ଲୋକଙ୍କ ସୁରକ୍ଷା ମଧ୍ୟ ଏବେ ବଡ଼ ପ୍ରଶ୍ନ ହୋଇ ଛିଡ଼ା ହୋଇଛି। ନିୟମ ଅନୁଯାୟୀ, ବାଲି ବୋଝେଇ ଗାଡ଼ିକୁ ତାର୍‌ପୋଲିନ୍‌ରେ ସମ୍ପୂର୍ଣ୍ଣ ଭାବେ ଢାଙ୍କିବା କଥା। କିନ୍ତୁ ଅଧିକାଂଶ ଗାଡ଼ିରେ କେବଳ ନାମକୁମାତ୍ର ସବୁଜ ଜାଲି ବ୍ୟବହାର କରାଯାଉଛି। ଏହା ଯୋଗୁଁ ବାଲି ଉଡ଼ି ରାସ୍ତା ଉପରେ ଜମା ହେଉଥିବାବେଳେ ଦୁଇଚକିଆ ଯାନ ଚାଳକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସେହିପରି ଧୂଳି ପ୍ରଦୂଷଣ ଯୋଗୁଁ ରାସ୍ତାକଡ଼ରେ ଥିବା ଦୋକାନୀ ଓ ବାସିନ୍ଦାମାନେ ଅତିଷ୍ଠ ହୋଇପଡ଼ିଛନ୍ତି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ବେଆଇନ ବାଲି ଖନନ ଓ ପରିବହନ ବିରୋଧରେ ପ୍ରଶାସନ ପକ୍ଷରୁ ନିୟମିତ ଚଢ଼ଉ, ଗାଡ଼ି ଜବତ ଓ ଗିରଫ ଭଳି କାର୍ଯ୍ୟାନୁଷ୍ଠାନ ହେଉଥିବାବେଳେ ଧାମନଗର ଅଞ୍ଚଳରେ ଏତେ ବିପୁଳ ପରିମାଣର ବାଲି ପରିବହନ ସତ୍ତ୍ୱେ କୌଣସି ଦୃଶ୍ୟମାନ ପଦକ୍ଷେପ ନ ଦେଖାଯିବାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ସାଧାରଣ ଲୋକଙ୍କ ମଧ୍ୟରେ ଏବେ ଗୋଟିଏ ପ୍ରଶ୍ନ ଜୋର୍ ଧରିଛି "ଏହି ଚୋରା ବାଲି କାରବାର ପଛରେ କାହାର ଆଶୀର୍ବାଦ ରହିଛି?' ଯଦି ସବୁକିଛି ନିୟମ ମୁତାବକ ଚାଲିଛି, ତେବେ ପରିବହନ ସମ୍ବନ୍ଧୀୟ ଦଲିଲ୍ ଓ ଅନୁମତିପତ୍ର ସାର୍ବଜନୀନ କରାଯାଉ ବୋଲି ଦାବି ହେଉଛି। ଅନ୍ୟପକ୍ଷରେ ଯଦି କୌଣସି ଅନିୟମିତତା ରହିଛି, ତେବେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଧାମନଗର ଅଞ୍ଚଳରେ ବେଆଇନ ବାଲି ଉତ୍ତୋଳନ ଓ ପରିବହନ ନେଇ ବଢୁଥିବା ଅସନ୍ତୋଷ ମଧ୍ୟରେ ପ୍ରଶାସନ କେବେ ସକ୍ରିୟ ହେଉଛି ଓ ଏହି କାରବାର ଉପରେ କେବେ ଅଙ୍କୁଶ ଲାଗୁଛି, ତାହାକୁ ନେଇ ଏବେ ସମସ୍ତଙ୍କ ନଜର ରହିଛି।

## ଡ. ବଶୀର ବଦର୍‌ଙ୍କ ସ୍ମୃତିରେ ଆଦବି ମକ୍ରଜରେ ମୁଶାଏରା

ଭଦ୍ରକ,୬।୬(ସମିସ): ଭଦ୍ରକ ଜିଲ୍ଲାରେ ଉର୍ଦ୍ଦୁ ସାହିତ୍ୟର ଏକମାତ୍ର ସଂଗଠନ 'ଆଦବି ମକ୍ରଜ' ଆନୁକୂଲ୍ୟରେ ଏକ କବି ସମ୍ମିଳନୀ ଓ ମୁଶାଏରା ଏବଂ ଅଫିସ୍ ଗୃହର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଭଦ୍ରକ ପୁରୁଣା ବଜାରସ୍ଥିତ ଜାମା ମସ୍‌ଜିଦ ନିକଟସ୍ଥ କୋଚିଂ ସେଣ୍ଟରରେ ସୁପ୍ରସିଦ୍ଧ ଓ ବିଶିଷ୍ଟ ଉର୍ଦ୍ଦୁ କବି ଜନାବ ସମନ ନସିମି ସାହେବଙ୍କ ସଭାପତିତ୍ୱରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବିଶିଷ୍ଟ ଉର୍ଦ୍ଦୁ କବି ଓ ଗୀତିକାର ସ୍ୱର୍ଗତ ଡ. ବଶୀର ବଦର୍ ସାହେବଙ୍କ ସ୍ମୃତିରେ ସାନ ସରକାର ବାବାଙ୍କ ଦ୍ୱାରା ଗଠିତ ଭଦ୍ରକ ଜିଲ୍ଲାରେ ଉର୍ଦ୍ଦୁ ସାହିତ୍ୟ ପାଇଁ ଏକମାତ୍ର ସଂଗଠନ ଆଦବି ମକ୍ରଜ ଆନୁକୂଲ୍ୟରେ ଏକ କବି ସମ୍ମିଳନୀ ଓ ମୁଶାଏରା ଅନୁଷ୍ଠିତ ହୋଇଯାଇଛି। ଡ. ବଶୀର ବଦର୍ ସାହେବଙ୍କ ଜୀବନୀ ଓ ଶାଏରୀକୁ ଆଧାର କରି ସମସ୍ତ କବି ନିଜର କବିତାପାଠ କରିଥିଲେ। ଭଦ୍ରକ ପୁରୁଣା ବଜାରସ୍ଥିତ ହେଲାସାହିଠାରେ ଆଦବି ମକ୍ରଜର ଏକ ଅଫିସ ଗୃହର ଶୁଭ ଉଦ୍‌ଘାଟନ ଭଦ୍ରକ ଜିଲ୍ଲାର ଗର୍ବ ଓ ଗୌରବ, ସାହିତ୍ୟ ମନସ୍କ ମଣିଷ ତଥା ଭଦ୍ରକ ଜିଲ୍ଲା ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳଙ୍କ ଦ୍ୱାରା ହୋଇଯାଇଛି। ଶିକ୍ଷକ ତଥା କବି ମୁସ୍ତାକ୍ ଗୌହର ସଞ୍ଚାଳକ ଭାବେ ଦାୟିତ୍ୱ ତୁଲାଇଥିଲେ ଓ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଲେଖକ ପବିତ୍ର ପାଣିଗ୍ରାହୀ, ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ତଥା ହାଜୀ ମହମ୍ମଦ ଅବଦୁଲ ବାରୀ ସ୍ମୃତି କମିଟିର ସଭାପତି ସୁଧାକର ରାଉତ, ଟୋକା ଗଣେଶ କମିଟିର ସଭାପତି ଓ ରୋଭର୍ସ କ୍ଲବ୍‌ର ସମ୍ପାଦକ ହରି ପ୍ରସାଦ ନନ୍ଦୀ, ଜିଲ୍ଲା ରୋଟାରୀ ସଭାପତି ପ୍ରଫେସର ନାସିର ବଖସ୍, ହାଜି ସବିର ଅଲ୍ଲୀ, ହାଜି ଅବୁ ହୋସେନ, ଶେଖ୍ ହବିବୁଲ୍ଲା, ଜାୱେଦ ଅଖ୍‌ତର, ଇମ୍‌ତିୟାଜ କମାଲ, ସେଖ୍ ହମିଦ୍, ମିର୍ଜା ଏଜାଜ୍ ବେଗ, ଶମଶିର୍ ନିସିମି, ଶହଜାଦ୍ ନସିମି, ଅବ୍‌ଦୁଲ ରହେମାନ୍, ଫରୟାଦ କାଦରୀ, ଶିକ୍ଷକ ଶେଖ୍ ଜହିରୁଦ୍ଦିନ୍, ଶିକ୍ଷକ ନେଜାମ୍, କବି ଗୁରୁ ସମନ ନସିମି ସାହେବ୍, ଅବ୍‌ଦୁଲ ଦୟାନ ଜିଆ, ମୋଇନ ଶଫକ୍, ଅକମଲ୍ ଅଲ୍ଲୀ, ଗୁଲ୍‌ରେଜ ଅଲ୍ଲୀ, ତୌଫିକ୍ ସାଗର୍, ମୁଖ୍‌ତାର୍ ନସିମ୍, ଶହବାଜ୍ ସାଦଫ୍, ଶୋଏବ୍ ଆୟାଜ୍, କୌଶର୍ ନସିମି, ମିନହାଜ୍ ନୁରୀ, ଶବାବ୍ କାଦ୍ରୀ, ସଜାଦ୍ ହସରତ୍, ଶହବାଜ୍ ନସିମି, ଗୁଲ୍‌ଫାମ୍ ନସିମି, ଏନାୟତ୍ କାଦ୍ରୀ ପ୍ରମୁଖ ନିଜ ଶାଏରୀ ମାଧ୍ୟମରେ ମନ୍ତ୍ରମୁଗ୍ଧ କରିଥିଲେ।



### ଭଦ୍ରକରେ ସିଏମ୍ ଟ୍ରଫି ଜୋନାଲ ଭଲିବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ

## ୭ ଜିଲ୍ଲାରୁ ୨୧୦ ଜଣ ପ୍ରତିଯୋଗୀ ସାମିଲ୍

ଭଦ୍ରକ,୬।୬(ସମିସ): ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଭଦ୍ରକ ଜିଲ୍ଲା ଆଥ୍‌ଲେଟିକ୍ସ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଶନିବାର ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ସିଏମ୍ ଟ୍ରଫି ଜୋନାଲ ଭଲିବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭ ଉଦ୍‌ଘାଟନ କରିଥିଲେ। ଖେଳ କେବଳ ପ୍ରତିଯୋଗିତା ନୁହେଁ, ବରଂ ଶୃଙ୍ଖଳା, ଏକତା ଓ ଭ୍ରାତୃଭାବର ବାର୍ତ୍ତା ବହନ କରେ ବୋଲି କହି ଉପସ୍ଥିତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା ଆଥ୍‌ଲେଟିକ୍ସ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଧୀରେନ ପଲେଇ, ଯୁଗ୍ମ ସମ୍ପାଦକ ଅତିଶ ବେହେରା, ଉପସଭାପତି ଯତିକାନ୍ତ ନାୟକ, କୋଷାଧ୍ୟକ୍ଷ ବ୍ୟୋମକେଶ ସେନାପତି ଏବଂ ସଦସ୍ୟ ରବିନାରାୟଣ ପାଣିଗ୍ରାହୀ ଓ ଏସ୍.କେ. ବସିର୍ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଜୋନାଲ ଭଲିବଲ୍ ପ୍ରତିଯୋଗିତାରେ ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାରୁ ମୋଟ୍ ୨୧୦ ଜଣ ପ୍ରତିଯୋଗୀ ଓ ୧୬ ଜଣ ଅଧିକାରୀ ଅଂଶଗ୍ରହଣ କରିଛନ୍ତି। ଆଗାମୀ ଦିନଗୁଡ଼ିକରେ ରୋମାଞ୍ଚପୂର୍ଣ୍ଣ ମ୍ୟାଚ୍ ମାଧ୍ୟମରେ ଶ୍ରେଷ୍ଠ ଦଳ ଚୟନ କରାଯିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ପ୍ରତିଯୋଗିତାକୁ ନେଇ ଖେଳାଳି, ପ୍ରଶିକ୍ଷକ ଓ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି।



# ଭଦ୍ରକରୁ ମିଳିଲା ପ୍ରାଗ୍ ଐତିହାସିକ କାଳର ସନ୍ଧାନ

ଭଦ୍ରକ,୬।୬(ସମିସ)





### କଳାହାଣ୍ଡିଆରେ ଠାବ ହେଲା ତାମ୍ରପ୍ରସ୍ତର ଯୁଗର ବିରାଟକାୟ 'ଅସୁରହୁଡ଼ା' ମାଟିକୁଦ

ଭଦ୍ରକ ଜିଲ୍ଲାର ପ୍ରତ୍ନତାତ୍ତ୍ୱିକ ଇତିହାସରେ ଏକ ନୂତନ ଫର୍ଦ୍ଦ ଯୋଡ଼ି ହୋଇଛି। ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ କଳାହାଣ୍ଡିଆ ଗ୍ରାମରେ 'ଅସୁରହୁଡ଼ା' ନାମକ ଏକ ପ୍ରାଚୀନ ଓ ବିରାଟକାୟ ଗୋଲାକାର ମାଟିକୁଦ ଦେଖିବାକୁ ମିଳିଛି। ଏହାର ପରିଧି ପ୍ରାୟ ୧୩୦ ମିଟର, ବ୍ୟାସାର୍ଦ୍ଧ ୧୧୫ ମିଟର ଓ ଉଚ୍ଚତା ପ୍ରାୟ ୮ ମିଟର ଅଟେ। ଭଦ୍ରକ ବନ୍ତ ଛକରୁ ପ୍ରାୟ ୭ କିଲୋମିଟର ଏବଂ ନଳାଙ୍ଗଠାରୁ ୪ କିଲୋମିଟର ଦୂରରେ, କପାଳି ନଦୀର ବାମପାଶ୍ୱର୍ ତଥା କପାଳି ରେଳ ଷ୍ଟେସନ ନିକଟରେ ଏହି ସ୍ଥାନଟି ଅବସ୍ଥିତ। ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାଚୀନ ଭାରତୀୟ ଇତିହାସ, ସଂସ୍କୃତି ଓ ସ୍ନାତକୋତ୍ତର ପ୍ରତ୍ନତତ୍ତ୍ୱ ବିଭାଗର ପ୍ରାଧ୍ୟାପକ ଡ. ଅନାମ ବେହେରା ଏବଂ ପାଳିଆବିନ୍ଧାର ବିରଞ୍ଚି ନାରାୟଣ ମାଧବ ଅର୍ଜ୍ଜନ ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ଡ. ନିରଞ୍ଜନ ରାଉତଙ୍କ ମିଳିତ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣରୁ ଏହି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଏହି ମାଟିକୁଦଟି ପ୍ରାଗ୍ ଐତିହାସିକ କାଳର ଏବଂ ଏଠାରେ ଗଢ଼ିଉଠିଥିବା ଜନବସତି ତାମ୍ରପ୍ରସ୍ତର ଯୁଗର ଅଟେ।

ଏହି ସ୍ଥାନରୁ ଗବେଷକ ଦ୍ୱୟ ପ୍ରାଚୀନ ଯୁଗର ଅନେକ ଉପାଦାନ ଠାବ କରିଛନ୍ତି, ଯେଉଁଥିରେ ପଥର ନିର୍ମିତ କୁଠାର, ହରିଣ ଶିଙ୍ଗ, ବିଭିନ୍ନ ପ୍ରକାରର ପ୍ରାଚୀନ ମାଟିପାତ୍ର ଇତ୍ୟାଦି। ଏହାପୂର୍ବରୁ ଗବେଷକମାନେ ଏହି ସମୟଖଣ୍ଡର ବହୁ ଉପାଦାନ ଗଞ୍ଜାମ, ଖୋର୍ଦ୍ଧା, ପୁରୀ, କଟକ ଓ ବାଲେଶ୍ୱର ଜିଲ୍ଲାରୁ ମଧ୍ୟ ଆବିଷ୍କାର କରିଛନ୍ତି। ମାତ୍ର ଭଦ୍ରକ ଜିଲ୍ଲାରେ ତାମ୍ରପ୍ରସ୍ତର ଯୁଗର ବସତି ସମ୍ପର୍କରେ ଅନୁସନ୍ଧାନ କରିବା କ୍ଷେତ୍ରରେ ଗବେଷକ ଦ୍ୱୟଙ୍କର ଏହା ପ୍ରଥମ ପଦକ୍ଷେପ। ଭବିଷ୍ୟତରେ ଏହି ଅଞ୍ଚଳରେ ଆହୁରି ଅନେକ ସମ୍ଭାବ୍ୟ ତାମ୍ରପ୍ରସ୍ତରସ୍ଥଳୀ ଚିହ୍ନଟ କରିବାର ଲକ୍ଷ୍ୟ ରଖାଯାଇଛି। କଳାହାଣ୍ଡିଆର ଏହି ବସତି ଓଡ଼ିଶାର ଅନ୍ୟ ଅନେକ ପ୍ରତ୍ନତାତ୍ତ୍ୱିକସ୍ଥଳୀଠାରୁ ଯେ ବୃହତ୍‌କାୟ, ତାହା ଆଗାମୀ ଦିନରେ ପ୍ରମାଣିତ ହେବ ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ, ସମ୍ପ୍ରତି ଏହି ତାମ୍ରପ୍ରସ୍ତର ବସତି ଉପରେ ଏକ ନୂତନ ତାରିଣୀ ମନ୍ଦିର ଗଢ଼ିଉଠିଛି। ଓଡ଼ିଶାର ଉପକୂଳବର୍ତ୍ତୀ ପ୍ରାୟ ସମସ୍ତ ଜିଲ୍ଲାରେ ରାଜ୍ୟ, ଜାତୀୟ ତଥା ଅନ୍ତର୍ଜାତୀୟ ଗବେଷଣା ସଂସ୍ଥା ଦ୍ୱାରା ପ୍ରତ୍ନତାତ୍ତ୍ୱିକ ଖନନ କରାଯାଇଥିଲେ ହେଁ ଭଦ୍ରକ ଜିଲ୍ଲାରେ ଏଭଳି ଗବେଷଣା ପୂର୍ବରୁ କରାଯାଇ ନ ଥିଲା। ଗବେଷକ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତରେ, ବାଲେଶ୍ୱରର 'ଦୁର୍ଗାଦେବୀ' ଏବଂ ଯାଜପୁରର 'ରାଧାନଗର' ପ୍ରତ୍ନତାତ୍ତ୍ୱିକ ଖନନ ଭଳି ଯଦି କଳାହାଣ୍ଡିଆରେ ମଧ୍ୟ ବ୍ୟାପକ ଗବେଷଣା ଓ ଖନନ କରାଯାଏ, ତେବେ ଓଡ଼ିଶା ଇତିହାସର ଅନେକ ଅସମାହିତ ଅତୀତ ଲୋକଲୋଚନକୁ ଆସିପାରିବ। ଏଥିସହ ଏହି ସ୍ଥାନଟି ଓଡ଼ିଶାର ଅନ୍ୟତମ ପ୍ରାଚୀନ ଗୌରବମୟ ଐତିହାସିକ ସ୍ଥଳୀ ରୂପେ ମାନ୍ୟତା ପାଇବା ସହ ଓଡ଼ିଶାର ସମୃଦ୍ଧ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ିବ ବୋଲି ଆଶା ପ୍ରକାଶ ପାଇଛି।

# ରଜରେ ଧମାଲ କରିବେ

# ଅନୁଭବ ଅମ୍ଳାନ ଅର୍ଦ୍ଧେନ୍ଦୁ

* ପରଦାକୁ ଆସିବ ସିଦ୍ଧାନ୍ତଙ୍କ 'ମିଲେଟ୍ ଡାଏରୀ'
* ଦର୍ଶକଙ୍କୁ ହଲ୍‌ମୁହାଁ କରାଇବ ୪ ଓଡ଼ିଆ ସିନେମା

**ଚଳିତ ବର୍ଷ ରଜ ଉପଲକ୍ଷେ ମୁକ୍ତିଲାଭ କରିବାକୁ ଯାଉଛି ୪ଟି ଓଡ଼ିଆ ସିନେମା । ରଜ ଉପଲକ୍ଷେ ଏହି ଚାରୋଟି ସିନେମା ଦର୍ଶକଙ୍କୁ ଭରପୂର ଏଣ୍ଟରଟେନ୍ କରିବ ବୋଲି ସିନେମାଗୁଡ଼ିକର ପ୍ରଯୋଜନା ସଂସ୍ଥା ଓ ନିର୍ଦ୍ଦେଶକମାନେ ଆଶା ରଖିଛନ୍ତି । ଦର୍ଶକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଏଥର ରଜରେ ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରିର ଆଗଧାଡ଼ିର ୪ଜଣ ସୁପରହିଟ୍ କଳାକାର ସିଦ୍ଧାନ୍ତ ମହାପାତ୍ର, ଅନୁଭବ ମହାନ୍ତି, ଅମ୍ଳାନ ଏବଂ ଅର୍ଦ୍ଧେନ୍ଦୁଙ୍କ ମଧ୍ୟରେ ହେବ କଡ଼ା ଟକ୍କର । ସିଦ୍ଧାନ୍ତ ମହାପାତ୍ରଙ୍କ 'ମିଲେଟ ଡାଏରୀ', ଅନୁଭବ ମହାନ୍ତିଙ୍କ 'ଛକିଶୂନ', ଅର୍ଦ୍ଧେନ୍ଦୁଙ୍କ 'ଡାଏରୀ' ଏବଂ ଅମ୍ଳାନ ଦାସଙ୍କ 'ଶିକାର' ଚଳଚ୍ଚିତ୍ର ରଜ ବଜାରରେ ଦର୍ଶକଙ୍କୁ ବେଶ୍ ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ଆଶାବ୍ୟକ୍ତ କରିଛନ୍ତି ସିନେମାଗୁଡ଼ିକର ପୂରା ଟିମ୍ ।**









ଆମର ଷ୍ଟୁଡିଓ ଓ ଏସ୍‌ଏମ୍ ଏଣ୍ଟରଟେନମେଣ୍ଟ ପ୍ରେଜେଣ୍ଟସ୍ ୨୯ ଟୁ ନାଇନ ଫିଲ୍ମସର ମିଳିତ ସହଯୋଗରେ ନିର୍ମିତ 'ଛକି ଶୂନ' ଫିଲ୍ମର ରଚନା ଓ ନିର୍ଦ୍ଦେଶନା ମାନସ ପଡ଼ିହାରୀ ଦେଇଥିବା ବେଳେ ଅନୁଭବଙ୍କ ପତ୍ନୀ ଜାଗୃତି, ନବୀନ ଭଣ୍ଡାରୀ ଓ ସ୍ୱୟଂ ଏହାର ପ୍ରଯୋଜନା ଦାୟିତ୍ୱ ନିର୍ବାହ କରିଛନ୍ତି । ଥ୍ରୀଲର ଓ ସସପେନ୍ସ ଭରା ଏହି ଫିଲ୍ମରେ ଅନୁଭବ ମହାନ୍ତି ଜଣେ ଆଇପିଏସ୍ ଚରିତ୍ରରେ ନଜର ଆସିବେ । ଅନ୍ୟ ଭୂମିକାରେ ସମ୍ବାନା ମହାନ୍ତି, ଅଭିଷେକ ପଣ୍ଡା, ଦିବ୍ୟା ମହାନ୍ତି, ଚୌଧୁରୀ ଜୟପ୍ରକାଶ ଦାସ, ନିତୁ ସିଂ, ବିଜିନୀ ମିଶ୍ର ପ୍ରମୁଖ ନଜର ଆସିବେ । ଚଳିତ ମାସ ୧୨ତାରିଖରେ ରିଲିଜ ହେବାକୁ ଥିବା ଏହି ଫିଲ୍ମର 'ଆମେ ବାଲୁଙ୍ଗା ଟୋକା' ଗୀତର ଷ୍ଟୁଡିଓ ଭର୍ସନ ରିଲିଜ୍ ହୋଇଛି । ଯାହା ଏବେ ସୋସିଆଲ ମିଡିଆରେ ଟ୍ରେଣ୍ଡ କରୁଛି । ସେହିପରି ଫିଲ୍ମ ଇନଫାଇସନ ଏଣ୍ଟରଟେନମେଣ୍ଟ ପ୍ରେଜେଣ୍ଟ ବ୍ୟାନରରେ ନିର୍ମିତ 'ଦ ମିଲେଟ ଡାଏରୀ' ର ନିର୍ଦ୍ଦେଶନା ରାଜେନ୍ଦ୍ର ମହନ୍ତ ଦେଇଥିବା ବେଳେ କାହାଣୀ ଏବଂ ପ୍ରଯୋଜନା କରୁଛନ୍ତି ଜେଆର୍‌ଏମ୍ ଓ ସହ ପ୍ରଯୋଜକ ରହିଛନ୍ତି ରୋଜାଲିନ୍ ମହାନ୍ତି । ଫିଲ୍ମରେ ସଙ୍ଗୀତ ନିର୍ଦ୍ଦେଶନା ପ୍ରେମ୍‌ଆନନ୍ଦ ଦେଇଥିବା ବେଳେ ଚିତ୍ରନାଟ୍ୟ ଓ ସଂଳାପ ଦିଲ୍ଲୀପ ବିଶୋଇ ଏବଂ ଉତ୍ତମ କୁମାର ଦାୟିତ୍ୱ ନିର୍ବାହ କରିଛନ୍ତି । ଫିଲ୍ମରେ ସିଦ୍ଧାନ୍ତ ମହାପାତ୍ର, ଅଭିଷେକ ପଣ୍ଡା, ଶୀତମ ଦାସ, ଶିବାନୀ ସଂଗୀତା, କୁନା ତ୍ରିପାଠୀ, ରାଜ ରାଜେଶ ପ୍ରମୁଖ ଅଭିନୟ କରିଛନ୍ତି । ଅଭିଷେକ ଏଥିରେ ବିଏମ୍ଡବ୍ଲ୍ୟୁ ଡ୍ରାଇଭର ଚରିତ୍ରରେ ନଜର ଆସିବା ସହ ଗାଉଁଲି ଝିଅର ଚରିତ୍ରରେ ନଜର ଆସିବେ ଶିବାନୀ । ତେବେ ମାଣ୍ଡିଆର ଔଷଧୀୟ ଗୁଣ ଓ ବିଶ୍ୱ ଦରବାରରେ ଏହାର ପରିଚୟକୁ ନେଇ ଫିଲ୍ମଟି ଗତିଶୀଳ ହେଉଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅର୍ଥାତ ବଇଦ ଚରିତ୍ରରେ ନଜର ଆସିବେ ସିଦ୍ଧାନ୍ତ ମହାପାତ୍ର । ଏହି ସିନେମାଟି ମଧ୍ୟ ୧୨ରେ ହେବ ରିଲଜ୍ ହେବ ବୋଲି ଜଣାପଡ଼ିଛି ।

ସେହିପରି ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରଯୋଜକ ଅର୍ଦ୍ଧେନ୍ଦୁ ସାହୁ ଓ ସହପ୍ରଯୋଜକ ଆଦିକନ୍ଦ ସାହୁଙ୍କ ଦ୍ୱାରା ନିର୍ମିତ 'ଡାଏରୀ' ସିନେମାର ଟିଜର୍ ଦର୍ଶକଙ୍କୁ ବାନ୍ଧି ରଖିଥିବା ବେଳେ ସିନେମାଟି ମଧ୍ୟ ଆଦୃତି ଲାଭ କରିବ ବୋଲି ଫିଲ୍ମର ପୂରା ଟିମ୍ ଆଶା ରଖିଛି । ତେବେ ସିନେମାରେ ଏକ ବକ୍ସରୁ ବାହାରୁଥିବା '୨୦୧୯' ଲେଖାଥିବା ଡାଏରୀ କାହାଣୀ ଦର୍ଶକଙ୍କ ମନରେ ଉତ୍କଣ୍ଠା ସୃଷ୍ଟି କରିଛି । ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶନା, କୁନା ତ୍ରିପାଠୀଙ୍କ ବଳିଷ୍ଠ କାହାଣୀ, ସ୍କ୍ରିନପ୍ଲେ ତଥା ସଂଳାପ ଓ ସୀତାଂଶୁ ମହାପାତ୍ରଙ୍କ ସିନେମାଟୋଗ୍ରାଫି ବଡ଼ ପରଦାରେ ଦର୍ଶକଙ୍କୁ ଏକ ନିଆରା ଅନୁଭୂତି ଦେବ । ତେବେ ଏହାର କେବଳ ଟିଜର୍ ଏବଂ ସଙ୍ଗୀତ ନିକଟରେ ରିଲିଜ୍ ହୋଇଛି । ସୋମେଶ ଶତପଥୀଙ୍କ ସଙ୍ଗୀତ ନିର୍ଦ୍ଦେଶନା ଏବଂ ଅମିତ ନାୟକ ଓ ଲୁବୁନ୍-ଟୁବୁନ୍‌ଙ୍କ କୋରିଓଗ୍ରାଫି ଫିଲ୍ମର ଗୀତଗୁଡ଼ିକୁ ଆହୁରି ଆକର୍ଷଣୀୟ କରିଛି । ଏକ ସୁନ୍ଦର ପ୍ରେମ କାହାଣୀ ଉପରେ ପର୍ଯ୍ୟବସିତ ଏହି ଫିଲ୍ମରେ ମୁଖ୍ୟ ଭୂମିକାରେ ଅର୍ଦ୍ଧେନ୍ଦୁଙ୍କ ସହ ଯସ୍ମିନ ଓ ପ୍ରଜ୍ଞା ନଜର ଆସୁଛନ୍ତି । ତେବେ ରଜ ଅବସରରେ ଦର୍ଶକଙ୍କୁ ଆକ୍ସନ, ସସ୍‌ପେନ୍ସ ସହ ମନୋରଞ୍ଜନ ଯୋଗାଇବ ଅମ୍ଳାନଙ୍କ 'ଶିକାର' । ନିକଟରେ ଫିଲ୍ମର ଫାଷ୍ଟ ଲୁକ୍ ଓ ଷ୍ଟାରକାଷ୍ଟଙ୍କ ଲୁକ୍ ସାମ୍ନାକୁ ଆସିଥିବା ବେଳେ ବର୍ତ୍ତମାନ ଏହାର ଟିଜର ରିଲିଜ୍ ହୋଇଛି । ସୋସିଆଲ ମିଡିଆରେ ଟିଜରକୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ଦେଖିବାକୁ ମିଳୁଛି । ମୁନ୍ ଟିଭି ମୁଭିଜ୍ ପ୍ରସ୍ତୁତ ଏହି ଫିଲ୍ମର ୧ ମିନିଟ୍ ୨୮ ସେକେଣ୍ଡର ଟିଜରରେ ରକ୍ତାକ୍ତ ଅବସ୍ଥାରେ ଅମ୍ଳାନଙ୍କୁ ଦେଖିବାକୁ ମିଳୁଛି । ଚିତ୍କାର କରିବା ସହ ସେ ବନ୍ଧୁକ ଚଳାଉଥିବା ଦୃଶ୍ୟ ଟିଜରକୁ ଅଧିକ ରୋମାଞ୍ଚକ କରିଛି । ଅଭିନେତ୍ରୀ ଏଲିନା ପ୍ରଥମ ଥର ଓକିଲ ଭୂମିକାରେ ନଜର ଆସିଛନ୍ତି । ମୁନ୍ ଟିଭି ମୁଭିଜ୍ ପ୍ରଯୋଜନାରେ ପ୍ରସ୍ତୁତ 'ଶିକାର'ର ନିର୍ଦ୍ଦେଶନା ମୃତ୍ୟୁଞ୍ଜୟ ସାହୁ ଦେଇଥିବା ବେଳେ ପ୍ରଯୋଜନା କରିଛନ୍ତି ସଚ୍ଚିକାନ୍ତ ଜେନା । କାହାଣୀ ଓ ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ବୈଦ୍ୟନାଥ ଦାଶ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଗୀତଗୁଡ଼ିକୁ ଗାଇଛନ୍ତି ଅନ୍ତରା ଚକ୍ରବର୍ତ୍ତୀ, ମଣ୍ଟୁ ଛୁରୀଆ, କ୍ରିଷ୍ଣା ବେଉରା, ଅସୀମା ପଣ୍ଡା । ଫିଲ୍ମରେ ଅନ୍ୟ କଳାକାରଙ୍କ ମଧ୍ୟରେ ସୁପ୍ରିୟା ନାୟକ, ଅଙ୍କିତ, ତାପସ ସରଘରିଆ, ପ୍ରଦ୍ୟୁମ୍ନ ଲେଙ୍କା, ପ୍ରଶାନ୍ତ ପାତ୍ର, ପ୍ରଭାତୀ, ବବି ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି । ୧୨ ତାରିଖରେ ଏହା ମୁକ୍ତିଲାଭ କରିବ । ତେବେ ଦିଗହରା ହୋଇଥିବା ଓଡ଼ିଆ ସିନେମା ବର୍ତ୍ତମାନ ଅଣ୍ଟା ସଳଖିବାକୁ ସକ୍ଷମ ହୋଇଥିବା ବେଳେ ଦିନକୁ ଦିନ ମୌଳିକ କାହାଣୀକୁ ନେଇ ନିର୍ମିତ ଓଡ଼ିଆ ସିନେମା ପୁଣି ଥରେ ଦର୍ଶକଙ୍କୁ ହଲ୍‌ମୁହାଁ କରିବାରେ ସଫଳ ହୋଇଥିବା ଦର୍ଶକଙ୍କ ମଧ୍ୟରେ ଆଲୋଚନା ହେଉଛି । ■



## 'ମନ୍ତ୍ରମୁଗ୍ଧ'ର ଧମାକା

# ଚାରି ସପ୍ତାହରେ ୪.୧୪ କୋଟି ଅଧିକ ଆୟ

ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଓ ବହୁଚର୍ଚ୍ଚିତ ଓଡ଼ିଆ ଚଳଚ୍ଚିତ୍ର 'ମନ୍ତ୍ରମୁଗ୍ଧ' ବକ୍ସ ଅଫିସ୍‌ରେ ଧମାକା କରୁଛି । କେବଳ ଓଡ଼ିଶାରେ ନୁହେଁ, ରାଜ୍ୟ ବାହାରରେ ମଧ୍ୟ ଫିଲ୍ମଟି ଦର୍ଶକଙ୍କ ହୃଦୟ ଜିତିବାରେ ସଫଳ ହୋଇଛି । ମେ ୧ରେ ରିଲିଜ୍ ହୋଇଥିବା ଏହି ସିନେମା ଚାରି ସପ୍ତାହରେ ମଧ୍ୟରେ ୪ .୧୪ କୋଟିରୁ ଅଧିକ ଟଙ୍କା ଆୟ କରି ନୂଆ ରେକର୍ଡ ସୃଷ୍ଟି କରିଛି । ସୋସିଆଲ୍ ମିଡିଆରେ ନିର୍ମାତା ଫିଲ୍ମର କଲେକ୍ସନ ସମ୍ପର୍କରେ ସୂଚନା ଦେଇଛନ୍ତି । ଫିଲ୍ମର ସଫଳତାକୁ ନେଇ ଅଭିନେତ୍ରୀ ଭୂମିକାଙ୍କ ସମେତ ପୂରା ଟିମ୍ ଉତ୍ସବ ମନାଇଛନ୍ତି । ସୋସିଆଲ୍ ମିଡିଆରେ ଦର୍ଶକମାନେ ମଧ୍ୟ ଫିଲ୍ମକୁ ଭରପୂର ପ୍ରଶଂସା କରିଛନ୍ତି । କେହି ଫିଲ୍ମକୁ "ସୁପର ଡୁପର ହିଟ୍" ବୋଲି କହିଥିବା ବେଳେ ଆଉ କେହି ଏହାକୁ ବର୍ଷର ସବୁଠୁ ମନୋରଞ୍ଜନକାରୀ ଓଡ଼ିଆ ଫିଲ୍ମ ବୋଲି ମତ ଦେଇଛନ୍ତି । ■

## ପରଦା ପଛର କାହାଣୀ

# ୮୧ ଫୁଟ ଉଚ୍ଚତାରୁ ପଡ଼ି ସଲମାନ ଆହତ




ବଲିଉଡ୍ ସୁପର୍‌ଷ୍ଟାର୍ ସଲମାନ ଖାନ୍ ନିଜର ଫିଟ୍‌ନେସ୍, ଆକ୍ସନ ଏବଂ ଦମଦାର୍ ଅଭିନୟ ପାଇଁ ପ୍ରସିଦ୍ଧ । ସେ ନିଜ କ୍ୟାରିୟରରେ ରୋମାଣ୍ଟିକରୁ ନେଇ ଆକ୍ସନ ପର୍ଯ୍ୟନ୍ତ ଅନେକ ସୁପରହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି । ନିକଟରେ ସଲମାନ ଫିଲ୍ମ 'ଜାଗୃତି'ର ଷ୍ଟଣ୍ଟ ସୁଟିଂ ପଛର ଏକ ବିପଜ୍ଜନକ କାହାଣୀ ପ୍ରକାଶ କରିଛନ୍ତି । 'ଜାଗୃତି' ଫିଲ୍ମରେ ଏକ ୮୦ ଫୁଟ୍ ଉଚ୍ଚ ପାହାଡ଼ରୁ ଖସିବାର ଦୃଶ୍ୟ ଥିଲା । ଏହାର ସୁଟିଂ ପାଇଁ ସମସ୍ତ ବନ୍ଦୋବସ୍ତ ହୋଇଥିଲା । ସେ ପାହାଡ଼ ଉପରୁ ତଳୁ ଦେଖିବା ପରେ ଡେଇଁପାରିବେ ବୋଲି ଭାବିଥିଲେ । ସାଧାରଣତଃ ଉଚ୍ଚରୁ ଡେଇଁବା ପାଇଁ ଗୋଟିଏ କିମ୍ବା ଦୁଇଟି ବକ୍ସ ମିଳିଥାଏ । ତେବେ ଏହି ପାହାଡ଼ ସୁଟିଂ ଦୃଶ୍ୟ ବହୁ ଉଚ୍ଚରେ ଥିବାରୁ ତାଙ୍କ ପାଇଁ ତ୍ରିସ୍ତରୀୟ ବକ୍ସ ବ୍ୟବସ୍ଥା କରାଯାଇଥିଲା । ଏହା ଉପରେ ଏକ ଗଦି ମଧ୍ୟ ବିଛା ହୋଇଥିଲା । ତେବେ ସେ ପାହାଡ଼ ଚଢ଼ିବା ପରେ, ପର୍ବତର ମଧ୍ୟ ଭାଗ ସାମାନ୍ୟ ବାହାରକୁ ବାହାରିଥିଲା । ତେଣୁ ଡେଇଁବାରେ ବାଧା ସୃଷ୍ଟି କରିପାରେ ବୋଲି ସେ ଭାବିଥିଲେ । ସେଥିପାଇଁ ସେ ଡେଇଁବାକୁ ଚାହୁଁ ନ ଥିଲେ । ସେପଟେ ସୁଟିଂ ପୂର୍ବରୁ ସେଠାରେ ଲୋକଙ୍କ ଭିଡ଼ ଜମି ସାରିଥିଲା । ତେଣୁ ତଳକୁ ଯାଇକି ଡେଇଁ ପାରିବେନି ବୋଲି କହିବାକୁ ତାଙ୍କୁ ଖରାପ ଲାଗୁଥିଲା । ଏଥିପାଇଁ ସେ ଯେ କୌଣସି ମତେ ପାହାଡ଼ରୁ ଡେଇଁବେ ବୋଲି ଭାବିଥିଲେ । ତଳେ ବକ୍ସ ଥିବା ଜାଣି ସେ ନିର୍ଭୟ ଥିଲେ । ହେଲେ ବକ୍ସଗୁଡ଼ିକ ଉଚ୍ଚରୁ ଦିଆସିଲି ବକ୍ସ ଭଳି ଦେଖାଯାଉଥିଲା । ଏହା ସତ୍ତ୍ୱେ ସେ ଦୌଡ଼ିକି ଡେଇଁବା ପ୍ରୟାସ କରିବା ସମୟରେ ଗୋଡ଼ ଖସିଯାଇଥିଲା । ଫଳରେ ସେ ପାହାଡ଼ରୁ ପଡ଼ି ଯାଇଥିଲେ । ଏଥିରେ ତାଙ୍କୁ ଗଭୀର ଆଘାତ ଲାଗିଥିଲା । ସେହିପରି ସେ ଫିଲ୍ମ 'ପତ୍ଥର୍ କେ ଫୁଲ୍' ସୁଟିଂ ସମୟରେ ମଧ୍ୟ ଏକ ଷ୍ଟଣ୍ଟ କରୁଥିବା ସମୟରେ ପଡ଼ିଯାଇଥିଲେ । ଫଳରେ ବହୁଦିନ ଧରି ତାଙ୍କ ପିଠିରେ ଯନ୍ତ୍ରଣା ଲାଗି ରହିଥିଲା । ■

# 'କିଛି ସତ କିଛି ମିଛ'ରେ ଆଲୋକ ଓ ଛବିଙ୍କ ବାହାଘର



'ଜୀ ସାର୍ଥକ'ର ନୂତନ ମେଗା ସିରିଏଲ୍ 'କିଛି ସତ କିଛି ମିଛ'ରେ ଏକ ବଡ଼ ଟ୍ୱିଷ୍ଟ ଆସିବାକୁ ଯାଉଛି । କାହାଣୀର ମୁଖ୍ୟ ଚରିତ୍ର ଆଲୋକ ଏବଂ ଛବିଙ୍କର ବିବାହ ଉତ୍ସବ ଖୁବ୍ ଶୀଘ୍ର ପରଦାକୁ ଆସିବ । ଯାହାକୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ପ୍ରକାଶ ପାଉଛି । ମଙ୍ଗରାଜ ପରିବାରର ପୁଅ ଆଲୋକ ସହ ଛବିଙ୍କର ବିବାହର ସମସ୍ତ ରୀତିନୀତି ଯେପରିକି ହଳଦୀ, ମେହେନ୍ଦୀ ଓ ସଙ୍ଗୀତ କାର୍ଯ୍ୟକ୍ରମ ବଡ଼ ଧୁମଧାମରେ ପାଳନ କରାଯିବ । ଏହି ବିବାହ ଓଡ଼ିଶା ଟେଲିଭିଜନ ଜଗତର ସବୁଠାରୁ ବଡ଼ ଉତ୍ସବ ହେବାକୁ ଯାଉଛି । କାରଣ ଏଥିରେ ଜୀ ସାର୍ଥକର ଅନ୍ୟ ସମସ୍ତ ମେଗା ଧାରାବାହିକର ନାୟକ, ନାୟିକାମାନେ ଯୋଗ ଦେବେ ଓ ପ୍ରତ୍ୟେକ ସିନ୍ ହେବ ମନଲୋଭା ଓ ଆଣିବ କାହାଣୀରେ ରୋମାଞ୍ଚ । ଏହି ମେଗା ସିରିଏଲ୍‌ରେ ଆଲୋକ ଭୂମିକାରେ ଆର୍ଯ୍ୟ ପ୍ରଧାନ, ଛବି ଭୂମିକାରେ ଅର୍ଚ୍ଚିତା ରାଉତ ଏବଂ ଛାୟା ଭୂମିକାରେ ଅଦିତି ଦାଶ ଚମତ୍କାର ଅଭିନୟ କରୁଛନ୍ତି । ■

## ଟେଲିଭିଜନ ପ୍ରିମିୟର

# ଅଦୃଶ୍ୟ



ଆଜି (ମେ ୩୧) ସନ୍ଧ୍ୟା ୬ଟା ୩୦ରେ ଜି ସାର୍ଥକରେ ୱାର୍ଲ୍ଡ ଟେଲିଭିଜନ ପ୍ରିମିୟର ହେବ ଓଡ଼ିଆ ସିନେମା 'ଅଦୃଶ୍ୟ' । "ପାପକୁ ଲୁଚାଇବା ସହଜ କିନ୍ତୁ କର୍ମକୁ ନୁହଁ, ଶେଷ ପରିଣାମ କ'ଣ ହେବ କାରଣ କର୍ମ ଫଳ ଯେମିତି ହେଲେ ଭୋଗିବାକୁ ତ ପଡ଼ିବ" । ଯାହାକୁ ପ୍ରମାଣିତ କରିଛି ଏହି ଚଳଚ୍ଚିତ୍ର ନିଜର ଏକ ଦମଦାର କାହାଣୀ ସହ । ମା' ଗାୟତ୍ରୀ ଫିଲ୍ମସ୍ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରର କାହାଣୀ ଜୀବନ ସହ ଯୋଡ଼ି ହୋଇ ରହିଥିବା କର୍ମଫଳ ଏବଂ ଏକ ରହସ୍ୟମୟ 'ଅଦୃଶ୍ୟ ଶକ୍ତି' ଉପରେ ଆଧାରିତ । ଏହି ଫିଲ୍ମର ନିର୍ଦ୍ଦେଶନା, କାହାଣୀ ଓ ଚିତ୍ରନାଟ୍ୟ ଭାର ସତ୍ୟ ନାରାୟଣ ସାହୁ ସମ୍ଭାଳିଥିବା ବେଳେ ପ୍ରଯୋଜନା କରିଛନ୍ତି ସୁନନ୍ଦା ସାହୁ । ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ମଳୟ ମିଶ୍ରଙ୍କ ସ୍ୱର ଏବଂ ଅରୁଣ ମନ୍ତ୍ରୀ ଓ ସତ୍ୟ ନାରାୟଣ ସାହୁଙ୍କ ଗୀତ ଚଳଚ୍ଚିତ୍ରକୁ ଅଧିକ ଜୀବନ୍ତ କରିଛି । ମୁଖ୍ୟ ଭୂମିକାରେ ଅଭିଷେକ ଗିରି, ଲିପ୍‌ସା ମିଶ୍ର ଏବଂ ସାୟଲ ମୁଖାର୍ଜୀ ନଜର ଆସିବେ । ସେହିପରି ସହ-ଅଭିନେତା ଭାବେ ଚୌଧୁରୀ ଜୟପ୍ରକାଶ ଦାସ, ଜୀବନ ପଣ୍ଡା, ରାଜେଶ ଅଗ୍ରୱାଲ, ନୀଳମଣି, ପ୍ରଦୀପ ଦେବତା, ଅରବିନ୍ଦ ଜେନା ଓ କୁସୁମ ତ୍ରିପାଠୀ ପ୍ରମୁଖ ଅଭିନୟ କରିଛନ୍ତି । ■

# ଧାନକିଣା ପ୍ରସଙ୍ଗ ନେଇ କଂଗ୍ରେସ-ବିଜେପି ମୁହାଁମୁହିଁ

ବାଲେଶ୍ୱର(ଉତ୍ତର), ୬।୬ (ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍‌ରେ ଧାନ କିଣା ପ୍ରସଙ୍ଗକୁ ନେଇ ଉଭୟ ବିଜେପି ଓ କଂଗ୍ରେସ ମୁହାଁମୁହିଁ ହୋଇଛନ୍ତି। ଧାନ କିଣାରେ କଟ୍‌ନୀଛଟ୍‌ନୀ, ଟୋକନ ମୁତାବକ ଚାଷୀଙ୍କ ଠାରୁ ଧାନ ନନେଇ ପେପର ଟ୍ରାଞ୍ଜାକ୍ସନ ହେଉଥିବା ଅଭିଯୋଗ ହୋଇଛି। ଖୋଦ ସରକାରୀ ଦଳର ନେତା ତଥା ବାଲେଶ୍ୱର - ଭଦ୍ରକ କେନ୍ଦ୍ର ସମବାୟ ସମିତିର ନିର୍ଦ୍ଦେଶକ, ଗୁନାଇ ବସାଣ ସମବାୟ ସମିତିର ସଭାପତି ଆଶିଷ କୁମାର ପାତ୍ର ଦୁଇ ଦୁଇ ଥର ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ବିଜେଡି ଓ କଂଗ୍ରେସ ସମର୍ଥିତ ସମବାୟ ସମିତିର ସଭାପତି ସହିତ ସମ୍ପାଦକ, ମିଲରମାନେ ଏଥିରେ ସମ୍ପୃକ୍ତ ଥିବା ନେଇ ଅଭିଯୋଗ ଆଣିଥିଲେ। ତେବେ ଏପରି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଭୋଗରାଇ ବ୍ଲକ କଂଗ୍ରେସ ସଭାପତି ସନ୍ତୋଷ ଜେନା କହିଛନ୍ତି। ଅପର ପକ୍ଷରେ ଶ୍ରୀ ପାତ୍ର ନିଜେ ଜଣେ ନିର୍ବାଚିତ ପ୍ରତିନିଧି ହେବା ସହ ସମବାୟ ବିଭାଗ ସହିତ ଜଡ଼ିତ ରହି ନିଜର ଉତ୍ତର ଦାୟିତ୍ୱ ନିଭାଇଛନ୍ତି କି ବୋଲି ପ୍ରଶ୍ନ କରିଛନ୍ତି।

ଜଳେଶ୍ୱରପୁରସ୍ଥିତ ବ୍ଲକ କଂଗ୍ରେସ କାର୍ଯ୍ୟାଳୟଠାରେ ଗତ ଗୁରୁବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ସଭାପତି ଶ୍ରୀ ଜେନା କହିଥିଲେ ଯେ ଭୋଗରାଇରେ ୧୯ ଟି ସମବାୟ ସମିତିରେ ୧୩୬୨୦ ଜଣ ଧାନ ପଞ୍ଜୀକରଣ ପାଇଁ ଆବେଦନ ଫର୍ମ ନେଇଥିବାବେଳେ




ସେଥିରୁ ୧୦୯୯୬ ଜଣ ପଞ୍ଜୀକରଣ କରିଛନ୍ତି। ବିଜେପି ନେତା ଶ୍ରୀ ପାତ୍ର ଗୁନେଇବସାଣ ସମବାୟ ସମିତିରେ ସଭାପତି ଥାଇ ସମସ୍ତ ଚାଷୀ ପଞ୍ଜିକରଣ କରିଥିବା କହିଥିବାବେଳେ ସେଥିରୁ ୨୧ ଜଣ ବାଦ ପଡିଲେ କାହିଁକି। ଏହାସହିତ ପେପର ଟ୍ରାଞ୍ଜାକ୍ସନ ଜରିଆରେ ଯଦି ଦୁର୍ନୀତି ହେଉଥିବା ସେ ଜାଣିଛନ୍ତି ତେବେ ନିଜ ଦଳର ନେତୃତ୍ୱରେ ଚାଲିଥିବା ସରକାର, ବିଭାଗୀୟ ମନ୍ତ୍ରୀ, ସାଂସଦ ଙ୍କ ଦୃଷ୍ଟି ଗୋଚର ନ କରି କାହିଁକି ରାଜନୀତି ରେ ରୋଟି ସେକୁଛନ୍ତି ବୋଲି ବିଜେପି ନେତା ଙ୍କୁ ପାଲଟା ଜବାବ ମାଗିଥିଲେ। ଶ୍ରୀ ଜେନା ଆହୁରି କହିଛନ୍ତି ଯେ ବିଜେପି ନେତା ଶ୍ରୀ ପାତ୍ର ବିଭିନ୍ନ ଗଣ ମାଧ୍ୟମରେ ବିବୃତି ରଖି କହୁଛନ୍ତି ଯେ ସେ ସମବାୟ ବ୍ୟାଙ୍କ ର ନିର୍ଦ୍ଦେଶକ, ଧାନ କିଣା ରେ ବ୍ୟାଙ୍କର କିଛି ଭୂମିକା ନାହିଁ। ଯଦି ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଙ୍କ ଭୂମିକା ଧାନ କିଣା ବିକାର ବାହାରେ ତେବେ ସମ୍ପୃକ୍ତ ନିର୍ଦ୍ଦେଶକ ଜଣକ ବିଭିନ୍ନ ଧାନ ମଣ୍ଡି ଉଦ୍‌ଘାଟନ ବେଳେ ଫିତା କଟା ଉତ୍ସବରେ ନିଜକୁ ସାମିଲ କରନ୍ତି କାହିଁକି? ଶ୍ରୀ ପାତ୍ର ଙ୍କ ବୟାନ ଅନୁଯାୟୀ ଧାନ କିଣାବିକାରେ, ଏଆର୍‌ସିଏସ୍, ଡିଆରସିଏସ୍, ସିଏସ୍‌ଓ, ଏସିଏସ୍‌ଓ, ଏମ୍‌ଆଇ ଭଳି ଅଧିକାରୀମାନେ ସମ୍ପୃକ୍ତ ଥାନ୍ତି ତେବେ ସମବାୟ ବିଭାଗର ନିର୍ବାଚିତ ଲୋକ ପ୍ରତିନିଧି ଭାବେ ସେ ନିଜର ଦାୟିତ୍ୱ ଠିକ୍ ଭାବେ ନିଭାଇଛନ୍ତି କି ବୋଲି ଶ୍ରୀ ଜେନା ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଧାନ ପଞ୍ଜୀକରଣ ଅବଧି ୫ଦିନ ବୃଦ୍ଧି କରାଯିବ ସମ୍ପର୍କରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସାମାଜିକ ଗଣମାଧ୍ୟମରେ ପ୍ରତିଶ୍ରୁତି ରଖିଥିଲା ବେଳେ ତାହା ମିଛ ପ୍ରତିଶ୍ରୁତି ଥିଲା କି? ତେଣୁ ବିଜେପି ନେତା ଶ୍ରୀ ପାତ୍ର ପ୍ରଥମେ ଏହି ପ୍ରଶ୍ନର ଜବାବ ରଖନ୍ତୁ ବୋଲି ଶ୍ରୀ ଜେନା କହିଥିଲେ। ଏହି ସମ୍ମିଳନୀରେ ଜିଲ୍ଲା କଂଗ୍ରେସର ସମ୍ପାଦକ ଶିଶିର ମହାପାତ୍ର, ମନ୍ଦାରସା ସାହି ସରପଞ୍ଚ ମମତା ସାହୁ, ନିମାତପୁର ସରପଞ୍ଚ ରାଜେନ୍ଦ୍ର ଦଳାଇ, ସମିତିସଭ୍ୟ ମହିଧର ଜେନା, ଦେବୀପ୍ରସାଦ ଗୋସ୍ୱାମୀ, ରାଧାଶ୍ୟାମ ପାତ୍ର, କପିଳ ନାଥ, ସୁନିଲ ମହାନ୍ତି ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

## ଭୁଜାଲି ଦେଖାଇ ସୁନା ଦୋକାନରୁ ଲୁଟ୍ ଉଦ୍ୟମ



ବାଲେଶ୍ୱର,୬।୬(ସମିସ): ସ୍ପଷ୍ଟ ଦିବାଲୋକରେ ସୁନା ଦୋକାନରୁ ଭୁଜାଲି ଦେଖାଇ ଲୁଟ୍ ଉଦ୍ୟମ ହୋଇଛି। ଦୋକାନୀ ପାଟିକରିବାରୁ କେବଳ ଦୋକାନୀଙ୍କ ମୋବାଇଲ ନେଇ ଦୁର୍ବୃତ୍ତମାନେ ଦୌଡ଼ି ପଳାଥିଲେ। ବାଲେଶ୍ୱର ଚାନ୍ଦିପୁର ଥାନା ପଟାପୋଲ ଛକ ନିକଟରେ ଥିବା ଏହି ସୁନା ଦୋକାନରୁ ଏଭଳି ସଶସ୍ତ୍ର ଡକାୟତି ଉଦ୍ୟମ ହୋଇଥିବା ସିସିଟିଭି ଫୁଟେଜ୍‌ରେ ଦୃଶ୍ୟ କଏଦ ହୋଇଛି। ତିନି ଜଣ ଲୁଟେରା ଲୁଟ୍ ଉଦ୍ୟମ କରିଥିଲେ। ଅଭିଯୋଗ ଅନୁସାରେ ଚାନ୍ଦିପୁର ପଟାପୋଲ ଅଞ୍ଚଳର ଗୋବିନ୍ଦ କାମିଲାଙ୍କ ପୁଅ ସଞ୍ଜିତ କାମିଲା ନିଜ ଘର ସମ୍ମୁଖରେ ଥିବା ଦୋକାନରେ ଥିଲେ। ପ୍ରଥମେ ଦୁଇଜଣ ଲୁଟେରା ସୁନା ଦୋକାନରେ ପଶି ସୁନାହାର ଦେଖାଇବାକୁ କହିଥିଲେ। ପରେ ଅନ୍ୟ ଜଣେ ଲୁଟେରା ଭିତରକୁ ଆଶି ମୋବାଇଲ ଫୋନ୍ ଉଠାଇନେଇ ଭୁଜାଲି ବାହାର କରି ତାଙ୍କୁ ଭୟଭୀତ କରାଇଥିଲା। ସଞ୍ଜିତ ଜୋରରେ ପାଟି କରି ନିଜ ଘର ଭିତରକୁ ଯିବାକୁ ଚେଷ୍ଟା କରିଥିବାବେଳେ ତାଙ୍କୁ ଲୁଟେରାମାନେ ମାଡ଼ିବସିଥିଲେ। ଠିକ ସେହି ସମୟରେ ତାଙ୍କ ଘର ଭିତରୁ ଅନ୍ୟ ଲୋକ ପହଞ୍ଚିଯିବାରୁ ତିନିଜଣ ଲୁଟେରା ଦୌଡ଼ି ପଳାଇଥିଲେ। ଏ ସମ୍ପର୍କରେ ଚାନ୍ଦିପୁର ଥାନାରେ ଏକ ଲିଖିତ ଅଭିଯୋଗ ପରେ ପୁଲିସ ଏହି ଘଟଣାରରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ହେଲେ ଚାନ୍ଦିପୁର ଥାନା ଅଞ୍ଚଳରେ ଦୈନିକ ବିଭିନ୍ନ ଅପରାଧ ଘଟୁଥିବାବେଳେ ଚାନ୍ଦିପୁର ପୁଲିସର ନିରବତା ସମ୍ପର୍କରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲୁଟେରାମାନଙ୍କୁ ତୁରନ୍ତ ଗିରଫ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ସାମଜସେବୀ ମନୋରଞ୍ଜନ ଦାସଙ୍କ ସ୍ମୃତିସଭା



ବାଲେଶ୍ୱର,୬।୬(ସମିସ): ରେମୁଣା ଅଞ୍ଚଳର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ମନୋରଞ୍ଜନ ଦାଶଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିସଭା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସଭାପତି ପ୍ରଶାନ୍ତ ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତି ସଭାରେ ତାଙ୍କ ଗୁଣାବଳୀ ଉପରେ ଆଲୋଚନା କରାଯାଇଥିଲା। ସ୍ମୃତିସଭାରେ ଅନ୍ୟମାନଙ୍କ ମଧ୍ୟରେ ଡ. ଭାଗବତ ପ୍ରସାଦ ଦାସ, ମଞ୍ଚର ସମ୍ପାଦକ ନିରଞ୍ଜନ ମହାରଣା, ରାମଚନ୍ଦ୍ର ବେହେରା, ପ୍ରଦୀପ କୁମାର ବେହେରା, ବରିଷ୍ଠ ସାମ୍ବାଦିକ ଗୋବିନ୍ଦଚନ୍ଦ୍ର ପାଢ଼ୀ, ବ୍ୟାକରଣବିତ ନିରଞ୍ଜନ ସାହୁ, ଚକ୍ରଧର ଦାସ, ଜୟନ୍ତ କୁମାର ବରାଳ, ମୃତ୍ୟୁଞ୍ଜୟ ପ୍ରଧାନ, କବୟତ୍ରୀ ବାସନ୍ତୀ ଦାସ, କୃଷ୍ଣ ମୋହନ ମହାରଣା ପ୍ରମୁଖଙ୍କ ଅନ୍ୟମାନେ ଯୋଗଦେଇ ତାଙ୍କର ସ୍ମୃତି ଚାରଣ କରିଥିଲେ।

## ଏଲିମେଣ୍ଟାରୀ ବିଏଡ୍ ଶିକ୍ଷକ ସଂଘ ପକ୍ଷରୁ ବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କାଳିପଦା,୬।୬(ସମିସ): ବାଲିଆପାଳ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ନବନିଯୁକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଉଷା ସେଠୀଙ୍କୁ ଶୁକ୍ରବାର ବାଲିଆପାଳ ଏଲିମେଣ୍ଟାରୀ ବିଏଡ୍ ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏଲିମେଣ୍ଟାରୀ ବିଏଡ୍ ଶିକ୍ଷକ ସଂଘର ସଭାପତି ମନୋରଞ୍ଜନ ପ୍ରଧାନ, ସମ୍ପାଦକ ନବୀନ କୁମାର ରଣା, ସଦସ୍ୟ ଦେବବ୍ରତ ଦାସ, ନିତିଶ ପାଲ, ପବିତ୍ର ପାତ୍ର, ବିଆରସିସି କମ୍ ଏବିଓ-ବଂଶୀଧର ନାୟକ, ଅଖିଳ ଭାରତୀୟ ଶୈକ୍ଷିକ ମହାସଂଘର ଜିଲ୍ଲା ସମ୍ପାଦକ ପ୍ରଦୀପ୍ତ ପାତ୍ର ପ୍ରମୁଖ ଉପସ୍ଥିତ ହୋଇ ନବ ନିଯୁକ୍ତ ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଶ୍ରୀମତୀ ସେଠୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହା ପୂର୍ବରୁ ଶ୍ରୀମତୀ ସେଠୀ ବାହାନଗା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଭାବରେ କାର୍ଯ୍ୟ ତୁଲାଇ ଆସିଥିଲେ। ଏହି ଅବସରରେ ଶ୍ରୀମତୀ ସେଠୀ ବାଲିଆପାଳରେ ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବାରେ ଚେଷ୍ଟିତ ରହିବେ ବୋଲି କହିଥିଲେ।

## ଆର୍‌ଓବି କାର୍ଯ୍ୟ ଆରମ୍ଭ ପାଇଁ ବରିଷ୍ଠ ନାଗରିକ ମଞ୍ଚର ଦାବି



ଜଳେଶ୍ୱର,୬।୬(ସମିସ)

ଜଳେଶ୍ୱର-ପଶ୍ଚିମବାଡ଼ ରାସ୍ତାର ରେଳ ଫାଟକ ନଂ-୪୬ ନିକଟରେ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ପାଇଁ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ସଭାପତି ଡ. ରମାକାନ୍ତ ଭଞ୍ଜଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜଳେଶ୍ୱର ଷ୍ଟେସନ ମ୍ୟାନେଜର ଚନ୍ଦନ କୁମାର ସିଂଙ୍କ ଜରିଆରେ ରେଳବାଇ ବିଭାଗକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ ଏହି ରେଳ ଅଭର ବ୍ରିଜ୍ ନିର୍ମାଣ ପାଇଁ ବରିଷ୍ଠ ନାଗରିକ ମଞ୍ଚର ଦାବିକୁ ଗ୍ରହଣ କରି ଭାରତ ସରକାରଙ୍କ ରେଳ ମନ୍ତ୍ରଣାଳୟ ରେଳ ବୋର୍ଡ ଚିଠି ନଂ ୨୦୨୫ ତା ୦୭-୦୧-୨୦୨୬ରିଖ ଓ ଦକ୍ଷିଣପୂର୍ବ ରେଳପଥ ଜେନେରାଲ ମ୍ୟାନେଜର, କଲିକତା କାର୍ଯ୍ୟାଳୟ ମୁଖ୍ୟଯନ୍ତ୍ରୀ ତା୨୭-୦୩-୨୦୨୬ରିଖରେ ବରିଷ୍ଠ ନାଗରୀକ ମଞ୍ଚକୁ ଚିଠି ପ୍ରଦାନ କରିଥିଲା। ମାତ୍ର ଦୀର୍ଘ ଦିନ ଅତିବାହିତ ପରେ ମଧ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଫଳରେ ଏହି ଫାଟକ ଦେଇ ଯାତାୟତ କରୁଥିବା ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ବ୍ରୀଜ କାର୍ଯ୍ୟ ଆରମ୍ଭ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପ୍ରତିନିଧି ଦଳରେ ମଞ୍ଚର ସମ୍ପାଦକ ଲଳିତ ରଞ୍ଜନ ସେନାପତିଙ୍କ ସହିତ ଉପସଭାପତି କପିଳେଶ୍ୱର ମହାନ୍ତି, ସହ ସମ୍ପାଦକ ଶ୍ରୀମନ୍ତ ଘୋଷ, ଉପଦେଷ୍ଟା ଶିକ୍ଷକ ନେତା ଖଗେନ୍ଦ୍ର ସାହୁ, ଶିକ୍ଷାବିତ୍ ଶ୍ୟାମାଚରଣ ଦାସ, ସମାଜସେବୀ ଦିଲ୍ଲୀପ କୁମାର ଗିରି, ପ୍ରଶାନ୍ତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଚର୍ଚ୍ଚ ପ୍ରପର୍ଟିର ଆସୋସିଏସନର ଭୂସମ୍ପତି ମାଲିକାନାକୁ ନେଇ ବିବାଦ

ବାଲେଶ୍ୱର,୬।୬(ସମିସ)

ସହରରେ ଜବରଦଖଲ ଉଚ୍ଛେଦ ପରେ ବାପ୍‌ଟିଷ୍ଟ ଚର୍ଚ୍ଚ ପ୍ରପର୍ଟି ଆସୋସିଏସନର ଜମି ଉପରେ ଥିବା ଦୋକାନ ଘର ଭଙ୍ଗା ଯିବାକୁ ନେଇ ଖ୍ରୀଷ୍ଟିଆନ ସର୍ଭିସ ସୋସାଇଟିର ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ନିକଟରେ ଆପତ୍ତି ଜଣାଇଥିଲା। ତେବେ ଏହି ପ୍ରତିନିଧି ଦଳର ନେତୃତ୍ୱ ନେଇଥିବା ସଞ୍ଜୀବ କୁମାର ନାୟକଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି ୨୦୧୫ରୁ ଅଦ୍ୟାବଧି ସୋସାଇଟିର ସମ୍ପାଦକ ଦାୟିତ୍ୱ ତୁଲାଉଥିବା ଡାନିଏଲ ଆସୋସିଏସନର ଆଟର୍ଣ୍ଣି ହୋଲଡର ଭାବେ ପରିଚୟ ଦେଉଥିବା ଶ୍ରୀ ନାୟକଙ୍କର ସମସ୍ତ ତଥ୍ୟ ମିଥ୍ୟା ଓ କପୋଳକଳ୍ପିତ ଏବଂ ଆସୋସିଏସନ ବା ସୋସାଇଟିରେ ତାଙ୍କର କୌଣସି ଭୂମିକା କି ଦାୟିତ୍ୱ ନାହିଁ। ବାଲେଶ୍ୱର ସହରର ଭାସ୍କରଗଞ୍ଜ ମୌଜା ସ୍ଥିତ ଖାତା ନଂ ୧୫୧ ଓ ଖସଡ଼ା ନଂ ୪୭୫ର ଭୂସମ୍ପତ୍ତି ଉପରେ ଶ୍ରୀ ନାୟକଙ୍କ କୌଣସି ଆଇନଗତ ଅଧିକାର ନାହିଁ। ଅନ୍ୟପକ୍ଷରେ ବାଲେଶ୍ୱର ସବ୍ ଜଜ୍‌ଙ୍କ ଅଦାଲତରେ ଦେୱାନ ମୋକଦ୍ଦମା ନଂ ୩୬୫/୨୦୦୨ ଓ ମିଶ୍ କେସ୍ ନଂ ୯୫/୨୦୦୩ର ବିଚାରରେ ୧୫୧ନଂ ଖାତାରେ ଥିବା ସମ୍ପତ୍ତି ସହିତ ଓ ଖସଡା ନଂ ୪୭୫ରେ ଥିବା ଦୋକାନ ଘର ଗୁଡିକୁ ବିକ୍ରୟ କରି ଦେଇଥିଲେ, ଯାହା ବିରୋଧରେ ମାଲିକାନାକୁ ନେଇ ଏଯାବତ ମାମଲା ଅଦାଲତଙ୍କ ବିଚାରାଧୀନ ରହିଛି। ତେଣୁ ପ୍ରଶାସନ ପକ୍ଷରୁ ଦୋକାନ ଘର ଭଙ୍ଗା ଘଟଣା ଉପରେ ପ୍ରତିକ୍ରିୟା ରଖିବା ନେଇ ସୋସାଇଟିର କୌଣସି ଅଧିକାର ନାହିଁ। ମାତ୍ର ବାଲେଶ୍ୱରର କେତେକ ଖ୍ରୀଷ୍ଟିଆନ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ସହଯୋଗରେ ନିଜକୁ ଆଟର୍ଣ୍ଣି ହୋଲଡର ଦର୍ଶାଇ ଶ୍ରୀ ନାୟକ ବିଭିନ୍ନ ପ୍ରକାର ନୋଟିସ ପଠାଇବା ଓ ଏକାଧିକ ସ୍ଥାନରେ ଥିବା ଦୋକାନ ଘରୁ ଭଡା ଆଦାୟ କରି ଅସାଧୁ ଉପାୟରେ ଅର୍ଥ ଉପାର୍ଜନର ଉଦ୍ୟମ ଚଳାଇବା ସମ୍ପୂର୍ଣ୍ଣ ବେଆଇନ




**ଅସାଧୁ ଉପାୟରେ ଅର୍ଥ ଉପାର୍ଜନ ଉଦ୍ୟମକୁ ବିରୋଧ**

ବୋଲି ସୋସାଇଟିର କର୍ମକର୍ତାମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଅବଗତ ଦାସ। ଏ ନେଇ ସୋସାଇଟିର କର୍ମକର୍ତ୍ତାମାନେ ସ୍ଥାନୀୟ ଫକୀର ମୋହନ ଗୋଲେଇ ଠାରେ ଏକତ୍ରିତ ହୋଇ ଶ୍ରୀ ନାୟକଙ୍କ ବେଆଇନ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ବେଙ୍ଗଲ, ଓଡ଼ିଶା ଓ ଝାଡ଼ଖଣ୍ଡ ରାଜ୍ୟ ଅନ୍ତର୍ଗତ ବାପଟିଷ୍ଟ ମହାସଭାର ଖ୍ରୀଷ୍ଟିଆନ ସର୍ଭିସ ସୋସାଇଟି ସହଯୋଗରେ ଗଠିତ ଆସୋସିଏସନ ସମ୍ପୃକ୍ତ ରାଜ୍ୟଗୁଡିକରେ ବାପ୍‌ଟିଷ୍ଟ ଚର୍ଚ୍ଚ ପ୍ରାଇଭେଟ ଲିମିଟେଡ, ମାଡ୍ରାସଙ୍କ ସମସ୍ତ ଭୂସମ୍ପତିରେ ସୁରକ୍ଷା କରିଥାଏ। ଏହାର ସୁଯୋଗ ନେଇ ନିଜକୁ ୨୦୦୫ ମସିହାରେ ଆସୋସିଏସନର ତତ୍କାଳୀନ ପାୱାର ଅଫ୍ ଆଟର୍ଣ୍ଣି ଭରତ ଠକ୍କର ବେଆଇନ ଭାବେ ଖାତା ନଂ ୧୫୧ ବାପ୍‌ଟିଷ୍ଟ ଚର୍ଚ୍ଚର ଅନ୍ୟାନ୍ୟ ସମ୍ପତ୍ତିରେ ଶ୍ରୀ ନାୟକଙ୍କ କୌଣସି ପ୍ରକାର ହସ୍ତକ୍ଷେପ ଉପରେ ଅଦାଲତ ନିଷେଧାଜ୍ଞା ଜାରି କରିଛନ୍ତି। ସେହି କ୍ରମରେ କଚେରୀ ରୋଡ ସ୍ଥିତ ଇମାନୁଏଲ ମାର୍କେଟ କମ୍ପ୍ଲେକ୍ସ ଓ ମିଶନ ବାଳକ ବିଦ୍ୟାଳୟ ପରିସରରେ ଥିବା ସମସ୍ତ ଭୂସମ୍ପତ୍ତି ଉପରେ ମଧ ନିଷେଧାଜ୍ଞା ଏଯାବତ ବଳବତ୍ତର ରହିଛି ବୋଲି ସମ୍ପାଦକ ଶ୍ରୀ ଦାସ ସୂଚନା ଦେଇଛନ୍ତି। ନିମନ୍ତେ ଖ୍ରୀଷ୍ଟିଆନ ସର୍ଭିସ ସୋସାଇଟି ପକ୍ଷରୁ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ରାଜକୁମାର ଦାସ, ଲୋକରଞ୍ଜନ ଦାସ, ପ୍ରିୟାଂଶୁ ରଞ୍ଜନ ସାହା, ପ୍ରଶାନ୍ତ କୁମାର ଦାସ, ସାମୁଏଲ ସିଂହ, ଜେମ୍‌ସ ରଞ୍ଜନ ସିଂହ, ସନ୍ଦୀପ ସିଂହ, ସୂରଜ ସିଂହ, ସାଗର ରଞ୍ଜନ ସିଂହ, ସୁମିତ ରଞ୍ଜନ ସିଂହ, ଅମୂଲ୍ୟ କୁମାର ଦାସ, ଆଦିତ୍ୟ ଦାସ, ସୁପ୍ରକାଶ ସାହା, ନିରୋଜ କୁମାର ସେନ ପ୍ରମୁଖ ଏହି ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ଅମୃତ ବିହାର ଦକ୍ଷତା ବିକାଶ କର୍ମଶାଳା ଉଦ୍‌ଘାଟିତ

ବାଲେଶ୍ୱର,୬।୬(ସମିସ): ଅଖିଳ ଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନର ଅମୃତବାଣୀ ଆଦର୍ଶ ଶୋଧ ସଂସ୍ଥାନ ଆନୁକୂଲ୍ୟରେ ନୀଳଗିରି ଅମୃତବିହାର ପରିସରରେ ଏକ ଦକ୍ଷତା ବିକାଶ କର୍ମଶାଳା ଅଧ୍ୟକ୍ଷ ଡ କୁମାରଚନ୍ଦ୍ର ମିଶ୍ରଙ୍କ ପୌରହିତ୍ୟରେ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସିଦ୍ଧି ବିନାୟକ ସ୍କୁଲର ଅଧ୍ୟକ୍ଷ ସୁଧାଂଶୁ କୁମାର ପଣ୍ଡା ଯୋଗଦେଇ ସଂସ୍କୃତ ଭାଷାରେ ଦକ୍ଷତା ବିକାଶ ପାଇଁ ଏହି ଶିବିର ଅତ୍ୟନ୍ତ ଉପାଦେୟ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରତିଭାଶ୍ରୀର ମୁଖ୍ୟ କବି ପ୍ରଶାନ୍ତ ଦାସ ଯୋଗଦେଇ ଆଧୁନିକ ପ୍ରଯୁକ୍ତି ବିଦ୍ୟା ଯୁଗରେ ସଂସ୍କୃତର ପ୍ରାସଙ୍ଗିକତା ଏବେ ମଧ ଅନୁଭୂତ ହେଉଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଆରଟି ଆଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା ଯୋଗଦେଇ କେବଳ ଭାରତୀୟ ଭାଷା ଭାବେ ନୁହେଁ ସଂସ୍କୃତ ଭାଷା ସମଗ୍ର ବିଶ୍ୱକୁ



ଆଲୋକ ପ୍ରଦାନକାରୀ ଭାଷା ଭାବେ ଏକ ସ୍ୱତନ୍ତ୍ର ପରିଚୟ ରଖିଛି ବୋଲି କହିଥିଲେ। ଅମୃତବାଣୀ ଗୁରୁକୁଳର ପ୍ରଧାନ ଆଚାର୍ଯ୍ୟା ମୀନାରାଣୀ ପାଲିତ, ଅମୃତବାଣୀ ଆଦର୍ଶ ଶୋଧ ସଂସ୍ଥାର ସହ ନିର୍ଦ୍ଦେଶକ ଡ ଭୋଳାନାଥ ଦାଶ, ଡ. ମୀତାରାଣୀ ଦାଶ, ବେଦ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତପନ କୁମାର ପଣ୍ଡା, ଅରୁଣ କୁମାର ରଥ, ଦୁଲାଲ କୁମାର ମିଶ୍ର, ଡ ନାରାୟଣ ସାମାଇ, ତପସ୍ୱିନୀ ଦାଶ, ସତ୍ୟନାରାୟଣ ଷଡଙ୍ଗୀ, ଜ୍ଞାନରଞ୍ଜନ ବେହେରା, ଲମ୍ବୋଦାର ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅମୃତବାଣୀର ମହାସଚିବ ଜୟପ୍ରକାଶ ଶାସ୍ତ୍ରୀ ଧନ୍ୟବାଦ ଦେଇଥିଲେ। ଏହି ଶିବିରରେ ଓଡ଼ିଶା ତଥା ଓଡ଼ିଶା ବାହାରୁ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ଫାଇଲେରିଆ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଉଦ୍‌ଯାପିତ

କାଳିପଦା,୬।୬(ସମିସ): ରାଜ୍ୟ ସରାକରଙ୍କ ଫାଇଲେରିଆମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଶନିବାର ବାଲିଆପାଳ ବ୍ଲକ୍ ଅନ୍ତର୍ଗତ ମଧୁପୁରା ପଞ୍ଚାୟତର ପଞ୍ଚରୁଖିରେ ଉଦ୍‌ଯାପିତ ହୋଯାଇଛି। ରାଜ୍ୟରୁ ଫାଇଲେରିଆ ରୋଗର ମୂଳ ଉତ୍ପାଟନ କରିବା ଲକ୍ଷ୍ୟ ରଖି ଚଳିତ ମାସ ପହିଲାରୁ ଜମ୍ବିରାଇ, ପଞ୍ଚୁପାଲି, ବେତଗଡ଼ିଆରୁ କ୍ରମାନ୍ୱୟରେ ରକ୍ତ ନମୁନା ସଂଗ୍ରହ ଆରମ୍ଭ ହୋଇ ଛଅ ତାରିଖ ମଧୁପୁରା ପଞ୍ଚାୟତର ପାଞ୍ଚରୁଖିରେ ଶେଷ ହୋଇଛି। ରକ୍ତ ନମୁନା ପରୀକ୍ଷା ପରେ ଫାଇଲରିଆ ମୁକ୍ତ ରାଜ୍ୟ ଗଠନ ପାଇଁ ଲୋକମାନଙ୍କୁ ମାଗଣା ଔଷଧ ବଣ୍ଟନ କରାଯିବ। ଶ୍ରୀରାମପୁର ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ଅଜୟ କୁମାର ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଫାଇଲେରିଆ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଲାବୋରେଟୋରି ଟେକ୍ନିସିୟାନ ରବି ନାରାୟଣ ଭଞ୍ଜ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ଶୁଭଶ୍ରୀ ସାହୁ ପ୍ରମୁଖ ପାଞ୍ଚାରୁଖି ଗ୍ରାମରେ ୨ ଦିନିଆ ଅସ୍ଥାୟୀ ସ୍ୱାସ୍ଥ୍ୟ କ୍ୟାମ୍ପ କରି ରାତିରେ ଲୋକଙ୍କ ଠାରୁ ରକ୍ତ ନମୁନା ସଂଗ୍ରହ କରିଥିଲେ। ଏହି କାର୍ଯ୍ୟର ତଦାରଖ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏନଥୋଲୁଜିଷ୍ଟ ଜ୍ୟୋତିରଞ୍ଜନ କର ନିଜ ଟିମ ମେମ୍ବରମାନଙ୍କ ସହିତ କ୍ୟାମ୍ପରେ ପହଞ୍ଚି କାର୍ଯ୍ୟ ତଦାରଖ କରିବା ସହିତ ରାଜ୍ୟକୁ ଫାଇଲେରିଆ ମୁକ୍ତ କରିବା ପାଇଁ ଫାଇଲେରିଆ ପ୍ରବଣ ଗ୍ରାମ ଗୁଡ଼ିକରେ ସମସ୍ତଙ୍କ ରକ୍ତ ନମୁନା ପରୀକ୍ଷା କରିବା ଆବଶ୍ୟକ ରହିଛି ବୋଲି ଲୋକଙ୍କୁ ସଚେତନ କରାଇଥିଲେ।



**ଅନ୍ଧାରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର**

# ଜଳୁନି ଷ୍ଟ୍ରିଟ୍ ଲାଇଟ୍; ଜମୁଛି ଅସାମାଜିକଙ୍କ ଆଡ୍ଡା

ବାଲେଶ୍ୱର,୬।୬(ସମିସ)

ଯେଉଁଠାରୁ ସମଗ୍ର ଜିଲ୍ଲାର ପ୍ରଶାସନିକ କାର୍ଯ୍ୟ ନିୟନ୍ତ୍ରିତ ହୁଏ, ଯେଉଁଠାରୁ ଉନ୍ନୟନ, ଆଇନଶୃଙ୍ଖଳା ଓ ସରକାରୀ କାର୍ଯ୍ୟକ୍ରମର ତଦାରଖ କରାଯାଏ, ସେହି କାର୍ଯ୍ୟାଳୟ ପରିସର ଏବେ ଅବ୍ୟବସ୍ଥା, ଅବହେଳା ଓ ଅସୁରକ୍ଷିତ ସ୍ଥାନର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛି। ଦିନରେ ସରକାରୀ ଗାଡ଼ି, ଅଧିକାରୀ ଓ ଜନସାଧାରଣଙ୍କ ଗହଳିରେ ରହୁଥିବା ଏହି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସନ୍ଧ୍ୟା ହେଲେ ଅନ୍ଧାରରେ ରହୁଛି। ଏହି ଅନ୍ଧାରର ସୁଯୋଗ ନେଇ ଆସାମାଜିକ ବ୍ୟକ୍ତିମାନେ ସକ୍ରିୟ ହେଉଥିବା ଅଭିଯୋଗ ଉଠିଛି। କାର୍ଯ୍ୟାଳୟ ପରିସର ଭିତରେ ଥିବା ଅନେକ ଷ୍ଟ୍ରିଟ୍ ଲାଇଟ୍ ଦୀର୍ଘଦିନ ଧରି ଅଚଳ ହୋଇ ପଡ଼ିଥିବା ବେଳେ, ବିଦ୍ୟୁତ୍ ଖୁଣ୍ଟ ଓ ତାର ଉପରେ ଗଛଲତା ମାଡ଼ି ଗଲାଣି। ଅନେକ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ଦୀର୍ଘଦିନ ଧରି ବଡ଼ ବଡ଼ ଗଛ ଡାଳ ବିଦ୍ୟୁତ୍ ତାର ଉପରେ ଝୁଲି ରହିଥିବାରୁ ଯେ କୌଣସି ମୁହୂର୍ତ୍ତରେ ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ସୃଷ୍ଟି ହୋଇଛି। ବର୍ଷା ଓ ପବନ ସମୟରେ ଏହି ଅବସ୍ଥା ଆହୁରି ଭୟଙ୍କର ରୂପ ନେଇପାରେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରି ଅତି ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ସରକାରୀ ସ୍ଥାନରେ ମୌଳିକ ସୁରକ୍ଷା ଓ ଆଲୋକୀକରଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିବା ଅତ୍ୟନ୍ତ ଚିନ୍ତାଜନକ। ସନ୍ଧ୍ୟା ପରେ ଏହି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ଅନ୍ଧାର ରହୁଥିବାରୁ ବିଭିନ୍ନ ନିର୍ଜନ ସ୍ଥାନରେ ଆସାମାଜିକ ବ୍ୟକ୍ତିଙ୍କ ଭିଡ଼ ଜମୁଥିବା, ନିଶାସେବନ ଓ ଅନ୍ୟାନ୍ୟ ସନ୍ଦେହଜନକ କାର୍ଯ୍ୟକଳାପ ଚାଲୁଥିବା ନେଇ ସ୍ଥାନୀୟ ମହଲରେ ଆଲୋଚନା ଜୋର ଧରିଛି। ଯଦି ଏହି ଅଭିଯୋଗ ସତ୍ୟ, ତେବେ ଏହା ପ୍ରଶାସନିକ ବ୍ୟବସ୍ଥା ପ୍ରତି ଏକ ଗୁରୁତର ପ୍ରଶ୍ନ ସୃଷ୍ଟି କରୁଛି। ଯେତେବେଳେ ଜିଲ୍ଲାର ସର୍ବୋଚ୍ଚ ପ୍ରଶାସନିକ କାର୍ଯ୍ୟାଳୟ ପରିସର ନିଜେ



ଅନ୍ଧାରରେ ବୁଡି ରହିଛି, ସେତେବେଳେ ଜିଲ୍ଲାର ଅନ୍ୟାନ୍ୟ ସରକାରୀ ପ୍ରତିଷ୍ଠାନର ଅବସ୍ଥା କିପରି ଥିବ? ସରକାରୀ ଅର୍ଥରେ ନିର୍ମିତ ଓ ରକ୍ଷଣାବେକ୍ଷଣ ହେଉଥିବା ଏହି ପରିସରରେ ଯଦି ଲାଇଟ୍ ଜଳୁନାହିଁ, ବିଦ୍ୟୁତ୍ ତାର ବିପଦଜନକ ଅବସ୍ଥାରେ ରହିଛି ଓ ନିୟମିତ ସଫେଇ ହେଉନାହିଁ, ତେବେ ଏହା କାହାର ବିଫଳତା? ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରର ଆଲୋକୀକରଣ ଓ ରକ୍ଷଣାବେକ୍ଷଣ ପାଇଁ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହେଉଛି। ତେବେ ସେହି ଅର୍ଥ କେଉଁଠି ଖର୍ଚ୍ଚ ହେଉଛି? କାହିଁକି ଅଚଳ ଲାଇଟ୍ ମରାମତି ହେଉନାହିଁ? କାହିଁକି ବିପଦଜନକ ଗଛ ଡାଳ ଓ ଲତା ହଟାଯାଉନାହିଁ? ଏହାର ଉତ୍ତର ଦେବାକୁ ପ୍ରଶାସନ ବାଧ ବୋଲି ସାଧାରଣରେ ଦାବି ହେଉଛି। କୌଣସି ଅଘଟଣ ଘଟିବା ପରେ ପଦକ୍ଷେପ ନେବା ପରିବର୍ତ୍ତେ ଏବେଠାରୁ ସଚେତନ ହେବା ଆବଶ୍ୟକ ବୋଲି ଜନସାଧାରଣରେ ମତ ପ୍ରକାଶ ପାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ତୁରନ୍ତ ଆଲୋକୀକରଣ ବ୍ୟବସ୍ଥା ସୁଧାର, ବିପଦଜନକ ଗଛ ଡାଳ ହଟାଇବା, ସିସିଟିଭି ବ୍ୟବସ୍ଥା ଏବଂ ନିୟମିତ ସୁରକ୍ଷା ପାଟ୍ରୋଲିଂ କରାନଗଲେ ଆଗାମୀ ଦିନରେ ଏହି ପରିସ୍ଥିତି ଆହୁରି ସଙ୍ଗୀନ ହୋଇପାରେ।ଜିଲ୍ଲାର ସର୍ବୋଚ୍ଚ କାର୍ଯ୍ୟାଳୟ ଯେତେବେଳେ ଅନ୍ଧାରରେ, ସେତେବେଳେ ଜନସାଧାରଣଙ୍କ ସୁରକ୍ଷା ନେଇ ପ୍ରଶାସନର ବ୍ୟବସ୍ଥା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ

# ଆୟରଙ୍କୁ ନେତୃତ୍ୱ; ସୂର୍ଯ୍ୟବଂଶୀଙ୍କୁ ସୁଯୋଗ

ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ଆଗାମୀ ଦିନରେ ଖେଳାଯିବାକୁ ଥିବା ଏକାଧିକ ଟି-୨୦ ପ୍ରତିଯୋଗିତା ଲାଗି ଶନିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ବିସିସିଆଇ ସିନିଅର ଚୟନ କମିଟି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ଟି-୨୦ ଦଳର ନିୟମିତ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ଦଳରୁ ବାଦ୍ ଦେଇଛି। ତାଙ୍କ ସ୍ଥାନରେ ଶ୍ରେୟସ ଆୟରଙ୍କୁ ସଂକ୍ଷିପ୍ତ ଫର୍ମାଟ୍‌ରେ ଭାରତର ନୂଆ ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ଆଇପିଏଲ୍ ତାରକା ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ରଥମଥର ଲାଗି ଭାରତୀୟ ସିନିଅର ଦଳରେ ସାମିଲ କରାଯାଇଛି।





ଚଳିତ ମାସ ଶେଷ ଭାଗରେ ଆୟର୍ଲାଣ୍ଡ ଓ ପରେ ଇଂଲଣ୍ଡ ବିପକ୍ଷରେ ଟି-୨୦ ସିରିଜ ଖେଳିବ। ଏହି ଦୁଇଟି ସିରିଜ ଲାଗି ୧୬ ଜଣିଆ ଭାରତୀୟ ଦଳ ଘୋଷଣା ହୋଇଛି। ସୂର୍ଯ୍ୟକୁମାରଙ୍କୁ ବାଦ୍ ଦିଆଯାଇ ତାଙ୍କ ସ୍ଥାନରେ ଆୟରଙ୍କୁ ଟି-୨୦ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ସେହିଭଳି ଅନ୍ୟତମ ମଧ୍ୟକ୍ରମ ବ୍ୟାଟର ତିଲକ ବର୍ମା ଉପ-ଅଧିନାୟକ ନିଯୁକ୍ତ ହୋଇଛନ୍ତି। ନିକଟରେ ଆଇପିଏଲ୍‌ରେ ବିଧ୍ୱଂସୀ ବ୍ୟାଟିଂ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ସୂର୍ଯ୍ୟବଂଶୀଙ୍କୁ ଚୟନକର୍ତ୍ତାମାନେ ନିରାଶ କରିନାହାନ୍ତି। ଆଶାନୁଯାୟୀ ତାଙ୍କୁ ପ୍ରଥମଥର ସିନିଅର ଦଳରେ ସାମିଲ କରାଯାଇଛି। ସେ ଅଭିଷେକ ଶର୍ମାଙ୍କ ସହ ଇନିଂସ ଓପନ୍ କରିବା ନିଶ୍ଚିତ ହୋଇଛି। ସେହିଭଳି ଦଳରେ ଦୁଇଜଣ ୱିକେଟ୍‌କିପର ଭାବେ ଅଭିଜ୍ଞ ସଞ୍ଜୁ ସାମସନଙ୍କ ସହ ବିସ୍ଫୋରକ ଇଶାନ କିଶାନଙ୍କୁ ମଧ୍ୟ ଦଳରେ ନିଆଯାଇଛି। ଶିଭମ ଦୁବେ, ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର ଓ ଅକ୍ଷର ପଟେଲ ଅଲ୍‌ରାଉଣ୍ଡର ଭାବେ ଦଳରେ ସ୍ଥାନ ପାଇଛନ୍ତି। ଅର୍ଶଦୀପ୍ ସିଂହ, ମହମ୍ମଦ ସିରାଜ, ହର୍ଷିତ ରାଣାଙ୍କ ସହ ଆଇପିଏଲ୍ ତାରକା ପ୍ରିନ୍ସ ଯାଦବ ପେସ୍ ବୋଲିଂ ଭାର ସମ୍ଭାଳିବେ। ରବି ବିଷ୍ଣୋଇ ଓ ବରୁଣ ଚକ୍ରବର୍ତ୍ତୀ ସ୍ପେଶାଲ ସ୍ପିନର ଭାବେ ଆୟର୍ଲାଣ୍ଡ ଓ ଇଂଲଣ୍ଡ ଗସ୍ତ କରିବେ।

ଉଲ୍ଲେଖଯୋଗ୍ୟ, ଭାରତୀୟ ଦଳ ପ୍ରଥମେ ଆୟର୍ଲାଣ୍ଡ ଗସ୍ତରେ ଯାଇ ସେଠାରେ ଜୁନ ୨୬ ଓ ୨୮ରେ ଘରୋଇ ଦଳ ବିପକ୍ଷରେ ଦୁଇଟି ଟି-୨୦ ମ୍ୟାଚ୍ ଖେଳିବ। ଏହି ଦୁଇଟି ମ୍ୟାଚ୍ ବେଲ୍‌ଫାଷ୍ଟରେ ଖେଳାଯିବ। ସେଠାରୁ ଭାରତୀୟ ଦଳ ଇଂଲଣ୍ଡ ଗସ୍ତରେ ଯାଇ ପାଞ୍ଚଟି ଟି-୨୦ ମ୍ୟାଚ୍ ଘରୋଇ ଦଳ ବିପକ୍ଷରେ ଖେଳିବାର କାର୍ଯ୍ୟସୂଚୀ ରହିଛି। ଜୁଲାଇ ୧ରୁ ୧୧ ତାରିଖ ମଧ୍ୟରେ ଏହି ପାଞ୍ଚଟି ମ୍ୟାଚ୍ ଖେଳାଯିବ।

### ଆୟର୍ଲାଣ୍ଡ ଓ ଇଂଲଣ୍ଡ ଟି-୨୦ ସିରିଜ ଲାଗି ଘୋଷିତ ଦଳ

ଶ୍ରେୟସ ଆୟର (ଅଧିନାୟକ), ତିଲକ ବର୍ମା (ଉପ-ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଇଶାନ କିଶାନ (ଉଭୟ ୱିକେଟ୍‌କିପର), ଶିଭମ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ବୈଭବ ସୂର୍ଯ୍ୟବଂଶୀ, ରବି ବିଷ୍ଣୋଇ, ମହମ୍ମଦ ସିରାଜ, ହର୍ଷିତ ରାଣା, ଅର୍ଶଦୀପ ସିଂହ ଓ ପ୍ରିନ୍ସ ଯାଦବ।

## ଏସୀୟ କ୍ରୀଡ଼ା ଦଳରେ ବୁମରା

ନୂଆଦିଲ୍ଲୀ, ୬।୬ (ଏଜେନ୍ସି): ଆଗାମୀ ଏସୀୟ କ୍ରୀଡ଼ା ଲାଗି ମଧ୍ୟ ଶନିବାର ଭାରତୀୟ ଟି-୨୦ ଦଳ ଘୋଷଣା କରାଯାଇଛି। ସେପ୍ଟେମ୍ବର ୧୯ରୁ ଜାପାନରେ ଆରମ୍ଭ ହେବାକୁ ଥିବା ଏହି ମେଗା ପ୍ରତିଯୋଗିତା ଲାଗି ଶ୍ରେୟସ ଆୟରଙ୍କୁ ମଧ୍ୟ ୧୫ ଜଣିଆ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଏହି ଦଳରେ ମଧ୍ୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ସୁଯୋଗ ମିଳିଛି। ସେହିଭଳି ଆୟର୍ଲାଣ୍ଡ ଓ ଇଂଲଣ୍ଡ ସିରିଜରେ ସ୍ଥାନ ପାଇ ନ ଥିବା ବରିଷ୍ଠ ଦ୍ରୁତ ବୋଲର ଯଶପ୍ରୀତ ବୁମରାଙ୍କୁ କିନ୍ତୁ ଏସୀୟ କ୍ରୀଡ଼ା ଲାଗି ଦଳରେ ନିଆଯାଇଛି। ୨୦୨୩ରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ ଭାରତୀୟ ଦଳ ଋତୁରାଜ ଗାଏକୱାଡଙ୍କ ନେତୃତ୍ୱରେ ଚାମ୍ପିଅନ ହୋଇଥିଲା। ତେଣୁ ଏଥର ଟାଇଟଲ୍ ବଜାୟ ରଖିବାକୁ ଆୟରଙ୍କ ଦଳ ଚେଷ୍ଟା କରିବ। ଭାରତ ବ୍ୟତୀତ ଆଫଗାନିସ୍ତାନ, ବାଂଲାଦେଶ, ପାକିସ୍ତାନ, ଶ୍ରୀଲଙ୍କା ଓ ଆୟୋଜକ ଜାପାନ ଏଥର ଏସୀୟ କ୍ରୀଡ଼ା ଟାଇଟଲ୍ ଲାଗି ଲଢ଼େଇ କରିବେ।

### ଏସୀୟ କ୍ରୀଡ଼ା ଲାଗି ଭାରତୀୟ ଦଳ

ଶ୍ରେୟସ ଆୟର (ଅଧିନାୟକ), ତିଲକ ବର୍ମା (ଉପ-ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଇଶାନ କିଶାନ (ଉଭୟ ୱିକେଟ୍‌କିପର), ଶିଭମ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ବୈଭବ ସୂର୍ଯ୍ୟବଂଶୀ, ରବି ବିଷ୍ଣୋଇ, ଯଶପ୍ରୀତ୍ ବୁମରା, ହର୍ଷିତ ରାଣା, ଅର୍ଶଦୀପ ସିଂହ।

## ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟ

# ରାହୁଲ, ଗିଲ୍‌ଙ୍କ ଶତକ; ଭାରତର ଦୃଢ଼ ବ୍ୟାଟିଂ





ମୁଲାନପୁର, ୬।୬ (ଏଜେନ୍ସି): ନ୍ୟୁ ଚଣ୍ଡିଗଡ଼ସ୍ଥିତ ମହାରାଜ ଯାଦବୀନ୍ଦର ସିଂହ ଷ୍ଟାଡିୟମରେ ଶନିବାରଠାରୁ ଘରୋଇ ଭାରତ ଓ ଭ୍ରମଣକାରୀ ଆଫଗାନିସ୍ତାନ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ଅଧିନାୟକ ଶୁବମନ ଗିଲ୍ ଓ ଉପ-ଅଧିନାୟକ ଲୋକେଶ ରାହୁଲଙ୍କ ଶତକ ବଳରେ ପ୍ରଥମ ଦିନରେ ଦମ୍‌ଦାର ପ୍ରଦର୍ଶନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଭାରତ ୮୫ ଓଭରରେ ୩ ୱିକେଟ ହରାଇ ୩୬୮ ରନ କରି ବିଶାଳ ସ୍କୋର ଅଭିମୁଖେ ଅଗ୍ରସର ହେଉଛି। ଖେଳ ଶେଷବେଳକୁ ଗିଲ୍ ୧୦୩ ଓ ୱିକେଟ୍‌କିପର ଋଷଭ ପନ୍ତ ୫୦ ରନ (୭୦ ବଲ୍, ୨ ଚୌକା ଓ ୩ ଛକା) କରି ଅପରାଜିତ ରହିଛନ୍ତି। ଆଇପିଏଲ୍‌ର ଫର୍ମକୁ ବଜାୟ ରଖିଥିବା ଗିଲ୍ ଏଠାରେ ଟେଷ୍ଟ କ୍ୟାରିୟରର ୧୧ତମ ଶତକ ହାସଲ କରିଛନ୍ତି। ୧୪୩ ବଲ୍‌ର ଏହି ପାଳିରେ ସେ ୧୧ଟି ଚୌକା ଓ ଗୋଟିଏ ଛକା ମାରିଛନ୍ତି। ଅସମାପ୍ତ ୪ର୍ଥ ୱିକେଟ ଭାଗୀଦାରିରେ ଗିଲ୍ ଓ ପନ୍ତ ୧୪୮ ବଲରୁ ୧୨୧ ରନ ଉଠାଇଥିଲେ। ଫଳରେ ଦଳୀୟ ସ୍କୋର ୩୫୦ ରନ ଅତିକ୍ରମ କରିଥିଲା।

ଅନ୍ୟମାନଙ୍କ ମଧ୍ୟରେ ଓପନର୍ ଲୋକେଶ ରାହୁଲ ମଧ୍ୟ ୧୧ଟି ଚୌକା ମାଧ୍ୟମରେ ଠିକ୍ ୧୦୦ ରନ କରିବା ପରେ ଜିଆଉର ରହମାନ ଶାରିଫିଙ୍କ ବଲରେ ଆଉଟ୍ ହୋଇଥିଲେ। ଟେଷ୍ଟରେ ରାହୁଲଙ୍କ ଏହା ୧୨ତମ ଶତକୀୟ ପାଳି ଥିଲା। ରାହୁଲଙ୍କ ଓପନିଂ ପାର୍ଟନର ଯଶସ୍ୱୀ ଜୟସ୍ୱାଲ କିନ୍ତୁ ନିରାଶ କରିଛନ୍ତି। ପାଞ୍ଚଟି ଚୌକା ସହାୟତାରେ ୩୨ ବଲରୁ ୨୪ ରନ କରି ଜୟସ୍ୱାଲ ଆଉଟ୍ ହୋଇଥିଲେ। ତେବେ ବ୍ୟାଟିଂକ୍ରମର ୩ୟ ସ୍ଥାନରେ ସୁଯୋଗ ପାଇଥିବା ସାଇ ସୁଦର୍ଶନ ମଧ୍ୟ ୮୧ ରନର ଦର୍ଶନୀୟ ପାଳି ଖେଳି ଦଳକୁ ବଡ଼ ସ୍କୋର ଦେବାରେ ସହାୟତା କରିଥିଲେ। ୧୦୪ ବଲର ଏହି ପାଳିରେ ସୁଦର୍ଶନ ୧୩ଟି ଚୌକା ମାରିଥିଲେ। ଭ୍ରମଣକାରୀ ଆଫଗାନିସ୍ତାନ ବୋଲରମାନେ ପ୍ରଥମ ଦିବସରେ ପ୍ରଭାବଶୂନ୍ୟ ରହିଥିଲେ। ମଧ୍ୟଗତିର ବୋଲର ମହମ୍ମଦ ସଲିମ ସାଫିଙ୍କୁ ୨ଟି ଓ ରହମାନ ଶାରିଫିଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା। ଭାରତର ବ୍ୟାଟିଂ ଲାଇନଅପ୍ ବେଶ୍ ଶକ୍ତିଶାଳୀ ଥିବାରୁ ବଳକା ୭ ୱିକେଟ୍‌ରେ ଦଳ ଏକ ବିଶାଳ ସ୍କୋର ଏଠାରେ ଠିଆ କରାଇବାର ସମ୍ଭାବନା ରହିଛି।

### ସଂକ୍ଷିପ୍ତ ସ୍କୋର

ଭାରତର ପ୍ରଥମ ଇନିଂସ: ୩୬୮/୩, ୮୫ ଓଭର (ରାହୁଲ- ୧୦୦, ଗିଲ୍- ୧୦୩*, ସୁଦର୍ଶନ- ୮୧, ପନ୍ତ- ୫୦*, ଜୟସ୍ୱାଲ- ୨୪, ସଲିମ ସାଫି- ୨/୬୭)।

## ଫ୍ରେଞ୍ଚ ଓପନ୍ | ପ୍ରଥମ ଗ୍ରାଣ୍ଡସ୍ଲାମ ଜିତିଲେ ଆନ୍ଦ୍ରିଭା

ପ୍ୟାରିସ, ୬।୬ (ଏଜେନ୍ସି): ରୁଷିଆର ଯୁବ ତାରକା ମାରିଆ ଆନ୍ଦ୍ରିଭା ଏଠାରେ ଚାଲିଥିବା ଫ୍ରେଞ୍ଚ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ୧୨୫ତମ ସଂସ୍କରଣରେ ଚାମ୍ପିଅନ ହୋଇଛନ୍ତି। ଶନିବାର ରୋଲାଣ୍ଡ ଗାରସରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲ ମୁକାବିଲାରେ ୮ମ ସିଡ୍ ଆନ୍ଦ୍ରିଭା ୬-୩, ୬-୨ ସିଧାସଳଖ ସେଟରେ ପୋଲାଣ୍ଡର ଯୋଗ୍ୟତା ଅର୍ଜନକାରୀ ମାଜା ଚୱାଲିସ୍କଙ୍କୁ ହରାଇଥିଲେ। ୧୯ ବର୍ଷୀୟା ଆନ୍ଦ୍ରିଭାଙ୍କ ସାମ୍ନାରେ ବିଶ୍ୱ ମାନ୍ୟତାର ୧୧୪ତମ ସ୍ଥାନରେ ଥିବା ମାଜା ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିଥିଲେ। ବିଜୟ ସହ ଆନ୍ଦ୍ରିଭା ତାଙ୍କ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଟ୍ରଫି ହାସଲ କରିଛନ୍ତି। ସେହିଭଳି ଆନ୍ଦ୍ରିଭାଙ୍କ ବିଜୟ ସହ ଫ୍ରେଞ୍ଚ ଓପନ୍ ମହିଳା ବିଭାଗରେ ଜଣେ ନୂଆ ବିଜୟିନୀଙ୍କୁ ଦେଖିବାକୁ ମିଳିଛି। ଚାମ୍ପିଅନ ଆନ୍ଦ୍ରିଭା ଟ୍ରଫି ସହ ୩.୨ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ୩୦ କୋଟି ୩୮ ଲକ୍ଷ ଟଙ୍କା) ପୁରସ୍କାର ହାସଲ କରିଛନ୍ତି। ସେହିଭଳି ରନର୍ସଅପ୍ ହୋଇଥିବା ମାଜା ୧୫ କୋଟି ୧୯ ଲକ୍ଷ ଟଙ୍କା ଘରକୁ ନେଇଛନ୍ତି।



### ଟାଇଟଲ ବଜାୟ ରଖିଲେ ଗ୍ରାନୋଲର୍ସ-ଜେବାଲୋସ୍

ଅପରପକ୍ଷରେ ପୁରୁଷ ଯୁଗଳରେ ସ୍ପେନର ମାର୍ସେଲ୍ ଗ୍ରାନୋଲର୍ସ ଓ ଆର୍ଜେଣ୍ଟିନାର ହୋରାସିଓ ଜେବାଲୋସ୍ ଯୋଡ଼ି ଟାଇଟଲ ବଜାୟ ରଖିଛନ୍ତି। ଏକପାଖିଆ ଫାଇନାଲ୍ ମ୍ୟାଚ୍‌ରେ ଏହି ଟପ୍ ସିଡ୍ ଯୋଡ଼ି ୬-୪, ୬-୨ ସିଧାସଳଖ ସେଟ୍‌ରେ ପ୍ରତିପକ୍ଷ ଦ୍ୱିତୀୟ ସିଡ୍ ଯୋଡି ଫିନଲାଣ୍ଡର ହାରି ହେଲିଓଭାରା ଏବଂ ବ୍ରିଟେନର ହେନ୍ରୀ ପ୍ୟାଟେନ୍‌ଙ୍କୁ ସହଜରେ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ଥର ପାଇଁ ଏଠାରେ ଟାଇଟଲ୍ ହାସଲ କରିଛନ୍ତି।

## ଆଶିଷଙ୍କ ହ୍ୟାଟ୍ରିକ୍; ଭାରତ ଚାମ୍ପିଅନ

**ଜୁନିଅର ଏସିଆ କପ୍ ହକି**

କାକାମିଗହରା, ୬।୬ (ଏଜେନ୍ସି): ଜାପାନରେ ଚାଲିଥିବା ୧୮ ବର୍ଷରୁ କମ୍ ପୁରୁଷ ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟର ଷଷ୍ଠ ସଂସ୍କରଣରେ ଭାରତ ଚାମ୍ପିଅନ ହୋଇଛି। ଶନିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଭାରତ ୪-୧ ଗୋଲ୍‌ରେ ଘରୋଇ ଜାପାନକୁ ପରାସ୍ତ କରି ଟାଇଟଲ୍ ଜିତିଥିଲା। ଯୁବ ଭାରତୀୟ ଦଳ ପକ୍ଷରୁ ଝାଡ଼ଖଣ୍ଡ ତାରକା ଆଶିଷ ତାନି ପୁର୍ତ୍ତୀ ହ୍ୟାଟ୍ରିକ ଗୋଲ୍ ଦେଇ ଦଳକୁ ସ୍ୱର୍ଣ୍ଣ ପଦକ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ମ୍ୟାଚର ଦ୍ୱିତୀୟ, ୨୮ତମ ଓ ୩୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ମ୍ୟାଚର ୩୦ତମ ମିନିଟରେ କେତନ କୁଶୱାହଙ୍କ ଷ୍ଟିକରୁ ଅନ୍ୟତମ ଗୋଲ୍‌ଟି ହୋଇଥିଲା। ବିଜୟ ସହ ଭାରତ ୩ୟଥର ଲାଗି ଜୁନିଅର ଏସିଆ କପ୍ ହକି ଟ୍ରଫି ଜିତିଛି। ଏଥିପୂର୍ବରୁ ଭାରତ ୨୦୦୧ ଓ ୨୦୧୬ରେ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲା।



**ମହିଳା ଦଳ କାଂସ୍ୟରେ ସନ୍ତୁଷ୍ଟ**

ଅପରପକ୍ଷରେ ଭାରତୀୟ କନିଷ୍ଠ ମହିଳା ଦଳ ଏହି ଟୁର୍ଣ୍ଣାମେଣ୍ଟରେ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଛି। ତୃତୀୟ ଓ ୪ର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ଭାରତ ୩-୦ ଗୋଲରେ କୋରିଆକୁ ପରାସ୍ତ କରିଥିଲା। ଭାରତ ପକ୍ଷରୁ ଓଡ଼ିଆ ଖେଳାଳି ସୁଇଟି କୁଜୁର, ସନ୍ଦୀପା କୁମାରୀ ଓ ନୌଶିନ ନାଜ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ପୂର୍ବରୁ ଭାରତୀୟ ଦଳ ସେମିଫାଇନାଲରେ ପରାସ୍ତ ହୋଇ ଟାଇଟଲ୍ ଦୌଡ଼ରୁ ବାଦ୍ ପଡ଼ିଥିଲା। ଜୁନିଅର ଏସିଆ କପ୍ ହକିରେ ଦୁଇ ଦୁଇଟି ପଦକ ଜିତିବା ପରେ ହକି ଇଣ୍ଡିଆ ପକ୍ଷରୁ ପୁରସ୍କାର ରାଶି ଘୋଷଣା କରାଯାଇଛି। ସ୍ୱର୍ଣ୍ଣ ବିଜୟୀ ପୁରୁଷ ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୩ ଲକ୍ଷ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ୧.୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ। ସେହିଭଳି କାଂସ୍ୟ ପଦକ ଜିତିଥିବା ମହିଳା ଦଳର ପ୍ରତ୍ୟେକ ସଦସ୍ୟାଙ୍କୁ ୧.୫ ଲକ୍ଷ ଟଙ୍କା ଓ ସପୋର୍ଟ ଷ୍ଟାଫଙ୍କ ପାଇଁ ୫୦ ହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି।

## ବୈଭବଙ୍କ ସହ ଆୟର୍ଲାଣ୍ଡ ଓ ଇଂଲଣ୍ଡ ଯିବେ ପିତାମାତା

ମୁମ୍ବଇ,୬।୬(ଏଜେନ୍ସି): ୧୯୮୯ ମସିହାରେ ଯେତେବେଳେ ୧୬ ବର୍ଷୀୟ ସଚିନ ତେନ୍ଦୁଲକର ନିଜର ପ୍ରଥମ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳିବାକୁ ପାକିସ୍ତାନ ଯାଇଥିଲେ, ସେତେବେଳେ ତାଙ୍କୁ ସାହସ ଦେବା ପାଇଁ ବଡ଼ ଭାଇ ଅଜିତ ସାଙ୍ଗରେ ଯାଇଥିଲେ। ଠିକ୍ ସେହିଭଳି ୩୭ ବର୍ଷ ପରେ ଆଉ ଜଣେ ବିସ୍ମୟ ବାଳକଙ୍କ ପାଇଁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏକ ବଡ଼ ନିଷ୍ପତ୍ତି ନେଇଛି। ଭାରତୀୟ ସିନିଅର ଦଳରେ ସ୍ଥାନ ପାଇଥିବା ୧୫ ବର୍ଷୀୟ ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କ ସହ ତାଙ୍କ ପିତାମାତା ମଧ୍ୟ ଆୟର୍ଲାଣ୍ଡ ଏବଂ ଇଂଲଣ୍ଡ ଗସ୍ତରେ ଯିବେ। ବୈଭବଙ୍କ ବୟସ ବହୁତ କମ୍ ହୋଇଥିବାରୁ ଅନ୍ତର୍ଜାତୀୟ କ୍ରିକେଟର ଚାପ ଏବଂ ବାହାର ପରିବେଶ ସହ ନିଜକୁ ଖାପଖୁଆଇ ଚଳିବାରେ ପରିବାରର ଉପସ୍ଥିତି ସହାୟକ ହେବ ବୋଲି ବିସିସିଆଇ ଅନୁଭବ କରିଛି। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି ଯେ, ବୈଭବ ଜଣେ ଶିଶୁ ହୋଇଥିବାରୁ ତାଙ୍କ ପିତାମାତାଙ୍କୁ ସାଙ୍ଗରେ ଯିବାକୁ ଅନୁମତି ଦିଆଯାଇଛି। ସେମାନଙ୍କର ସମସ୍ତ ଗସ୍ତ ଖର୍ଚ୍ଚ ବୋର୍ଡ ବହନ କରିବ। ବିହାରର ଏହି ବାମହାତୀ ବ୍ୟାଟର ନିକଟରେ ଶେଷ ହୋଇଥିବା ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ୨୩୭.୩୦ ଷ୍ଟ୍ରାଇକ୍ ରେଟ୍‌ରେ ୭୭୬ ରନ୍ ସଂଗ୍ରହ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଚିନଙ୍କ ପରେ ସେ ଭାରତୀୟ ସିନିଅର ଦଳରେ ସ୍ଥାନ ପାଇଥିବା ସବୁଠାରୁ କମ୍ ବୟସ୍କ ଖେଳାଳି ହୋଇଛନ୍ତି।

## ଗୀତାଞ୍ଜଳିଙ୍କ କୃତିତ୍ୱ



ଭୁବନେଶ୍ୱର, ୬।୬ (ସମିସ): ପୋଲାଣ୍ଡରେ ବିଶ୍ୱ ବେଞ୍ଚ୍ ପ୍ରେସ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି। ଏହି ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ୫୦ଟି ଦେଶ ଭାଗ ନେଇଥିଲେ। ଯେଉଁଥିରେ ଓଡ଼ିଶାର ଗୀତାଞ୍ଜଳି ନାୟକ ଅଂଶଗ୍ରହଣ କରି ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିଥିଲେ। ଗୀତାଞ୍ଜଳିଙ୍କ ଏହି ସଫଳତା ପାଇଁ କୋଚ୍ ତଥା ଓଡ଼ିଶା ରାଜ୍ୟ ପାୱାର ଲିଫ୍ଟିଙ୍ଗ ସଂଘର ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି।

# ୧୮ କ୍ୟାରେଟ୍ ସୁନାରେ ତିଆରି ଟ୍ରଫି

ଆଉ ଦିନ କେଇଟା ପରେ ଆରମ୍ଭ ହେବ ଫୁଟବଲ୍‌ର ମହାକୁମ୍ଭ ଫିଫା ବିଶ୍ୱକପ୍। ପ୍ରଥମଥର ଲାଗି ୩ଟି ଦେଶ ଆମେରିକାର, ମେକ୍ସିକୋ ଓ କାନାଡା ମିଳିତ ଭାବେ ବିଶ୍ୱକପ୍‌ର ୨୩ତମ ସଂସ୍କରଣକୁ ଆୟୋଜନ କରୁଛନ୍ତି। ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ଦଳ ଏଥର ଡିଫେଣ୍ଡିଂ ଚାମ୍ପିଅନ ଭାବେ ବିଶ୍ୱକପ୍‌ରେ ପ୍ରବେଶ କରିଛି। ଚାରିବର୍ଷରେ ଥରେ ଆୟୋଜିତ ହେଉଥିବା ବିଶ୍ୱର ଏହି ସବୁଠୁ ଲୋକପ୍ରିୟ କ୍ରୀଡ଼ାକୁ ନେଇ ଏବେ ପ୍ରଶଂସକଙ୍କ ମନରେ ନାହିଁ ନ ଥିବା ଉତ୍ସୁକତା ଦେଖାଦେଇଛି। ବିଶେଷ କରି ବିଶ୍ୱକପ୍ ସମ୍ବନ୍ଧୀୟ ଟିକିନିଖି ଖବର ଜାଣିବାକୁ ଫୁଟବଲପ୍ରେମୀ ଆଗ୍ରହ ରଖୁଛନ୍ତି। ବିଶ୍ୱକପ୍‌ରେ ପ୍ରଦାନ କରାଯାଉଥିବା ଟ୍ରଫି ସମ୍ପର୍କ କିଛିଟା ରୋଚକ ତଥ୍ୟ ଏଠାରେ ଉଲ୍ଲେଖ କରୁଛୁ।

ଚାମ୍ପିଅନ ଦଳକୁ ପ୍ରଦାନ କରାଯାଉଥିବା ଟ୍ରଫିର ଉଚ୍ଚତା ୩୭ ସେଣ୍ଟିମିଟର। ଏହି ଟ୍ରଫିଟି ୧୮ କ୍ୟାରେଟ ସୁନାରେ ନିର୍ମିତ ହୋଇଛି। ଯାହାର ଓଜନ ୬ କିଲୋଗ୍ରାମ ରହିଛି। ଏହି ଟ୍ରଫିର ଡିଜାଇନ ଦୁଇଟି ମାନବ ପ୍ରତିମୂର୍ତ୍ତି ପୃଥିବୀକୁ ଧରି ରହିଥିବା ଦର୍ଶାଉଛି। ଏହି ଚିତ୍ର ପ୍ରକୃତରେ ଦର୍ଶାଉଛି ଯେ କାହିଁକି ଫୁଟବଲ୍ ବିଶ୍ୱର ଶ୍ରେଷ୍ଠ କ୍ରୀଡ଼ା।

ଉଲ୍ଲେଖନୀୟ କଥା ହେଉଛି ଏହି ଟ୍ରଫିଟି ସମ୍ପୂର୍ଣ୍ଣ କଠିନ ନୁହେଁ; ଏହା ଭିତରଟା ଫମ୍ପା। ଯଦି ଏହା ସମ୍ପୂର୍ଣ୍ଣ ସୁନାରେ ତିଆରି ହୋଇଥାନ୍ତା, ତେବେ ବହୁତ ଭାରୀ ହୋଇଥାନ୍ତା। ଫଳରେ ଖେଳାଳିମାନେ ବିଜୟ ଉତ୍ସବ ପାଳନ ସମୟରେ ଏହାକୁ

**ଫିଫା ବିଶ୍ୱକପ୍**
**ଆଉ ୪ ଦିନ**

ସହଜରେ ଉଠାଇପାରନ୍ତେ ନାହିଁ। ଟ୍ରଫିର ମୂଳ ଭାଗରେ ମାଲାକାଇଟ୍‌ର ଦୁଇଟିସ୍ତର ରହିଛି, ଯାହା ଏକ ସବୁଜ ଅର୍ଦ୍ଧ-ମୂଲ୍ୟବାନ ଖଣିଜ ପଦାର୍ଥ। ୧୯୭୦ ମସିହାରେ ଫିଫା ଏକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆରମ୍ଭ କରିବା ପରେ ଏହାକୁ ଇଟାଲୀୟ ମୂର୍ତ୍ତିକାର ସିଲଭିଓ ଗାଜାନିଗା ଡିଜାଇନ୍ କରିଥିଲେ। ୧୯୭୦ରେ ମେକ୍ସିକୋରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ରେ ବ୍ରାଜିଲ ଚାମ୍ପିଅନ ହୋଇଥିଲା। ତୃତୀୟ ବିଶ୍ୱକପ୍ ଟାଇଟଲ ଜିତିବା ପରେ ପୂର୍ବ ଟ୍ରଫି 'ଜୁଲ୍ସ ରିମେଟ୍ ଟ୍ରଫି'କୁ ସ୍ଥାୟୀ ଭାବରେ ବ୍ରାଜିଲକୁ ପ୍ରଦାନ କରାଯାଇଥିଲା। ୧୯୭୪




ମସିହାରେ କିମ୍ବଦନ୍ତୀ ଡିଫେଣ୍ଡର ଫ୍ରାଞ୍ଜ ବେକେନବାଉରଙ୍କ ନେତୃତ୍ୱରେ ପଶ୍ଚିମ ଜର୍ମାନୀ ପ୍ରଥମଥର ପାଇଁ ବର୍ତ୍ତମାନ ପ୍ରଦାନ କରାଯାଉଥିବା ଟ୍ରଫି ଜିତିଥିଲା। ବର୍ତ୍ତମାନ ରହିଥିବା ବିଶ୍ୱକପ୍ ଟ୍ରଫିର ମୂଲ୍ୟ ପ୍ରାୟ ୨୫୦,୦୦୦ ଆମେରିକୀୟ ଡଲାର (୨.୩୮ କୋଟି ଟଙ୍କା) ହେବ ବୋଲି ଆକଳନ କରାଯାଇଛି। ଗତ କିଛି ମାସ ମଧ୍ୟରେ ସୁନାର ଅନ୍ତର୍ଜାତୀୟ ମୂଲ୍ୟ ବୃଦ୍ଧି ପାଇଛି, ଏବଂ ଟ୍ରଫି ତିଆରି କରିବା ପାଇଁ ଆବଶ୍ୟକ କାରିଗରୀ ବହୁତ ଅଧିକ। ତଥାପି, ଟ୍ରଫିର ପ୍ରକୃତ ମୂଲ୍ୟ ଅନେକ ଗୁଣ ଅଧିକ। ଯଦି ଆଜି ବଜାରରେ ଟ୍ରଫିକୁ ନିଲାମ କରାଯାଏ, ତେବେ ଏହାର ମୂଲ୍ୟ ୨୦ ନିୟୁତ ଡଲାର (୧୯୦ କୋଟି ୮୦ ଲକ୍ଷ ଟଙ୍କା) ଅତିକ୍ରମ କରିପାରେ ବୋଲି ଆକଳନ କରାଯାଉଛି।

ବହୁତ କମ୍ ଲୋକ ଜାଣିଥିବେ ଯେ ବିଜେତା ଦଳଗୁଡ଼ିକ ମୂଳ ତଥା ଅରିଜିନାଲ ଟ୍ରଫିକୁ ସମ୍ପୂର୍ଣ୍ଣ ଭାବେ ରଖିବାକୁ ଦିଆଯାଏ ନାହିଁ। ଫିଫା ପ୍ରକୃତ ଟ୍ରଫିର ମାଲିକାନା ବଜାୟ ରଖିଥାଏ। ଯାହାକୁ ଫାଇନାଲ୍ ଶେଷ ହେବା ପରେ ତୁରନ୍ତ ଜୁରିଚ୍‌ରେ ଥିବା ଏହାର ମୁଖ୍ୟାଳୟକୁ ଫେରାଇ ନିଆଯାଏ। ଏହା ବଦଳରେ ଚାମ୍ପିଅନ ଦେଶକୁ ଏକ ସୁନା ପ୍ଲେଟେଡ୍ ବ୍ରୋଞ୍ଜ ପ୍ରତିକୃତି ଦିଆଯାଇଥାଏ। ସେହି ଟ୍ରଫିକୁ ଧରି ଚାମ୍ପିଅନ ଦଳ ସ୍ୱଦେଶ ଫେରିଥାଏ।

## କ୍ୟୁରୋଜୀ ଓ ପୁମସେ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍

ଭୁବନେଶ୍ୱର, ୬।୬ (ସମିସ): ଏହେସାସ ତାଏକ୍ୱୋଣ୍ଡୋ ଏକାଡେମୀ ପକ୍ଷରୁ ବଡ଼ଗଡ଼ସ୍ଥିତ ତାଏକ୍ୱୋଣ୍ଡୋ ଟ୍ରେନିଙ୍ଗ ସେଣ୍ଟରରେ ଦ୍ୱିତୀୟ ଭୁବନେଶ୍ୱର ଜିଲ୍ଲା କ୍ୟୁରୋଜୀ ଏବଂ ପୁମସେ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି। ଏହି ଦିନିକିଆ ପ୍ରତିଯୋଗିତାରେ ଚାରୋଟି କ୍ଲବରୁ ପାଖାପାଖି ୭୦ ଜଣ ପ୍ରତିଯୋଗୀ ଭାଗନେଇଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଓଡିଶା ରାଜ୍ୟ ତାଏକ୍ୱୋଣ୍ଡୋ ଆସୋସିଏସନର ସମ୍ପାଦକ ମନମୋହନ ଭଞ୍ଜ, ସ୍ୱତନ୍ତ୍ର ଅତିଥିଭାବେ କୋଷାଧକ୍ଷ ବିବେକାନନ୍ଦ ସାମଲ, ଗେଷ୍ଟ ଅଫ ଅନର ଭାବେ ଭୁବନେଶ୍ୱର କୋଚ ଗଣେଶ ଗୌଡ଼, ଜୟନ୍ତ ପଣ୍ଡା ଏବଂ ତାଏକ୍ୱୋଣ୍ଡୋ କୋଚ ତଥା ଅନ୍ତର୍ଜାତୀୟ ଖେଳାଳି ଏହେସାସ ହୋତା ପ୍ରମୁଖ ଯୋଗଦାନ କରି କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ। ଓଡିଶା ତାଏକ୍ୱୋଣ୍ଡୋ ଆସୋସିଏସନ ପକ୍ଷରୁ ଏହି ପ୍ରତିଯୋଗିତାକୁ ସମସ୍ତ ଟେକ୍ନିକାଲ ସପୋର୍ଟ କରାଯାଇଥିବା। ଭୁବନେଶ୍ୱର ଆମେଚର ତାଏକ୍ୱୋଣ୍ଡୋ ଆସୋସିଏସନ ପକ୍ଷରୁ ପ୍ରମୋଟ କରାଯାଇଛି। ଏଥିରେ ଭଲ କରିଥିବା କ୍ରୀଡ଼ାବିତଙ୍କୁ ଆଗାମୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସୁଯୋଗ ମିଳିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।



## ସିଦ୍ଧାନ୍ତ ସ୍ମାରକୀ ଜୁନିଅର କ୍ରିକେଟ୍ | ଯଦୁପୁରକୁ ଜିତାଇଲେ ଆଶୁତୋଷ

ଭୁବନେଶ୍ୱର, ୬।୬ (ସମିସ): ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଏଠାରେ ଚାଲିଥିବା ୧୬ ବର୍ଷରୁ କମ୍ ସିଦ୍ଧାନ୍ତ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଯଦୁପର ଏକାଡେମୀ ବିଜୟୀ ହୋଇଛି। ଶନିବାର ଖେଳାଯାଇଥିବା ମ୍ୟାଚରେ ଯଦୁପୁର ୯ ୱିକେଟରେ ସନସାଇନ ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ସନସାଇନ ୧୧ ଓଭରରେ ୫୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ପ୍ରତିପକ୍ଷ ଯଦୁପୁର ପକ୍ଷରୁ ଆଶୁତୋଷ ଯାଦବ ମାରାତ୍ମକ ବୋଲିଂ କରି ୧୫ ରନରେ ୫ଟି ୱିକେଟ୍ ନେଇଥିଲେ। ଜବାବରେ ଯଦୁପର ଏକାଡେମୀ ୯.୨ ଓଭରରେ ଗୋଟିଏ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ବରିଷ୍ଠ ଖେଳାଳି ଚିତ୍ତରଞ୍ଜନ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଆଶୁତୋଷଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS